# ଘୁଞ୍ଚିଲା ଓଟିଇଟି ପରୀକ୍ଷା




ଭୁବନେଶ୍ୱର, ୨୩/୦୫ (ଜେଏନ୍ଏସ୍) ଜୁନ୍ ୨୧ ତାରିଖ ପରିବର୍ତ୍ତେ ଜୁନ୍ ୨୮ ତାରିଖରେ ହେବ ଓଟିଇଟି (ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା) । ଏନେଇ ଶୁକ୍ରବାର ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ଜୁନ୍ ୨୧ ତାରିଖ ପରିବର୍ତ୍ତେ ଜୁନ୍ ୨୮ ତାରିଖରେ ହେବ ଓଟିଇଟି (ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା) । ଏନେଇ ଶୁକ୍ରବାର ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ସକାଳ ୯ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ପ୍ରଥମ ପେପର ପରୀକ୍ଷା ହେବ । ଏହା ପରେ ଅପରାହ୍ନ ୨ଟାରୁ ୪ଟା ୩୦ ଦ୍ୱିତୀୟ ପେପର ପରୀକ୍ଷା ହେବ । ୧୭ ତାରିଖରୁ ବିଏସଇ ୱେବସାଇଟ୍‌ରେ ଉପଲବ୍ଧ ହେବ ଆଡମିଟ୍ କାର୍ଡ ।


# ଜନବାର୍ତ୍ତା

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)

PRGI NO-ORORI/26/A0341 | ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ | Weekly (ସାପ୍ତାହିକ) | www.janabartta.com

VOL-1 | ISSUE-14 | BHUBANESWAR | 24 May to 30 May, 2026 | Rs–8/- | ବର୍ଷ–୧ | ସଂଖ୍ୟା–୧୩ | ଭୁବନେଶ୍ୱର | ୨୪ ମଇ ରୁ ୩୦ ମଇ, ୨୦୨୬ | ପୃଷ୍ଠା–୮ | ମୂଲ୍ୟ–୮ଟଙ୍କା



**ADVERTISEMENT TARIFF**

| | |
|---|---|
| FULL PAGE FRONT | RS. 1,00,000.00 |
| FULL PAGE BACK | RS. 80,000.00 |
| FULL PAGE COVER | RS. 80,000.00 |
| FULL PAGE INNER | RS. 80,000.00 |
| HALF PAGE FR/BK | RS. 50,000.00 |
| QUARTER PAGE | RS. 25,000.00 |
| EAR PANEL FRONT | RS. 5,000.00 |
| EAR PANEL BACK | RS. 5,000.00 |


# ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

ଆଜି ସମଗ୍ର ଭାରତ ବର୍ଷରେ ଏକ ପ୍ରମୁଖ ଚର୍ଚ୍ଚା ହେଉଛି ନିଟ୍-ୟୁଜି ପରୀକ୍ଷାର ବାତିଲ ଘଟଣା । ୨୨ ଲକ୍ଷ ଛାତ୍ରଛାତ୍ରୀ ବର୍ତ୍ତମାନ ଅନିଶ୍ଚିତତା ଓ ତତ୍‌ଜନିତ ମନସ୍ତାପ ମଧ୍ୟରେ ଗତି କରୁଛନ୍ତି । ଜଣେ ଛାତ୍ର ଇତି ମଧ୍ୟରେ ଆତ୍ମହତ୍ୟା କରିଥିବାର ଦୁଃଖଦ ଖବର ମଧ୍ୟ ପ୍ରକାଶିତ ହୋଇଛି । ଛାତ୍ରଛାତ୍ରୀଙ୍କ ସହ ସେମାନଙ୍କ ପିତାମାତା ମଧ୍ୟ ତାଙ୍କର ପିଲାଙ୍କ ଭବିଷ୍ୟତ ନେଇ କିଭଳି ଚିନ୍ତିତ ଥିବେ ତାହା ସହଜରେ ଅନୁମେୟ । ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବୀ କରିଛନ୍ତି । ଏହା ଏକ ଚିରାଚରିତ ପ୍ରଥା ।

ପରୀକ୍ଷା ପତ୍ର ଲିକ ହେବା ଆଜିକାଲି ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି । ଓଡ଼ିଶାର ଏସ୍ଆଇ ପରୀକ୍ଷା ଦୁର୍ନୀତିର ସିବିଆଇ ତଦନ୍ତ ଚାଲିଛି । ଏହା ପୂର୍ବରୁ ଅନେକ ଥର ବିଭିନ୍ନ ପରୀକ୍ଷାରେ ପ୍ରଶ୍ନ ପତ୍ର ଲିକ୍ ହେବା ଓ ପରୀକ୍ଷା ବାତିଲ ହେବା ଘଟଣା ଘଟି ଯାଇଛି । ଏ ସବୁ ସତ୍ତ୍ୱେ ସରକାର ସଜାଗ ହେଉଥିବା ଜଣା ପଡୁ ନାହିଁ । ଏହାର ସଦ୍ୟତମ ଉଦାହରଣ ହେଉଛି ସଦ୍ୟ ପ୍ରକାଶିତ ଉଚ୍ଚ ମାଧ୍ୟମିକ ପରୀକ୍ଷା ବା ପ୍ଲସ-ଟୁ ପରୀକ୍ଷା ଫଳ । ଏ ବିଷୟରେ 'ଜନବାର୍ତ୍ତା' ରେ ଏକାଧିକ ଥର ସମ୍ବାଦ ପ୍ରକାଶିତ ହେଲାଣି । ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଜନସାଧାରଣଙ୍କର ଦୃଷ୍ଟିଗୋଚର କରାଯାଇଛି । ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ଏହାର ପୁନରୁତ୍‌ଥାନ ପ୍ରାସଙ୍ଗିକ ମନେ ହୁଏ । ଉଚ୍ଚ ମାଧ୍ୟମିକ ପରିଷଦ ବା କାଉନସିଲ ଅଫ ହାୟର ଏଜୁକେଶନ ଦ୍ୱାରା ଏକ ହାଇଦ୍ରାବାଦର ସଂସ୍ଥାକୁ ନିୟୋଜିତ କରାଯାଇଛି ଅନ-ଲାଇନ ମୂଲ୍ୟାୟନ ବ୍ୟବସ୍ଥା କରାଇବା ପାଇଁ । ଏଇ ସଂସ୍ଥାର ଆବଶ୍ୟକ ଅଭିଜ୍ଞତା ନାହିଁ । ଏହାର ଡିରେକ୍ଟର ମାନେ ପୂର୍ବରୁ ଅନ୍ୟ ଏକ କମ୍ପାନୀର ଡିରେକ୍ଟର ଥିଲେ ଯାହାକି ତେଲେଙ୍ଗାନାର ପ୍ଲସ୍-ଟୁ ପରୀକ୍ଷା ମୂଲ୍ୟାୟନରେ ଏଭଳି ବିଭ୍ରାଟ ସୃଷ୍ଟି କରିଥିଲା ଯେ, ତିରିଶରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିଲେ ଓ ସେଠିକାର ସରକାର ତାକୁ ଆଉ ସେଭଳି କାମରେ ନିୟୋଜିତ ନ କରିବା ପାଇଁ ଘୋଷଣା କରିଥିଲେ । ତା ସତ୍ତ୍ୱେ ଓଡ଼ିଶା ସରକାର ପୁଣି ଥରେ ସେଭଳି ଏକ ବିବାଦମାନ ସଂସ୍ଥାକୁ ନିଯୁକ୍ତ କରି ଚାରି ଲକ୍ଷ ଲକ୍ଷ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ପ୍ରତି ଭ୍ରୂକ୍ଷେପ ନ କରିବା ଏକ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା । ଏ ସମ୍ପର୍କରେ ଗୋଟିକ ପରେ ଗୋଟିଏ ଘଟଣା ସାମନାକୁ ଆସୁଛି । ଜଣେ ଛାତ୍ର ଇଂଗ୍ଲିଶ ପେପରରେ ସମୁଦାୟ ୮୦ ମାର୍କରୁ ୮୨ ମାର୍କ ପାଇଛନ୍ତି ।



ବିଜୟ କୁମାର ପଟ୍ଟନାୟକ

ତାହା ହେଲେ ବାରମ୍ବାର ଏପରି ଘଟଣା ଘଟିବା ସତ୍ତ୍ୱେ ପରିସ୍ଥିତିରେ ସୁଧାର ନ ଆସିବାର କାରଣ କ'ଣ ? ଏହାର ଅନେକ କାରଣ ଅଛି । ଗୋଟିଏ ହେଲା ବୈଷୟିକ । ଏକ ସମୟରେ ସବୁ ମୁଖ୍ୟ ପରିକ୍ଷାଗୁଡିକ ଲେଖା ଉତ୍ତର ଉପରେ ନିର୍ଭରଶୀଳ ଥିଲା । ପରୀକ୍ଷାର୍ଥୀ ମାନେ ନିଜ ହସ୍ତାକ୍ଷରରେ ପ୍ରତି ପ୍ରଶ୍ନର ଦୁଇ ତିନି ପୃଷ୍ଠାର ଉତ୍ତର ଲେଖୁଥିଲେ ଓ ତିନି ଘଣ୍ଟିଆ ପରୀକ୍ଷା ହେଉଥିଲା । ଖାତା ଗୁଡ଼ିକ ବସ ବା ଟ୍ରେନରେ ମୂଲ୍ୟାୟନ ପାଇଁ ଶିକ୍ଷକମାନଙ୍କ ପାଖକୁ ପଠାଯାଉଥିଲା । ଖାତା ଗୁଡ଼ିକରେ ଦିଆଯାଇଥିବା ମାର୍କ ଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଫର୍ମରେ ଟାବୁଲେଟ କରାଯାଉଥିଲା ଓ ତାହାର ଭିତ୍ତିରେ ଫଳ ପ୍ରକାଶ ପାଉଥିଲା । କାଳକ୍ରମେ ପରୀକ୍ଷାର୍ଥୀମାନଙ୍କର ସଂଖ୍ୟା ଏତେ ମାତ୍ରାରେ ବଢ଼ିଗଲା ଯେ, ଏତେ ସଂଖ୍ୟକ ବ୍ୟକ୍ତିଙ୍କ ପାଇଁ ଖାତା ଲେଖା ଓ ଖାତା ଦେଖା ସମ୍ଭବପର ହେଲା ନାହିଁ । ତାହା ବ୍ୟତୀତ ଲମ୍ବା ଉତ୍ତର ଗୁଡ଼ିକରେ ବିଭିନ୍ନ ଶିକ୍ଷକ ଭିନ୍ନ ଭିନ୍ନ ମାର୍କ ଦେବା ପରିଲକ୍ଷିତ ହେଲା । ଏ ସବୁ ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ଏକ ଭିନ୍ନ ପ୍ରକାରର ପରୀକ୍ଷା କରାଗଲା ଯାହାର ନାମ ହେଲା ଓଏମ୍ଆର ବ୍ୟବସ୍ଥା । ଏ ବ୍ୟବସ୍ଥାରେ ପ୍ରଶ୍ନ ଓ ଉତ୍ତର ଏକତ୍ର ଗୋଟିଏ ଖାତାରେ ରହିବାର ବ୍ୟବସ୍ଥା ହେଲା । ପ୍ରତ୍ୟେକ ପ୍ରଶ୍ନ ତଳେ ଏକାଧିକ ସମ୍ଭାବ୍ୟ ଉତ୍ତର ଦିଆଗଲା ଓ ତା ପାର୍ଶ୍ୱରେ ଗୋଲାକାର ଚିହ୍ନମାନ ରହିଲା । ପରୀକ୍ଷାର୍ଥୀମାନେ ତାହା ମଧ୍ୟରୁ ଗୋଟିଏ ଉତ୍ତର ବାଛି ତାହା ସନ୍ନିକଟରେ ଥିବା ବୃତ୍ତକୁ ପେନସିଲ୍‌ରେ ରଙ୍ଗାୟିତ କରିବେ । ରଙ୍ଗାୟିତ ହୋଇଥିବା ବୃତ୍ତ ଗୁଡ଼ିକ କମ୍ପ୍ୟୁଟର ମାଧ୍ୟମରେ ଗଣାଯାଇ ମାର୍କ ନିର୍ଦ୍ଧାରିତ ହେବ । କହିବା ବାହୁଲ୍ୟ ଯେ, ଲମ୍ବା ଉତ୍ତର ମୂଲ୍ୟାୟନ ବ୍ୟବସ୍ଥା ଅପେକ୍ଷା ଏହା ଅନେକ ମାତ୍ରାରେ କ୍ଷିପ୍ରତର ଓ ତ୍ରୁଟିଶୂନ୍ୟ । ନିକଟରେ ବାତିଲ ହୋଇଥିବା ନିଟ- ୟୁଜି ପରୀକ୍ଷା ମଧ୍ୟ ଓଏମ୍ଆର ପଦ୍ଧତିରେ ହିଁ ହୋଇଥିଲା । ତାହା ହେଲେ ବିଭ୍ରାଟ ରହିଲା କେଉଁଠି ?

ମିଳୁଥିବା ସମ୍ବାଦରୁ ଜଣା ପଡ଼େ ଯେ, ନିଟ୍ ପରୀକ୍ଷା ପୂର୍ବରୁ ଅନେକ ଗୁଡ଼ିଏ ସମ୍ଭାବ୍ୟ ପ୍ରଶ୍ନ ପତ୍ର ବା ଗ୍ରେସ୍ ପେପର ଘୂରିବୁଲେ । ଚଳିତ ପରୀକ୍ଷା କ୍ଷେତ୍ରରେ ଦେଖାଗଲା ଯେ, ଗୋଟିଏ ଗ୍ରେସ୍ ପେପରରେ ପରୀକ୍ଷାରେ ପଡ଼ିଥିବା ସମୁଦାୟ ୧୮୦ ଟି ପ୍ରଶ୍ନ ମଧ୍ୟରୁ ପ୍ରାୟ ୧୨୦ ଟି ଅବିକଳ ସମାନ ରହିଲା । ବ୍ୟବସ୍ଥା ଭିତରେ ଥିବା କୌଣସି ବ୍ୟକ୍ତି ବା ଗୋଷ୍ଠୀର ସମ୍ପୃକ୍ତି ବିନା ତାହା ସମ୍ଭବ ହୋଇ ନ ଥାଆନ୍ତା । ତେଣୁ ପରୀକ୍ଷା ବାତିଲ କରିବା ଭିନ୍ନ ଅନ୍ୟ ଉପାୟ ନ ଥିଲା ।

ବର୍ତ୍ତମାନ ନିଟ୍ ପରୀକ୍ଷା କରୁଥିବା ଜାତୀୟ ପରୀକ୍ଷଣ ସଂସ୍ଥା ବା ଏନ୍‌ଟିଏ ଆଗାମୀ ପରିକ୍ଷାକୁ କମ୍ପ୍ୟୁଟର ଭିତ୍ତିକ କରିବା ପାଇଁ ଚାହୁଁଛି । ଏହି ପଦ୍ଧତିରେ ଗୋଟିଏ ଗୋଟିଏ ପରୀକ୍ଷାର୍ଥୀ ଗୋଟିଏ ଗୋଟିଏ କମ୍ପ୍ୟୁଟର ସାମ୍ନାରେ ବସିବେ, ପରୀକ୍ଷା ଆରମ୍ଭ ହେଲା ମାତ୍ରେ ପ୍ରଶ୍ନପତ୍ରଟି କମ୍ପ୍ୟୁଟର ସ୍କ୍ରିନରେ ଦେଖାଯିବ, ପରୀକ୍ଷାର୍ଥୀ ଜଣକ ସେଇ କମ୍ପ୍ୟୁଟର ସ୍କ୍ରିନ୍‌ରେ ସଠିକ ଉତ୍ତରରେ ମାର୍କ ଦେଇଦେବେ ଓ ମୂଲ୍ୟାୟନ ତତ୍‌କ୍ଷଣାତ ହୋଇଯିବ । ଏ ବ୍ୟବସ୍ଥାରେ କେଉଁଠାରେ ଟିକିଏ ବି କାଗଜ ବ୍ୟବହାର ହେବ ନାହିଁ । ଯେହେତୁ ପ୍ରଶ୍ନପତ୍ର ଛାପିବାର ଆବଶ୍ୟକତା ନାହିଁ ତେଣୁ ବିଭିନ୍ନ ପରୀକ୍ଷାର୍ଥୀ ପାଇଁ ଭିନ୍ନ ଭିନ୍ନ ପ୍ରଶ୍ନ ପଚରା ଯାଇପାରିବ । ଏକାଧିକ ପ୍ରଶ୍ନ ପତ୍ର ଥିବାରୁ ଜଣେ ପରୀକ୍ଷାର୍ଥୀ ଅନ୍ୟ ଜଣକ ଠାରୁ କପି କରିବାର ସମ୍ଭାବନା କଅମ ରହିବ । କିନ୍ତୁ ଏହା କ'ଣ ତ୍ରୁଟିଶୂନ୍ୟ ?

ଇତି ମଧ୍ୟରେ ଓଡ଼ିଶାରେ କେତେକ କମ୍ପ୍ୟୁଟର ଭିତ୍ତିକ ପରୀକ୍ଷା ହୋଇ ସାରିଛି । କିନ୍ତୁ ସେଥିରେ ମଧ୍ୟ ବ୍ୟାପକ ଦୁର୍ନୀତି ହୋଇଥିବାର ଅଭିଯୋଗ ହୋଇଛି । ଅଭିଯୋଗ ହେଲା ଏହି ପରୀକ୍ଷାମାନଙ୍କରେ କେତେକ ଜନ ସେବା କେନ୍ଦ୍ରକୁ ପରୀକ୍ଷା କେନ୍ଦ୍ର ଭାବରେ ବ୍ୟବହାର କରାଯାଇଛି । ସେଠାରେ ଆବଶ୍ୟକ ଭିତ୍ତିଭୂମି ନାହିଁ, ପରୀକ୍ଷା ପରିଚାଳନା ପାଇଁ ନିରୀକ୍ଷକ ନାହାନ୍ତି, ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀମାନେ ଖୋଲା ଖୋଲି ଭାବରେ ମୋବାଇଲ ଫୋନ ବ୍ୟବହାର କରୁଛନ୍ତି, ଫୋନ ଦ୍ୱାରା ପ୍ରଶ୍ନ ପତ୍ରର ଫଟୋ ଉଠାଇ ଏକ୍ସପର୍ଟ ମାନଙ୍କ ପାଖକୁ ପଠାଉଛନ୍ତି ଏବଂ ଫୋନରେ ଉତ୍ତର ଆଣି ତାକୁ କମ୍ପ୍ୟୁଟରରେ ଚଢ଼ାଉଛନ୍ତି ।

ଉପରିସ୍ଥ ଆଲୋଚନା ପରେ ଏହା ସ୍ପଷ୍ଟ ପ୍ରତୀତ ହେବ ଯେ, ପରୀକ୍ଷାର ବୈଷୟିକ ଦିଗ ଅପେକ୍ଷା ପରିଚାଳନା ପଦ୍ଧତି ଅଧିକ ଗୁରୁତ୍ୱପୂର୍ଣ୍ଣ । ଯଦି ପ୍ରଶ୍ନକର୍ତ୍ତାମାନେ ବିଭିନ୍ନ ଆଳରେ ପ୍ରଶ୍ନ ଗୁଡ଼ିକ ପ୍ରଘଟ କରିଦିଅନ୍ତି, ଯଦି ନିରୀକ୍ଷକମାନେ କପି କରିବାକୁ ପ୍ରଶ୍ରୟ ଦିଅନ୍ତି, ଯଦି ପରିଚାଳକ ମାନେ ସିଟ ବିକ୍ରି କରନ୍ତି, ତେବେ ଓଏମ୍ଆର ହେଉ ବା କମ୍ପ୍ୟୁଟର ଭିତ୍ତିକ ପରୀକ୍ଷା, କୌଣସିଟି ପ୍ରକୃତ ମେଧାବୀ ବ୍ୟକ୍ତିଙ୍କୁ ନ୍ୟାୟ ଦେଇ ପାରିବ ନାହିଁ । ଯଦି ପରୀକ୍ଷା ସଠିକ ଭାବରେ କରା ନ ଯାଏ ତେବେ ଛାତ୍ରଛାତ୍ରୀମାନେ ପାଠ ପଢ଼ିବେ କାହିଁକି ? ଯଦି ଡାକ୍ତରମାନେ ଅସାଧୁ ଉପାୟରେ ଡାକ୍ତର ହୁଅନ୍ତି ତେବେ ରୋଗୀମାନଙ୍କର ଅବସ୍ଥା କ'ଣ ହେବ ? ଯେଉଁ ଦେଶରେ ମେଧାବୀ ବ୍ୟକ୍ତି ତାହାର ମୂଲ୍ୟ ପାଏନା ସେ ଦେଶ କେବେହେଲେ ଉନ୍ନତ ହୋଇ ପାରିବ ନାହିଁ ।

ପରୀକ୍ଷାରୁ ଦୁର୍ନୀତି ଦୂର କରିବାକୁ ହେଲେ କେତେକ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାକୁ ହେବ । ପ୍ରଥମତଃ ସଂସ୍ଥା ମଧ୍ୟରେ ଥିବା ଅସାଧୁ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ । ଯଦି ସିବିଆଇ ବା କ୍ରାଇମ ବ୍ରାଞ୍ଚ ତଦନ୍ତ ନାଁ ରେ ବର୍ଷ ବର୍ଷ ଧରି ଅଭିଯୁକ୍ତ ମାନଙ୍କ ନାମରେ ମୋକଦ୍ଦମା ଚାଲେ ଓ ସେ ପର୍ଯ୍ୟନ୍ତ ସେମାନେ ସେମାନଙ୍କର କାର୍ଯ୍ୟକଳାପ ଚଳାଇ ରଖନ୍ତି ତେବେ ଅବସ୍ଥାରେ ଉନ୍ନତି ହେବ କିପରି ? ପରୀକ୍ଷାରେ ଦୁର୍ନୀତି ଜଣେ ବ୍ୟକ୍ତିର କାର୍ଯ୍ୟ ନୁହେଁ । ଏହା ଏକ ରାକେଟ ଯେଉଁଥିରେ ଉଚ୍ଚକ୍ଷମତାଧିକାରୀ ମାନେ ମଧ୍ୟ ସମ୍ପୃକ୍ତ । ସେଥିପାଇଁ ପ୍ରଥମେ କ୍ଷମତାରେ ଥିବା ବ୍ୟକ୍ତିଗଣ – ମନ୍ତ୍ରୀ ହୁଅନ୍ତୁ ବା ସଚିବ – ଏ କଳଙ୍କିତ କାର୍ଯ୍ୟ କଳାପରୁ ନିଜକୁ ମୁକ୍ତ ରଖିବା ଉଚିତ ।

ଦ୍ୱିତୀୟତଃ ବିଭିନ୍ନ ପ୍ରବେଶିକା ପରୀକ୍ଷା ପାଇଁ କୋଚିଂ ବ୍ୟବସ୍ଥାକୁ ଉଚ୍ଛେଦ କରାଯିବା ଉଚିତ । ଏହା କୋଟି କୋଟି ଟଙ୍କାର ଏକ କଳା ସାମ୍ରାଜ୍ୟ । ଭାରତର ପ୍ରାୟ ସବୁ ପ୍ରଦେଶରେ ଏଭଳି ସେଣ୍ଟର ଗଢ଼ି ଉଠିଛି । ବର୍ଷ ବର୍ଷ ଧରି କୋମଳମତି ଛାତ୍ରଛାତ୍ରୀମାନେ ଏଇ ସବୁ ସେଣ୍ଟରରେ ସଶ୍ରମ କାରାଦଣ୍ଡ ଭୋଗ କରି ଆସୁଛନ୍ତି । ଉଚ୍ଚ ମାଧ୍ୟମିକ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନେ ନିଜ ସିଲାବସ୍‌ର ପାଠ ଛାଡ଼ି କୋଚିଂ ସେଣ୍ଟରର ପାଠ୍ୟକ୍ରମ ଅନୁସାରେ ପଢୁଛନ୍ତି । ପ୍ଲସ୍-ଟୁ ପରୀକ୍ଷା ଅପେକ୍ଷା ପ୍ରବେଶିକା ପରୀକ୍ଷା ତାଙ୍କ ପାଇଁ ଅଧିକ ଗୁରୁତ୍ୱ ବହନ କରୁଛି । ପ୍ରଶ୍ନ ଉଠେ, ପ୍ରବେଶିକା ପରୀକ୍ଷାରେ ଆସୁଥିବା ପ୍ରଶ୍ନଗୁଡ଼ିକ ସିବିଏସ୍‌ସି ବା ଆଇସିଏସ୍‌ସି ପରୀକ୍ଷା ପ୍ରଶ୍ନ ଗୁଡ଼ିକଠାରୁ ଏତେ ଭିନ୍ନ କାହିଁକି ? ବିଦ୍ୟାଳୟରେ ପଢ଼ା ଯାଉଥପାଠ୍ୟକ୍ରମ ଭିତ୍ତିରେ କାହିଁକି ଡାକ୍ତରୀ ବା ଇଞ୍ଜିନିୟରିଂ ଛାତ୍ର ଚୟନ କରା ନ ଯିବ ?

ତୃତୀୟତଃ ପିତାମାତାମାନେ ଏଇ ଘୃଣ୍ୟ ବ୍ୟବସ୍ଥାକୁ ପ୍ରଶ୍ରୟ ଦେଉଛନ୍ତି କାହିଁକି ? କହିବା ବାହୁଲ୍ୟ ଯେ, ପ୍ରଶ୍ନ ପତ୍ର ପ୍ରଘଟ ହେଉ ବା ସିଟ ବିକ୍ରି ହେଉ ସବୁଥିରେ ଅର୍ଥ ହିଁ ଅନର୍ଥର କାରଣ । ଏଇ ଅର୍ଥ ଦେଉଛି କିଏ ଓ କାହିଁକି ? ଏଥିରେ ଯେ ପିତାମାତାମାନେ ସମ୍ପୃକ୍ତି ଏହା କାହାରିକୁ ଅଛପା ନାହିଁ । ଯଦି ସେମାନେ ଏଥିରୁ ବିରତ ରହନ୍ତେ ତେବେ ଦୁର୍ନୀତିର ସମ୍ଭାବନା ରହନ୍ତା ନାହିଁ ।

ଏ ସମ୍ପର୍କରେ ଏକ ବ୍ୟାପକ ଜନଜାଗରଣର ଆବଶ୍ୟକତା ରହିଛି ।


**ପୂର୍ବତନ ମୁଖ୍ୟ ଶାସନ ସଚିବ**
**ଓଡ଼ିଶା ସରକାର, ଭୁବନେଶ୍ୱର**


# କକ୍ରୋଚ୍ ଜନତା ପାର୍ଟି ପାଇଁ ଜାତୀୟ ରାଜନୀତି ହଲ୍‌ଚଲ୍ !

**ଭୁବନେଶ୍ୱର, ୨୩/୦୫ (ପ୍ରମୋଦ ସାମନ୍ତରାୟ) :** ଡିଜିଟାଲ ଯୁଗରେ, ସୋସିଆଲ ମିଡିଆରେ କ'ଣ ଭାଇରାଲ ହେବ କିମ୍ବା କେବେ ହେବ ତାହା କହିହେବ ନାହିଁ । ମାତ୍ର ପାଞ୍ଚ ଦିନ ପୂର୍ବରୁ, ଇଣ୍ଟରନେଟରେ ଆରମ୍ଭ ହୋଇଥିବା ଅନନ୍ୟ ରାଜନୈତିକ ଦଳ ସବୁଠି ଶିରୋନାମା ପ୍ରସ୍ତୁତ କରିବା ଆରମ୍ଭ କରିସାରିଛି । ଏହି ଭର୍ଚୁଆଲ ପାର୍ଟି ଯାହା ଇନଷ୍ଟାଗ୍ରାମରେ ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳଗୁଡ଼ିକୁ ମଧ୍ୟ ପଛରେ ପକାଇବାରେ ସଫଳ ହୋଇଛି । ରାଜନୀତିର କରିଡରରେ ବହୁତ ହଇଚଇ ସୃଷ୍ଟି କରିଛି । ତଥାପି, ଇଣ୍ଟରନେଟରେ ଲୋକପ୍ରିୟତା ଏବଂ ପ୍ରକୃତ ନିର୍ବାଚନ ରଣଭୂମିର ବାସ୍ତବତା ମଧ୍ୟରେ ଏକ ବିରାଟ ପାର୍ଥକ୍ୟ ଅଛି । ଯଦି ଏହି ଦଳ ଭବିଷ୍ୟତରେ ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟାର ଏକ ଅଂଶ ହେବାକୁ ଚାହେଁ, ତେବେ ଏହାକୁ ନିର୍ବାଚନ କମିଶନଙ୍କ ଅତ୍ୟନ୍ତ କଠୋର ଏବଂ ଜଟିଳ ନିୟମାବଳୀ ନିୟମଗୁଡ଼ିକୁ ଅନୁସରଣ କରିବାକୁ ପଡିବ ଯାହା ଏହା ମଧ୍ୟ ବ୍ୟାଖ୍ୟା କରେ ଯେ କାହିଁକି ସେମାନଙ୍କୁ "କକ୍ରୋଚ"କୁ ସେମାନଙ୍କର ନିର୍ବାଚନ ଚିହ୍ନ ଭାବରେ ବାରଣ କରାଯିବ ।




ଆମେରିକାର ବୋଷ୍ଟନ ସହରରୁ କାର୍ଯ୍ୟ କରୁଥିବା ଅଭିଜିତ ଡିପେକେ ନାମକ ଜଣେ ବ୍ୟକ୍ତି ସୋସିଆଲ ମିଡିଆରେ "କକ୍ରୋଚ ଜନତା ପାର୍ଟି" ଆରମ୍ଭ କରିଥିଲେ । ଏହାର ସ୍ୱତନ୍ତ୍ର ପ୍ରତିଷ୍ଠାନ ବିରୋଧୀ ମନୋଭାବ ଏବଂ ଅତ୍ୟନ୍ତ ବ୍ୟଙ୍ଗାତ୍ମକ ସ୍ୱର ପାଇଁ ଦଳଟି ଇଣ୍ଟରନେଟରେ ଜଙ୍ଗଲରେ ନିଆଁ ପରି ବ୍ୟାପିଗଲା । ଏହାର ଲୋକପ୍ରିୟତା ଏତେ ଉଚ୍ଚତାରେ ପହଞ୍ଚିଛି ଯେ, ଏହା ଇନଷ୍ଟାଗ୍ରାମରେ ଭାରତୀୟ ଜନତା ପାର୍ଟି (ବିଜେପି)କୁ ମଧ୍ୟ ପଛରେ ପକାଇ ଦେଇଛି । ଏପରିକି ତୃଣମୂଳ କଂଗ୍ରେସର ଦୁଇଜଣ ଏମପି ମଧ୍ୟ ଏହାର ଉପସ୍ଥିତିକୁ ସ୍ୱୀକାର କରିଛନ୍ତି ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏହା ସହିତ ଜଡିତ ଅଛନ୍ତି । ଲୋକପ୍ରିୟତାର ଏହି ବୃଦ୍ଧି ମଧ୍ୟରେ, ଭାରତରେ ଦଳର ସରକାରୀ 'ଏକ୍ସ' (ପୂର୍ବରୁ ଟ୍ୱିଟର) ଆକାଉଣ୍ଟକୁ ଅସ୍ଥାୟୀ ଭାବରେ ଅବରୋଧ କରାଯାଇଥିଲା । ଯଦି ଏହି ଦଳ ସୋସିଆଲ ମିଡିଆର ପରିସରରୁ ପାଦ ଦେଇ ଦେଶର ଯେକୌଣସି କୋଣରୁ ପ୍ରକୃତରେ ନିର୍ବାଚନ ଲଢ଼ିବାକୁ ଚାହାଁନ୍ତି, ତେବେ ଏହାକୁ ଏକ ଲମ୍ବା ଆଇନଗତ ପ୍ରକ୍ରିୟା ଦେଇ ଗତି କରିବାକୁ ପଡ଼ିବ । ଭାରତରେ, ଯେକୌଣସି ନୂତନ ରାଜନୈତିକ ସଂଗଠନ ପାଇଁ ନିର୍ବାଚନ ଲଢ଼ିବା ପୂର୍ବରୁ ଭାରତୀୟ ନିର୍ବାଚନ କମିଶନ ସହିତ ନିଜକୁ ପଞ୍ଜୀକୃତ କରିବା ବାଧ୍ୟତାମୂଳକ । ରାଜନୈତିକ ଦଳ ଭାବରେ ପଞ୍ଜୀକରଣ ପାଇଁ ଏହି ଆଇନଗତ ପ୍ରକ୍ରିୟା ଜନପ୍ରତିନିଧିତ୍ୱ ଆଇନ, ୧୯୫୧ ର ଧାରା ୨୯ଇ ଅନୁଯାୟୀ କରାଯାଏ । ଏହି ବାଧ୍ୟତାମୂଳକ ପଞ୍ଜୀକରଣ ବିନା, କୌଣସି ସଂଗଠନ କୌଣସି ଅଧିକାର ଦାବି କରିପାରିବ ନାହିଁ କିମ୍ବା ନିର୍ବାଚନ କମିଶନଙ୍କଠାରୁ ଏକ ନିର୍ଦ୍ଦିଷ୍ଟ ନିର୍ବାଚନ ଚିହ୍ନ ଦାବି କରିପାରିବ ନାହିଁ । ଭାରତରେ, ନିର୍ବାଚନ ଚିହ୍ନ ବଣ୍ଟନର ଏକମାତ୍ର ଦାୟିତ୍ୱ କେବଳ ନିର୍ବାଚନ କମିଶନଙ୍କ ଉପରେ ନିର୍ଭର କରେ । ଦେଶରେ ନିର୍ବାଚନ ପ୍ରତୀକଗୁଡ଼ିକୁ ମୁଖ୍ୟତଃ ଦୁଇଟି ଗୋଷ୍ଠୀରେ ବର୍ଗୀକୃତ କରାଯାଇଛି: ପ୍ରଥମଟିରେ "ସଂରକ୍ଷିତ ପ୍ରତୀକ" ଅନ୍ତର୍ଭୁକ୍ତ, ଯାହା ପ୍ରମୁଖ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକ ପାଇଁ ସଂରକ୍ଷିତ ଏବଂ ସେମାନଙ୍କ ଦ୍ୱାରା ଧାରଣ କରାଯାଏ ଯେପରିକି 'କମଳ' କିମ୍ବା 'ଝାଡୁ' । ଦ୍ୱିତୀୟ ବର୍ଗରେ 'ମୁକ୍ତ ପ୍ରତୀକ' ଅନ୍ତର୍ଭୁକ୍ତ ନୂତନ ରାଜନୈତିକ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀମାନଙ୍କୁ ଆବଣ୍ଟିତ ପ୍ରତୀକ । ଏହି ମୁକ୍ତ ପ୍ରତୀକ ତାଲିକାରେ ଶହେରୁ ଅଧିକ ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁ ଅନ୍ତର୍ଭୁକ୍ତ, ଯେପରିକି ଏକ ତାଲା ଏବଂ ଚାବି, ଏକ ଏୟାର କଣ୍ଡିସନର, ଏକ ଲାପଟପ, ଏକ ଚେସବୋର୍ଡ, ଏକ ସିସି ଟିଭି କ୍ୟାମେରା ଏବଂ ଏକ ନେଲ କଟର ।

ପଞ୍ଜିକୃତ ହେବା ପରେ, ଯେକୌଣସି ରାଜନୈତିକ ଦଳ ନିର୍ବାଚନ କମିଶନଙ୍କୁ ତାଙ୍କ ପସନ୍ଦର ତିନୋଟି ନୂତନ ପ୍ରତୀକ ପ୍ରସ୍ତାବ ଦେବାକୁ ହକଦାର । ତଥାପି, ୧୯୬୮ ର ନିର୍ବାଚନ ପ୍ରତୀକ ଆଦେଶ ଅନୁଯାୟୀ, ଏକ ଅତ୍ୟନ୍ତ ସ୍ପଷ୍ଟ ଏବଂ କଠୋର ନିୟମ ବଳବତ୍ତର ଅଛି । କୌଣସି ନୂତନ ପ୍ରତୀକ ପକ୍ଷୀ କିମ୍ବା ଅନ୍ୟ କୌଣସି ଜୀବନ୍ତ ପ୍ରାଣୀ ସହିତ ସମାନ ହୋଇପାରିବ ନାହିଁ । ଯେହେତୁ ଏକ କକ୍ରୋଚ (ଅସରପା) ଏକ ଜୀବନ୍ତ ପ୍ରାଣୀ, ଏହି ନିୟମ ଦଳର ଆକାଂକ୍ଷାକୁ ବାଧା ଦେଇପାରେ । ଏବେ ଏହା ସମ୍ପୂର୍ଣ୍ଣ ଭାବରେ ନିର୍ବାଚନ କମିଶନଙ୍କ ବିବେଚନା ଉପରେ ନିର୍ଭର କରେ ଯେ, ସେ କୋକୁଆକୁ 'ଜୀବନ୍ତ ପ୍ରାଣୀ' ଭାବରେ ବର୍ଗୀକୃତ କରିବେ କି ନାହିଁ ଏବଂ ଅବଶିଷ୍ଟାଂଶ ୫ମ ପୃଷ୍ଠାରେ...

# ତୃତୀୟ ଥର ବଢ଼ିଲା ତେଲ ଦର




ଭୁବନେଶ୍ୱର, ୨୩/୦୫ (ଜେଏନ୍ଏସ୍) : ଆଜି ପୁଣି ଥରେ ତେଲ ଦର ବୃଦ୍ଧି ପାଇଛି, ଯାହା ଚଳିତ ମାସରେ ତୃତୀୟ ଦର ବୃଦ୍ଧି । ମିଳିଥିବା ସୂଚନା ଅନୁଯାୟୀ, ଆମେରିକା ଏବଂ ଇରାନ ମଧ୍ୟରେ ଲାଗିଥିବା ବିବାଦ ଯୋଗୁଁ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବଢ଼ିବାର ପ୍ରଭାବ ଭାରତରେ ଦେଖିବାକୁ ମିଳୁଛି । ପେଟ୍ରୋଲ ଲିଟର ପିଛା ପ୍ରାୟ ୮୭ ପଇସା ବୃଦ୍ଧି ପାଇଛି । ଡିଜେଲ ଲିଟର ପିଛା ପ୍ରାୟ ୯୧ ପଇସା ମହଙ୍ଗା ହୋଇଛି । ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ଦର ପ୍ରାୟ ୧୦୬.୧୮ ରେ ପହଞ୍ଚିଛି କଟକରେ ପେଟ୍ରୋଲ ଦର ପ୍ରାୟ ୧୦୩.୩୮ ରୁ ଊର୍ଦ୍ଧ୍ୱରେ ରହିଛି । ଅନୁଗୋଳରେ ଏଠାରେ ପେଟ୍ରୋଲ ଦର ୧୦୫.୭୫ ରହିଛି । ସପ୍ତାହକରେ ୫ ଟଙ୍କା ବୃଦ୍ଧି ପାଇଲାଣି ।ଗୋଟିଏ ସପ୍ତାହ ମଧ୍ୟରେ ତେଲ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

# ରୁଷିଆ-ୟୁକ୍ରେନ ଯୁଦ୍ଧରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୩/୦୫ : ୟୁକ୍ରେନର ଡ୍ରୋନ୍ ମାଡ଼ରେ ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକର ଜଣେ ଓଡ଼ିଆ ଯୁବକ (ଏ. ରାମେୟା) ପ୍ରାଣ ହରାଇଛନ୍ତି, ଯିଏକି ମାସେ ତଳେ କାମ କରିବାକୁ ରୁଷିଆ ଯାଇଥିଲେ । ଋଷ-ୟୁକ୍ରେନ ଯୁଦ୍ଧରେ ଓଡ଼ିଆ ଯୁବକ ଏ. ରାମେୟାଙ୍କ ମୃତ୍ୟୁ ଘଟିଛି ଏବଂ କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟ ଓ ଓଡ଼ିଶା ସରକାରଙ୍କ ମିଳିତ ପ୍ରଚେଷ୍ଟାରେ ତାଙ୍କର ମର୍ତ୍ତ୍ୟ ଶରୀରକୁ ସଫଳତାର ସହ ଓଡ଼ିଶା ଫେରାଇ ଅଣାଯାଇଛି । ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ଅନ୍ତର୍ଗତ ମାଧବନ୍ଧ ଗ୍ରାମର ଏ. ରାମେୟା (୩୦ ବର୍ଷ) । ସେ ଗୋଳନ୍ଥରା ଥାନା ଅନ୍ତର୍ଗତ ହରିପୁର ଛକରେ ଥିବା ଏକ ଘରୋଇ ଏଜେନ୍ସି (ମାଇକନ୍ ଏଜେନ୍ସି) ମାଧ୍ୟମରେ ମାର୍ଚ୍ଚ ମାସରେ ଋଷିଆ ଯାଇଥିଲେ । ଏପ୍ରିଲ ମାସରେ ସେ ଅନ୍ୟ ୭ ଜଣ ଓଡ଼ିଆ ଯୁବକଙ୍କ ସହ ମସ୍କୋର ଏକ ଘରୋଇ କମ୍ପାନୀରେ କାମରେ ଯୋଗ ଦେଇଥିଲେ । ମସ୍କୋରେ କମ୍ପାନୀ ପରିସର ମଧ୍ୟରେ କାମ କରୁଥିବା ସମୟରେ, ୟୁକ୍ରେନ ପକ୍ଷରୁ କରାଯାଇଥିବା ଏକ ବଡ଼ଧରଣର ଡ୍ରୋନ ଆକ୍ରମଣର ସେ ଶିକାର ହୋଇଥିଲେ । ମେ ୧୭ (ଶନିବାର) ରାତିରେ ହୋଇଥିବା ଏହି ଆକ୍ରମଣରେ ୪ ଜଣ ପ୍ରାଣ ହରାଇଥିଲେ, ଯେଉଁଥିରେ ରାମେୟା ମଧ୍ୟ ସାମିଲ ଥିଲେ । ଏଥିସହ ସେଠାରେ କାର୍ଯ୍ୟରତ ଅନ୍ୟ କେତେକ ବ୍ୟକ୍ତି ଆହତ ହୋଇଥିଲେ । ସେଠାରେ କାମ କରୁଥିବା ତାଙ୍କର ଜଣେ ସାଙ୍ଗ ଫୋନ୍ କରି ରାମେୟାଙ୍କ ପରିବାରକୁ ପ୍ରଥମେ ଏହି ଦୁଃଖଦ ଖବର ଜଣାଇଥିଲେ । ଘଟଣା ପରେ ଶୋକାକୁଳ ପରିବାର ଚିକିଟିଠାରେ ଗଞ୍ଜାମ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ଶବ ଫେରାଇ ଆଣିବାକୁ ଅନୁରୋଧ କରିଥିଲେ । ଗଞ୍ଜାମ ଜିଲ୍ଲା ପ୍ରଶାସନ, ନୂଆଦିଲ୍ଲୀ ସ୍ଥିତ ଓଡ଼ିଶା ସରକାରଙ୍କ ଆବାସିକ କମିଶନର କାର୍ଯ୍ୟାଳୟ, 'ଓଡ଼ିଶା ପରିବାର' ନିର୍ଦ୍ଦେଶାଳୟ ଏବଂ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ (ଗରଇ) ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇଥିଲା । ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ, ମେ ୨୧ (ଗୁରୁବାର) ଦିନ ଏ. ରାମେୟାଙ୍କ ମର୍ତ୍ତ୍ୟ ଶରୀରକୁ ସଫଳତାର ସହ ଓଡ଼ିଶା ଅଣାଯାଇ ତାଙ୍କ ଗ୍ରାମକୁ ପଠାଯାଇଛି ।

# ବିଦ୍ୟୁତ କର୍ମଚାରୀଙ୍କ ପାଇଁ ଲାଗିଲା ଏସମା

ଭୁବନେଶ୍ୱର, ୨୩/୦୫ (ଜେଏନ୍ଏସ୍) : ରାଜ୍ୟରେ ଅବିରତ ବିଦ୍ୟୁତ ଉତ୍ପାଦନ, ସଂଚାରଣ ଓ ବଣ୍ଟନ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟ ଗୃହ ବିଭାଗ ପକ୍ଷରୁ ଆଜି ବିଧିବଦ୍ଧ ଭାବେ ଏହି ଏସମା ଲାଗୁ ହୋଇଛି । ଟାଟା ପାୱାରର ମନମୁଖୀ କାର୍ଯ୍ୟ ଓ ଛଟେଇ ପ୍ରତିବାଦରେ ନିଖିଳ ଓଡ଼ିଶା ବିଦ୍ୟୁତ ମଜଦୁର ମହାସଂଘ ବ୍ୟାନରରେ ପ୍ରାୟ ୧୦ହଜାରରୁ ଅଧିକ ଠିକା ଶ୍ରମିକ ରାଜଧାନୀରେ ୫ଦିନ ଧରି ଆନ୍ଦୋଳନ ଜାରି ରଖିଛନ୍ତି । ଏହି ଆନ୍ଦୋଳନ ଯୋଗୁ ରାଜ୍ୟରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହେବା ଆଶଙ୍କା କରି ରାଜ୍ୟ ସରକାର ଆଜି ଏସମା ଲାଗୁ କରିଛନ୍ତି ।

ଓଡ଼ିଶା ଅତ୍ୟାବଶ୍ୟକ ସେବା ଆଇନ ବା ଏସମା - ୧୯୮୮ ଅନ୍ତର୍ଗତ ଏକ ନିର୍ଦ୍ଦେଶନାମା ଜାରି କରି ସରକାର ଆଜିଠାରୁ ଆଗାମୀ ୬ ମାସ ପର୍ଯ୍ୟନ୍ତ ସମସ୍ତ ପ୍ରକାର ବିଦ୍ୟୁତ ସେବାରେ ଧର୍ମଘଟ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...




## ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଜନ ଅସନ୍ତୋଷ

ଭୁବନେଶ୍ୱର, ୨୩/୦୫ (ଜେଏନ୍ଏସ୍) : ଓଡ଼ିଶାରେ ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଏବଂ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଅଘୋଷିତ ବିଦ୍ୟୁତ କାଟ ଜନଜୀବନକୁ ଅତିଷ୍ଠ କରିଦେଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ, ବିଶେଷ କରି ଗ୍ରାମାଞ୍ଚଳରେ ବାରମ୍ବାର ଏବଂ ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶକ୍ତି ବିଭାଗ ପକ୍ଷରୁ ଅଘୋଷିତ ବିଦ୍ୟୁତ କାଟ ନ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ସ୍ଥିତିରେ ବିଶେଷ ସୁଧାର ଆସିନାହିଁ । ଟାଟା ପାୱାରର ବିଦ୍ୟୁତ ଅବଶିଷ୍ଟାଂଶ ୭ମ ପୃଷ୍ଠାରେ...

## ଟ୍ରମ୍ପଙ୍କ ଝିଅକୁ ହତ୍ୟା ଧମକ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଝିଅ ଇଭାଙ୍କା ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ହୋଇଥିବା ଏକ ଭୟଙ୍କର ଷଡ଼ଯନ୍ତ୍ରକୁ ଆମେରିକା ସୁରକ୍ଷା ଏଜେନ୍ସି ପକ୍ଷରୁ ପଣ୍ଡ କରାଯାଇଛି । ଆମେରିକା କର୍ତ୍ତୃପକ୍ଷ ମହମ୍ମଦ ବାକର ଅଲ-ସାଦି ନାମକ ଜଣେ ୩୨ ବର୍ଷୀୟ ଇରାକୀ ନାଗରିକଙ୍କୁ ଗିରଫ କରିଛନ୍ତି । ସେ ଇରାନ ସମର୍ଥିତ ସଶସ୍ତ୍ର ଗୋଷ୍ଠୀ କାତୈବ ହିଜବୁଲ୍ଲାର ଜଣେ କମାଣ୍ଡର ବୋଲି ଜଣାପଡ଼ିଛି । ତାଙ୍କୁ ତୁର୍କୀରୁ କାବୁ କରାଯାଇ ବର୍ତ୍ତମାନ ନ୍ୟୁୟର୍କରେ ବିଚାର ପାଇଁ ଅଣାଯାଇଛି । ଅଭିଯୁକ୍ତର କହିବା ଅନୁଯାୟୀ, ସେ ୨୦୨୦ ମସିହାରେ ଆମେରିକା ଦ୍ୱାରା ହତ୍ୟା କରାଯାଇଥିବା ଇରାନର ସାମରିକ ମୁଖ୍ୟ କାସିମ୍ ସୋଲେମାନିଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ଚାହୁଁଥିଲା । ସେ ଏକ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଥିଲା ଯେ, 'ଟ୍ରମ୍ପ ଯେମିତି ଆମ ଘର (ଇରାନ/ଇରାକ) ଜଳାଇଥିଲେ, ଆମେ ଇଭାଙ୍କାଙ୍କୁ ହତ୍ୟା କରି ଟ୍ରମ୍ପଙ୍କ ପରିବାରକୁ ଜଳାଇ ଦେବୁ' । ତଦନ୍ତକାରୀ ସଂସ୍ଥା ଅଭିଯୁକ୍ତଙ୍କ ନିକଟରୁ ଫ୍ଲୋରିଡା ସ୍ଥିତ ଇଭାଙ୍କା

## 'ବ୍ୟଙ୍ଗ ପ୍ରମାଦ'

ପୁରାତନ ପ୍ରସ୍ତର ଯୁଗରୁ ଏବେ
ଅସରପା ଯୁଗ ଆସିଛି ।।
ଯୁବପିଢ଼ୀଙ୍କ ଆକ୍ରୋଶ
ପଲ୍ଲୀରୁ ଦିଲ୍ଲୀ ବ୍ୟାପିଛି ।।
ଦଳ ସଜାଡ଼ିବେ ଦେଶ ବିଗାଡ଼ିବେ
ନୂଆ ରାଜନୀତୀ ଗ୍ରାସିଛି ।।
ଫେସବୁକରୁ ଇନଷ୍ଟାଗ୍ରାମ
ଯୁବପୀଢ଼ୀ ଖାଲି ମାତିଛି ।।



ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# କର୍ମକର୍ତ୍ତାଙ୍କୁ ନୀତିନ ନବୀନ ଦେଲେ ୫ ଗୁରୁମନ୍ତ୍ର

ଭୁବନେଶ୍ୱର, ୨୩/୦୫ (ଜେଏନ୍ଏସ୍) : ରାଜ୍ୟରେ ଶାସନ କ୍ଷମତା ହାସଲ କରିବା କେବଳ ଏକମାତ୍ର ଲକ୍ଷ୍ୟ ନୁହେଁ ବରଂ ଦୀର୍ଘକାଳୀନ ସଂଘର୍ଷ ଓ ସମର୍ପଣ ମନୋଭାବ ନେଇ ସାଧାରଣ ଲୋକଙ୍କ ସେବା କରିବା ଏବଂ ସଂଗଠନକୁ ତୃଣମୂଳସ୍ତରରୁ ଅଧିକ ସୁଦୃଢ଼ କରିବା ହେଉଛି ପ୍ରତିଟି କର୍ମକର୍ତ୍ତାଙ୍କ ମୂଳ କର୍ତ୍ତବ୍ୟ। ଏଭଳି ଢଙ୍ଗରେ ଦଳୀୟ କର୍ମକର୍ତ୍ତାମାନଙ୍କ ଉତ୍ସାହ ଭରିଛନ୍ତି ଓଡ଼ିଶା ଗସ୍ତରେ ଆସିଥିବା ବିଜେପି ରାଷ୍ଟ୍ରୀୟ ଅଧକ୍ଷ ନୀତିନ ନବୀନ। ଦଳୀୟ କର୍ମୀ ଓ ନେତାମାନଙ୍କୁ ୫ଟି ଗୁରୁମନ୍ତ୍ର ଦେବା ସହ 'ବିକଶିତ ଓଡ଼ିଶା' ଗଠନ ମୂଳଲକ୍ଷ୍ୟ ବୋଲି କହିଛନ୍ତି। ପ୍ରଥମଥର ଓଡ଼ିଶା ଗସ୍ତରେ ଆସିଥିବା ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ନବୀନଙ୍କର ଆଜି ଦିନତମାମ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ରହିଥିଲା। ଆଜି ସକାଳ ସାଢ଼େ ୮ଟାରୁ କୋର କମିଟି ବୈଠକରୁ ନିଜର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ନବୀନ ଜଟଣୀରେ ପ୍ରଶିକ୍ଷଣ ଶିବିରକୁ ଉଦଘାଟନ, ମହାପ୍ରଭୁ ଶ୍ରୀଜଗନ୍ନାଥ ଦର୍ଶନ, ବିଭିନ୍ନ ମୋର୍ଚ୍ଚାର କର୍ମକର୍ତ୍ତାଙ୍କ ସହ ସାଂଗଠନିକ ପ୍ରସଙ୍ଗରେ ଆଲୋଚନା ଓ ମନ୍ତ୍ରିପରିଷଦ ସଦସ୍ୟଙ୍କ ସହ ବୈଠକ କରି ସଂଗଠନକୁ ସୁଦୃଢ଼ ପାଇଁ ଗୁରୁତ୍ୱପୂର୍ଣ୍ଣ ଟାସ୍କ ଦେଇଥିବା ଜଣାପଡ଼ିଛି। ଭୁବନେଶ୍ୱର



ସାଂଗଠନିକ ଜିଲ୍ଲା ଦ୍ୱାରା ଆୟୋଜିତ ଦୁଇଦିନିଆ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬କୁ ଆନୁଷ୍ଠାନିକ ଉଦଘାଟନ କରିବା ସହ କର୍ମକର୍ତ୍ତାଙ୍କୁ ସମ୍ବୋଧିତ କରିଥିଲେ ନୀତିନ ନବୀନ। ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ସଫଳ ନେତୃତ୍ୱରେ ଆଜି ସମଗ୍ର ବିଶ୍ୱରେ ଭାରତ ଏକ ସ୍ୱତନ୍ତ୍ର ଓ ଗୌରବମୟ ସ୍ଥାନ ସୃଷ୍ଟି କରିପାରିଛି। 'ରାଷ୍ଟ୍ର ସର୍ବୋପରି' ଭାବନାକୁ ପାଥେୟ କରି ମୋଦି ସରକାର ୨୦୨୪ ସୁଦ୍ଧା ବିକଶିତ ଭାରତ ଗଠନ ନିମନ୍ତେ ଦିନରାତି ପରିଶ୍ରମ କରୁଛନ୍ତି। ତେବେ ବର୍ତ୍ତମାନର ରାଜନୈତିକ ସ୍ଥିତି ଉପରେ ଚିନ୍ତାପ୍ରକଟ କରି ସେ କହିଛନ୍ତି ଯେ, ଅତୀତରେ ବିରୋଧୀ ଦଳଗୁଡ଼ିକ ଗଠନାତ୍ମକ ସହଯୋଗ କରୁଥିଲେ, କିନ୍ତୁ ଏବେ ସେମାନଙ୍କ ଆଚରଣ ଓ ଉଚ୍ଚାରଣରେ ନକରାତ୍ମକତା ସ୍ପଷ୍ଟ ବାରି ହୋଇପଡୁଛି। ବିରୋଧୀ ଦଳଗୁଡ଼ିକ 'ଜେନ୍ ଜି' ନାମରେ ଦେଶର ସୃଜନଶୀଳ ଓ ନବସୃଜନକ୍ଷମ ଯୁବବର୍ଗଙ୍କୁ ପଥଭ୍ରାନ୍ତ କରି ବିକାଶର ଧାରାକୁ ରୋକିବାକୁ ଚେଷ୍ଟା କରୁଛନ୍ତି।

ଏହି ଅବସରରେ ରାଷ୍ଟ୍ରୀୟ ଅଧକ୍ଷ ନୀତିନ ନବୀନ ଦଳୀୟ କର୍ମକର୍ତ୍ତାଙ୍କୁ ୫ଟି ଗୁରୁମନ୍ତ୍ର ଦେଇଛନ୍ତି। ସେ କହିଛନ୍ତି ଯେ, "ଜେନ-ଜି ଯୁବପିଢ଼ିଙ୍କ ମନରେ ଯେପରି ନକରାତ୍ମକତା ନରହେ ସେଥିପାଇଁ କାର୍ଯ୍ୟ କରିବା, ରାଷ୍ଟ୍ର ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ହେବା, ଦେଶର ଗଣତନ୍ତ୍ରରେ ଯେପରି ଅନୁପ୍ରବେଶକାରୀମାନେ ଭାଗିଦାରୀ ନହୁଅନ୍ତି ତାହା ସୁନିଶ୍ଚିତ କରିବା, ପ୍ରଧାନମନ୍ତ୍ରୀଙ୍କ ଭଳି ଦଳୀୟ ମତଭେଦ ଭୁଲି ବିକାଶ ଦିଗରେ କାର୍ଯ୍ୟ କରିବା ଓ ତୃଣମୂଳ ସ୍ତରରୁ ସାଂଗଠନିକ ସ୍ଥିତିକୁ ସୁଦୃଢ଼ କରିବା।" ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଏକ ନିରନ୍ତର ପ୍ରକ୍ରିୟା ବୋଲି ବର୍ଣ୍ଣନା କରି ସେ ଦଳ ଓ ସଂଗଠନକୁ ଅଧିକ ଶକ୍ତିଶାଳୀ କରିବା ପାଇଁ କାର୍ଯ୍ୟ ଜାରି ରଖିବାକୁ କହିଛନ୍ତି। ସେହିପରି ନିଜ ସୋସିଆଲ ମିଡ଼ିଆ ଆକାଉଣ୍ଟରେ ପୋଷ୍ଟ କରି ସେ ଉଲ୍ଲେଖ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଚାଲିଥିବା ଡବଲ ଇଞ୍ଜିନ ସରକାର ଓଡ଼ିଶାକୁ ବିକାଶର ଏକ ନୂତନ ଦିଗକୁ ନେଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବା ମହାଅଭିଯାନ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରୀୟ ପ୍ରଶିକ୍ଷଣ ସହସଂଯୋଜିକା ସାଂସଦ କବିତା ପାଟିଦାର, କ୍ଷେତ୍ରୀୟ ସଂଯୋଜକ ଦୀନେଶାନନ୍ଦ ଗୋସ୍ୱାମୀ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ରଙ୍କ ସମେତ ବିଧାୟକ ବାବୁ ସିଂ ଓ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।

ସେହିପରି ସକାଳେ ରାଷ୍ଟ୍ରୀୟ ଅଧକ୍ଷ ନୀତିନ ନବୀନ ଙ୍କ ଉପସ୍ଥିତିରେ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ କୋର କମିଟି ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଥିଲେ ଯେ, ସରକାର ଓ ସଂଗଠନ କିଭଳି ଅଧିକ ନିଖୁଣତାର ସହ ଲୋକଙ୍କ ନିକଟତର ହେବ, ସରକାରଙ୍କ ଯୋଜନାଗୁଡ଼ିକୁ ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପାଖକୁ ପହଂଚାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ୨୦୩୬ ମସିହା ସୁଦ୍ଧା ଏକ ବିକଶିତ ଓଡ଼ିଶା ଗଠନର ରୋଡମ୍ୟାପ୍ ପ୍ରସ୍ତୁତି ପାଇଁ ୫ଟି ପ୍ରମୁଖ ପରାମର୍ଶ ଦେଇଛନ୍ତି। ସରକାରୀ ନିଯୁକ୍ତି ପ୍ରସଙ୍ଗରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ମନ୍ତ୍ରି ପରିଷଦ ବୈଠକରେ ବିଭିନ୍ନ ବିଭାଗର ଉପଲବ୍ଧି ଓ ଆଗାମୀ ଲକ୍ଷ୍ୟ ସମ୍ପର୍କରେ ରାଷ୍ଟ୍ରୀୟ ଅଧକ୍ଷଙ୍କୁ ଅବଗତ କରାଯାଇଛି। ସଂଗଠନ ପାଇଁ କାର୍ଯ୍ୟ କରିବାବେଳେ 'ଅଳ୍ପରେ ସନ୍ତୁଷ୍ଟ ନହୋଇ ନିରନ୍ତର ପ୍ରୟାସ ଜାରି ରଖିବାକୁ ଅଧକ୍ଷ ନିର୍ଦ୍ଦେଶ ଦେଇଥିବା ସେ ସୂଚନା ଦେଇଛନ୍ତି। ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ନବୀନ ଜଟଣୀରେ ପ୍ରଶିକ୍ଷଣ ଶିବିର ପରେ ସପରିବାର ପୁରୀ ଗସ୍ତ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିଲେ। ଏହାସହିତ ମହାପ୍ରଭୁଙ୍କ ମହାପ୍ରସାଦ ସେବନ କରିଥିଲେ। ଶ୍ରୀ ନବୀନଙ୍କ ପୁରୀ ଗସ୍ତ ବେଳେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ପୁରୀ ସାଂସଦ ସମ୍ବିତ ପାତ୍ର ମଧ୍ୟ ତାଙ୍କ ସହ ରହିଥିଲେ। ପୁରୀରୁ ଫେରି ପୁଣିଥରେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ବିଭିନ୍ନ ମୋର୍ଚ୍ଚାର ରାଜ୍ୟ କର୍ମକର୍ତ୍ତାଙ୍କ ସହ ବୈଠକ କରି ଗୁରୁମନ୍ତ୍ର ଦେଇଥିଲେ। ରାଜ୍ୟ ପଦାଧିକାରୀ, ସାଂସଦ ଓ ବିଧାୟକଙ୍କ ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା, ଓଡ଼ିଶା ପ୍ରଭାରୀ ଓ ସହପ୍ରଭାରୀଙ୍କ ସମେତ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ବିଶେଷକରି ସଂଗଠନକୁ ସୁଦୃଢ଼ କରିବା ନିମନ୍ତେ ପରାମର୍ଶ ଦେବା ସହ କର୍ମକର୍ତ୍ତାଙ୍କ ସଙ୍ଗେ ସିଧାସଳଖ ଆଲୋଚନା ମଧ୍ୟ କରିଥିଲେ। ଏହାପରେ ରାଜ୍ୟ ମନ୍ତ୍ରୀ ପରିଷଦ ସଦସ୍ୟଙ୍କ ବୈଠକ କରି ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ରାତି ସାଢ଼େ ୮ଟାରେ ଭୁବନେଶ୍ୱର ବିମାନବନ୍ଦରରୁ ନୂଆଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି।

## ଡରାଇଲା ଇବୋଲା : ଭାରତ-ଆଫ୍ରିକା ୟୁନିୟନ ସମ୍ମିଳନୀ ସ୍ଥଗିତ

ନୂଆଦିଲ୍ଲୀ, ୨୩/୦୫ : ଆସନ୍ତା ୨୮ରୁ ୩୧ ଯାଏ ଭାରତ ଓ ଆଫ୍ରିକା ୟୁନିୟନ ମଧ୍ୟରେ ଗୋଟିଏ ବଡ଼ ସମ୍ମିଳନୀ ଦିଲ୍ଲୀରେ ହେବାକୁ ଥିଲା। କିନ୍ତୁ ଏବେ ଏହାକୁ ପରବର୍ତ୍ତୀ ତାରିଖ ଯାଏ ସ୍ଥଗିତ କରି ଦିଆଯାଇଛି। ଆଫ୍ରିକାରେ ଇବୋଲା ଭୂତାଣୁ ଯୋଗୁ ସୃଷ୍ଟି ହୋଇଥିବା ଚିନ୍ତାଜନକ ସ୍ଥିତର ପ୍ରଭାବ ଭାରତରେ ଦେଖିବାକୁ ମିଳିଛି। ଇବୋଲା ଭୂତାଣୁ ଆଫ୍ରିକାରେ ଜୀବନ ନେଉଥିବାରୁ ନୂଆଦିଲ୍ଲୀରେ ହେବାକୁ ଥିବା ସମ୍ମିଳନୀକୁ ସ୍ଥଗିତ କରି ଦିଆଯାଇଛି। ଆସନ୍ତା ୨୮ରୁ ୩୧ ଯାଏ ଭାରତ ଓ ଆଫ୍ରିକା ୟୁନିୟନ ମଧ୍ୟରେ ଗୋଟିଏ ବଡ଼ ସମ୍ମିଳନୀ ଦିଲ୍ଲୀରେ ହେବାକୁ ଥିଲା। କିନ୍ତୁ ଏବେ ଏହାକୁ ପରବର୍ତ୍ତୀ ତାରିଖ ଯାଏ ସ୍ଥଗିତ କରି ଦିଆଯାଇଛି। ବର୍ତ୍ତମାନ ଆଫ୍ରିକାର ବିଭିନ୍ନ ସ୍ଥାନରେ ମାରାତ୍ମକ ଇବୋଲା ଭାଇରସ ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ଡେମୋକ୍ରାଟିକ ରିପବ୍ଲିକ ଅଫ କଙ୍ଗୋର ଦକ୍ଷିଣ କିଭୁ ପ୍ରଦେଶରେ ଏହା ଜଣଙ୍କ ପରେ ଜଣଙ୍କୁ ମୁଣ୍ଡ ନେଉଛି। ସେଠାକାର ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବି ଚିନ୍ତା ପ୍ରକଟ କରିଛି। ଏସବୁ ଭିତରେ ଭାରତ ଓ ଆଫ୍ରିକା ୟୁନିୟ ୪ର୍ଥ ଭାରତ-ଆଫ୍ରିକା ସମ୍ମିଳନୀ ପାଇଁ ପ୍ରସ୍ତୁତ ହେଉଥିଲେ। କିନ୍ତୁ ଆଫ୍ରିକାର ସ୍ଥିତିକୁ ଦେଖି ଉଭୟ ପକ୍ଷ ସମ୍ମିଳନୀ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ପରବର୍ତ୍ତୀ ସମୟରେ ଦୁଇ ପକ୍ଷ ମିଳିତ ଭାବେ ସମ୍ମିଳନୀ ପାଇଁ ନୂଆ ତାରିଖ ସ୍ଥିର କରିବେ। ଏ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯିବ ବୋଲି ଭାରତ ସରକାର କହିଛନ୍ତି। ସମ୍ମିଳନୀକୁ ସ୍ଥଗିତ ରଖିବାକୁ ଘୋଷଣା କରିବା ପୂର୍ବରୁ ଭାରତ ସରକାର, ଆଫ୍ରିକା ୟୁନିୟନ ଅଧକ୍ଷ ଓ ଆଫ୍ରିକା ୟୁନିୟନ କମିଶନ ଆଲୋଚନା କରିଥିଲେ। ଏହାପରେ ସମସ୍ତେ ମିଳିତ ଭାବେ ୪ର୍ଥ ଭାରତ-ଆଫ୍ରିକା ଫୋରମ ସମ୍ମିଳନୀକୁ ପରବର୍ତ୍ତୀ ତାରିଖକୁ ଘୁଞ୍ଚାଇ ଦେବା ଶ୍ରେୟସ୍କର ହେବ ବୋଲି ମତ ରଖିଥିଲେ। ଭାରତରେ ଏଯାଏ ଇବୋଲା ଭୂତାଣର କୌଣସି ମାମଲା ଚିହ୍ନଟ ହୋଇନାହିଁ। ତଥାପି କେନ୍ଦ୍ର ସରକାର ସତର୍କତାକୁ ଜୋରଦାର କରିବା ସହ ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ବିଦେଶରୁ ଆସୁଥିବା ଲୋକଙ୍କୁ ସ୍କ୍ରିନିଂ କରିବାକୁ କୁହାଯାଇଛି। ସଙ୍ଗରୋଧ ଠାରୁ ଆରମ୍ଭ କରି ଲ୍ୟାବ ଟେଷ୍ଟିଂ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦିଆଯାଇଛି।

## ପୋଲିସକୁ ନାହିଁ ଭୟ ! ବିଚ୍ ରାସ୍ତାରେ ଦୁଇ ଯୁବକଙ୍କୁ ନିର୍ଘାତ ମାଡ଼



ଉଦଳା, ୨୩/୦୫ (ଜେଏନ୍ଏସ୍) : ବଢୁଛି ଗୁଣ୍ଡାରାଜ୍। ଅପରାଧୀ ବେପରୁଆ। ବାଲିଅନ୍ତା, ବ୍ରହ୍ମପୁର ପରେ ଏବେ ଉଦଳାରେ ସମାନ ଘଟଣା। ରାସ୍ତା ପାଲଟିଲା ରେସଲିଂ ରିଙ୍ଗ। ପୋଲିସକୁ ନାହିଁ ଭୟ, ଥାନା ଠାରୁ ୫ ଶହ ମିଟର ଦୂରରେ ସ୍ପଷ୍ଟ ଦିବାଲୋକରେ ବିଚ ରାସ୍ତାରେ ଗୁଣ୍ଡାଗିରି। ଉଦଳା ଥାନା ଏନଏସି ୫ ନମ୍ବର ୱାର୍ଡରେ ଯୁବକଙ୍କ ଗୁଣ୍ଡାଗିରିର ଭିଡିଓ ସାମ୍ନାକୁ ଆସିଛି। ସଂଘବଦ୍ଧ ଭାବେ ଆସିଲେ ଆଉ ଦୁଇ ଯୁବକଙ୍କୁ ନିର୍ଘାତ ମାରିଲେ। ଯିଏ ଯେମିତି ପାରିଲା ବାଡେଇ ଚାଲିଲା। ମୁଥ, ଚାପୁଡ଼ା ଠାରୁ ଆରମ୍ଭ କରି ଦୁଇ ଯୁବକଙ୍କୁ ୩ ରୁ ଅଧିକ ଯୁବକ ଗୋଡେଇ ଗୋଡେଇ ନିର୍ଘାତ ମାଡ଼ ମାରୁଥିବାର ଭିଡିଓ ସାମ୍ନାକୁ ଆସିଛି। ଯେଉଁ ଭିଡିଓରେ ଦୁଇ ଜଣ ଯୁବକଙ୍କୁ ୩ ରୁ ୪ ଜଣ ଯୁବକ ଅତି ଅମାନୁଷିକ ଭାବେ ବିଚ ରାସ୍ତାରେ ଜନଗହଳିପୂର୍ଣ୍ଣ ସ୍ଥାନରେ ମାଡ଼ ମାରୁଥିବା ଦେଖାଯାଇଛି। ଏପରିକି ମାଡ଼ ମାରି ଯୁବକଙ୍କୁ ରକ୍ତାକ୍ତ ମଧ୍ୟ କରି ଦେଇଛନ୍ତି। ଆଉ ସଂଘବଦ୍ଧ ଭାବେ ଆସିଥିବା ଯୁବକମାନେ ଗୋଡ଼ାଇ ଗୋଡ଼ାଇ ମାରିବା ଏବଂ ସ୍ଥାନୀୟ ଲୋକେ ଦେଖଣାହାରି ପାଲଟିଥିଲେ। ଏହି ଭିଡିଓଟି ଗତ ଏପ୍ରିଲ ମାସରେ ନିମ୍ନ ମାନର କାମ ବାବଦରେ ମୁହଁ ଖୋଲିଥିବାରୁ ଦୁଇ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣର ବୋଲି ଜଣାଯାଇଛି। ଆଉ ଏହି ଘଟଣା କୁ ହାଲୁକା ଭାବେ ନେଇଛି ପୋଲିସ।

## ଏଣିକି ଗାଁରେ ମିଳିବ 'ତହସିଲ ସେବା', ଲୋକଙ୍କ ସମସ୍ୟା ବୁଝିବାକୁ ରାତ୍ରି ରହଣୀ କରିବେ ବରିଷ୍ଠ ଅଧିକାରୀ

ଭୁବନେଶ୍ୱର, ୨୩/୦୫ (ଜେଏନ୍ଏସ୍) : ଏଣିକି ବିଭିନ୍ନ ରାଜସ୍ୱ ସେବା ପାଇଁ ଲୋକଙ୍କୁ ଆଉ ତହସିଲ୍ ଅଫିସକୁ ଦୌଡ଼ିବାକୁ ପଡ଼ିବ ନାହିଁ, ବରଂ ନିଜ ଗାଁରେ ହିଁ ସମସ୍ତ ସୁବିଧା ମିଳିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି ଏକ ଅଭିନବ କାର୍ଯ୍ୟକ୍ରମ 'ଆମ ଗାଆଁରେ ଆମ ତହସିଲ୍'। ଏଣିକି ବିଭିନ୍ନ ରାଜସ୍ୱ ସେବା ପାଇଁ ଲୋକଙ୍କୁ ଆଉ ତହସିଲ୍ ଅଫିସକୁ ଦୌଡ଼ିବାକୁ ପଡ଼ିବ ନାହିଁ, ବରଂ ନିଜ ଗାଁରେ ହିଁ ସମସ୍ତ ସୁବିଧା ମିଳିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି ଏକ ଅଭିନବ କାର୍ଯ୍ୟକ୍ରମ 'ଆମ ଗାଆଁରେ ଆମ ତହସିଲ୍'। ଏହି ନୂଆ କାର୍ଯ୍ୟକ୍ରମ ମାଧ୍ୟମରେ ପଂଚାୟତସ୍ତରରେ ତହସିଲ ପକ୍ଷରୁ 'କ୍ୟାମ୍ପ କୋର୍ଟ' ଖୋଲାଯାଇ ଗାଁ ଲୋକଙ୍କ ସମସ୍ୟାର ତୁରନ୍ତ ସମାଧାନ କରାଯିବ। ବରିଷ୍ଠ ଅଫିସରମାନେ ନିଜେ ଗାଁରେ ପହଂଚି ଲୋକଙ୍କ ସମସ୍ୟାର ସମାଧାନ କରିବେ। ଆଜି ଲୋକସେବା ଭବନରେ ଆୟୋଜିତ



ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଶାସନ ଓ ସେବାକୁ ସମ୍ପୂର୍ଣ୍ଣ ରୂପେ ତୃଣମୂଳ ସ୍ତରରେ ପହଂଚାଇବା ହିଁ ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି।'ଯାହା ଆମେ ଉପଲବ୍ଧି କରୁଛେ, ତାହା ଆମ ସଫଳତା ନୁହେଁ, ବରଂ ଯେଉଁ ଯୋଜନା ଅଥବା ପଦକ୍ଷେପକୁ ସାଧାରଣ ଲୋକେ ସଫଳ ବୋଲି ବିବେଚନା କରୁଛନ୍ତି, ତାହା ହିଁ ଆମ ପ୍ରକୃତ ଉପଲବ୍ଧି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ରାଜସ୍ୱ ବିଭାଗ ଆଗାମୀ ଦିନରେ ଏକ ସେବାଅଭିମୁଖୀ ମଡେଲ୍ ଆପଣାଇବାକୁ ଯାଉଛି, ଯାହା ଫାଇଲକେନ୍ଦ୍ରିକ ବ୍ୟବସ୍ଥାକୁ ବଦଳାଇ ସାଧାରଣ ଜନତାଙ୍କୁ ସର୍ବୋଚ୍ଚ ପ୍ରାଥମିକତା ଦେବ ବୋଲି ଜଣାପଡ଼ିଛି। ଏହି ନୂଆ କାର୍ଯ୍ୟକ୍ରମ ମାଧ୍ୟମରେ ପଂଚାୟତ ସ୍ତରରେ ତହସିଲ୍ ପକ୍ଷରୁ 'କ୍ୟାମ୍ପ କୋର୍ଟ'ମାନ ଆୟୋଜନ କରାଯିବ। ଏହି କ୍ୟାମ୍ପ ଜରିଆରେ ତହସିଲ୍ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ନିଜେ ଗାଁରେ ପହଂଚି ଲୋକମାନଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବେ। ଏଥିରେ ଜମି ପଟ୍ଟା ସଂଶୋଧନ, ଜମି ମାପ ବା ଡିମାର୍କେସନ୍ ଭଳି ଜରୁରୀ ରାଜସ୍ୱ ସେବା ସହିତ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ତ୍ୱରିତ ଶୁଣାଣି କରି ସମାଧାନ ପ୍ରଦାନ କରାଯିବ। ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ ଓ ସ୍ୱଚ୍ଛ କରିବା ପାଇଁ ରାଜ୍ୟସ୍ତରୀୟ ବରିଷ୍ଠ ଅଧିକାରୀମାନଙ୍କୁ ବିଭିନ୍ନ ଜିଲ୍ଲା ପାଇଁ ନୋଡାଲ୍ ଅଫିସର୍ ଭାବେ ନିଯୁକ୍ତ କରାଯାଇଛି। ଏହି ଅଧିକାରୀମାନେ ନିଜ ନିଜ ଦାୟିତ୍ୱରେ ଥିବା ଜିଲ୍ଲାଗୁଡ଼ିକୁ ଗସ୍ତ କରି ସେଠାରେ ରାତ୍ରି ରହଣି କରିବେ। ଏହି ସମୟରେ ସେମାନେ ସିଧାସଳଖ ସାଧାରଣ ଲୋକଙ୍କୁ ଭେଟି ସରକାରଙ୍କ ରାଜସ୍ୱ ସେବା ସମ୍ପର୍କରେ ସେମାନଙ୍କ ସୁଚିନ୍ତିତ ମତାମତ ଓ ଫିଡବ୍ୟାକ୍ ସଂଗ୍ରହ କରିବେ ଓ ବିଭାଗର ପ୍ରମୁଖ କଲ୍ୟାଣକାରୀ ସେବା ବିଷୟରେ ସେମାନଙ୍କୁ ସଚେତନ କରାଇବେ ବୋଲି ଜଣାପଡ଼ିଛି। ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସହରାଂଚଳରେ ଥିବା ଚାଷ ଜମିର କିସମ ପରିବର୍ତ୍ତନ ପ୍ରକ୍ରିୟାକୁ ଅଧିକ ସରଳ କରିବା ପାଇଁ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ବିସ୍ଥାପିତ ଲୋକଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଭିନ୍ନ ରାଜ୍ୟର ବ୍ୟବସ୍ଥାକୁ ଅନୁଧ୍ୟାନ କରାଯାଇ ଖୁବଶୀଘ୍ର ଏକ ନୂତନ ପୁନର୍ବାସ ଓ ଥଇଥାନ ଆଇନର ରୂପରେଖ ପ୍ରସ୍ତୁତ କରାଯିବ। ଓଡ଼ିଶା ରାଇଟ୍ ଟୁ ପବ୍ଲିକ୍ ସର୍ଭିସେସ୍ ଆକ୍ଟ ଆଧାରରେ ବିଗତ ଦୁଇ ବର୍ଷ ମଧ୍ୟରେ ୨.୫ କୋଟିରୁ ଉର୍ଦ୍ଧ୍ୱ ରାଜସ୍ୱ ସେବା ସଫଳତାର ସହ ଯୋଗାଇ ଦିଆଯାଇଛି ବୋଲି ବୈଠକରୁ ଜଣାପଡ଼ିଛି। ଏହି ଉଚ୍ଚସ୍ତରୀୟ ବୈଠକରେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଡଃ ଅରବିନ୍ଦ ପାଢ଼ୀଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଭର୍ଚ୍ଚୁଆଲ୍ ମୋଡ୍‌ରେ ଚାଲିବ ହାଇକୋର୍ଟ

କଟକ, ୨୩/୦୫ (ଜେଏନ୍ଏସ୍) : ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତିକୁ ନେଇ ବିଶ୍ୱବଜାରରେ ତୈଳ ସଂକଟ ଦେଖାଦେଇଛି। ଏହାରି ଭିତରେ ଭାରତ ମଧ୍ୟ ବାଦ ପଡ଼ିନି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅନୁରୋଧ କ୍ରମେ ଦିଲ୍ଲୀ ପରେ ଉତ୍ତର ପ୍ରଦେଶ ସରକାର ୱାର୍କ ଫ୍ରମ ହୋମ ନିୟମକୁ ଆପଣେଇଛନ୍ତି। ସଂକଟ ଭିତରେ ଓଡିଶା ହାଇକୋର୍ଟ ବଡ ନିଷ୍ପତ୍ତି। ତୈଳ ସଂକଟକୁ ଦୃଷ୍ଟିରେ ରଖି ଭର୍ଚ୍ଚୁଆଲ୍ ମୋଡ୍‌ରେ ଚାଲିବ ହାଇକୋର୍ଟ। ଆସନ୍ତା ୧୯ ଓ ୨୧ରେ ଭର୍ଚ୍ଚୁଆଲ୍ ମୋଡ୍‌ରେ ହାଇକୋର୍ଟ ଚାଲିବ। ଏହାସହିତ ଗ୍ରୀଷ୍ମ ଅବକାଶକାଳୀନ କୋର୍ଟ ଭର୍ଚ୍ଚୁଆଲ୍ ମୋଡ୍‌ରେ ହେବ। ଏହି ସମୟରେ ମାତ୍ର ୫୦% କର୍ମଚାରୀ କୋର୍ଟରେ ଉପସ୍ଥିତ ରହିବେ। ଭର୍ଚ୍ଚୁଆଲ୍ ମୋଡ୍ ନେଇ ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ନୋଟିସ୍।

## ଆମେରିକା ମାଟିରୁ ଭାରତ ବିରୋଧୀ ବୟାନ ଦେଲେ ପାକିସ୍ତାନ ସାଂସଦ

ନୂଆଦିଲ୍ଲୀ, ୨୩/୦୫ : ପୂର୍ବରୁ ହାସନ ପାକିସ୍ତାନ ମୁସଲିମ ଲିଗ ନୱାଜର ସଦସ୍ୟ ଥିଲେ। କିନ୍ତୁ ୨୦୨୪ରେ ସେ ପିପିପିରେ ସାମିଲ ହୋଇଛନ୍ତି। ସେ ନ୍ୟୁୟର୍କ କାର୍ଯ୍ୟକ୍ରମରେ ପ୍ରାୟ ଘଣ୍ଟା ଧରି ଭାଷଣ ଦେଉଥିବା ବେଳେ କ୍ରମାଗତ ଭାରତକୁ ଟାର୍ଗେଟ କରିଥିଲେ। ଆମେରିକା ମାଟିରୁ ଭାରତ ବିରୋଧୀ ବୟାନ ଦେଇ ବିବାଦକୁ ଆସିଛନ୍ତି ପାକିସ୍ତାନର ଜଣେ ରାଜନେତା। ପାକିସ୍ତାନ ସାଂସଦ ରାଣା ମହମ୍ମଦ ଉଲ ହାସନ ଭାରତ ବିରୋଧରେ ବିଷ ଓକାଳିଛନ୍ତି। ସେ ନିଜ ବୟାନରେ ବାରମ୍ବାର ଜମ୍ମୁ-କଶ୍ମୀର ପ୍ରସଙ୍ଗ ଉଠାଇବା ସହ ପାକିସ୍ତାନ ସେନାର ପ୍ରଶଂସା କରିଛନ୍ତି। ଏଥିସହ ଭାରତକୁ




ଉସକାଇବା ଭଳି ବୟାନ ଦେବାକୁ ମଧ୍ୟ ସାଂସଦ ଜଣଙ୍କ ପଛାଇ ନାହାନ୍ତି। ନ୍ୟୁୟର୍କ ସିଟିରେ ପାକିସ୍ତାନ ପିପୁଲ୍ସ ପାର୍ଟି(ପିପିପି)ର ଗୋଟିଏ କାର୍ଯ୍ୟକ୍ରମରେ ସେ ଏଭଳି ଧମକ ଦେଇଛନ୍ତି। ପୂର୍ବରୁ ହାସନ ପାକିସ୍ତାନ ମୁସଲିମ ଲିଗ ନୱାଜର ସଦସ୍ୟ ଥିଲେ। କିନ୍ତୁ ୨୦୨୪ରେ ସେ ପିପିପିରେ ସାମିଲ ହୋଇଛନ୍ତି। ସେ ନ୍ୟୁୟର୍କ କାର୍ଯ୍ୟକ୍ରମରେ ପ୍ରାୟ ଘଣ୍ଟା ଧରି ଭାଷଣ ଦେଉଥିବା ବେଳେ କ୍ରମାଗତ ଭାରତକୁ ଟାର୍ଗେଟ କରିଥିଲେ। ହାସନ ନିଜ ଭାଷଣର ଗୋଟିଏ ସମୟରେ କହିଛନ୍ତି ଯେ "ଯଦି ବୁଝି ନ ପାରିବ, ତା'ହେଲେ ହିନ୍ଦୁସ୍ତାନବାସୀ ମାଟିରେ ମିଶିଯିବ। ତୁମମାନଙ୍କ କାହାଣୀ ଇତିହାସ ବହିରେ ମଧ୍ୟ ଦେଖିବାକୁ ମିଳିବନି।" ସେ ପାକିସ୍ତାନୀମାନଙ୍କୁ ଶେଷ ନିଃଶ୍ୱାସ ଯାଏ ଭାରତ ବିରୋଧରେ ଲଢ଼ିବାକୁ ମଧ୍ୟ କହିଛନ୍ତି। ହାସନ କହିଛନ୍ତି, "ଯଦି କିଛି କାମ କରୁ ନାହିଁ, ତା'ହେଲେ ଜାହାଜକୁ ବୁଡ଼ାଇ ଦେବା। ଆମକୁ ଶେଷ ନିଃଶ୍ୱାସ ଯାଏ ଲଢ଼େଇ କରିବାକୁ ହେବ।" ଜମ୍ମୁ-କଶ୍ମୀର ପ୍ରସଙ୍ଗରେ ପାକିସ୍ତାନ ତା'ର ସମସ୍ତ ପ୍ରକାରର ଆଇନଗତ ବିକଳ୍ପ ବ୍ୟବହାର କରିବ ବୋଲି ମଧ୍ୟ ହାସନ ସୂଚନା ଦେଇଛନ୍ତି। ସେ କହିଛନ୍ତି, "କଶ୍ମୀର ପ୍ରସଙ୍ଗ ଯେଉଁ ପର୍ଯ୍ୟନ୍ତ ସମାଧାନ ହେବନି ସେ ଯାଏ ଆମେ ସବୁ ମୋର୍ଚ୍ଚାରେ ଏହାକୁ ନେଇ ଲଢ଼େଇ କରିବୁ।" ସେ ଭାରତରକୁ ଶତ୍ରୁ ଭାବେ ବିବେଚନା କରିଛନ୍ତି। ବିନା ପ୍ରମାଣରେ ପାକିସ୍ତାନୀ ବିଦ୍ରୋହୀ ଗ୍ରୁପକୁ ଭାରତ ସମର୍ଥନ କରୁଥିବା ଦାବି କରିଛନ୍ତି। ତେବେ ତାଙ୍କର ଏହି ବୟାନକୁ ସୋଶାଲ ମିଡିଆରେ ତୀବ୍ର ସମାଲୋଚନା କରାଯାଇଛି। ଆମେରିକା ମାଟିରୁ ସେ ଭାରତକୁ ଧମକ ଦେଇଥିବାରୁ ତାଙ୍କ ଭିସା ବାତିଲ କରିବାକୁ ମଧ୍ୟ ଅନେକ ଅନ୍ତର୍ଜାତୀୟ ସାମାଜିକ ସଂଗଠନ କହିଛନ୍ତି।

## ସମାଜରେ ସକରାତ୍ମକ ପରିବର୍ତ୍ତନ ଆଣିବ ସୂତ୍ରଶ୍ରୀ

ଭୁବନେଶ୍ୱର, ୨୩/୦୫ (ଜେଏନ୍ଏସ୍) : ସୂତ୍ରଶ୍ରୀ ଗ୍ରୁପ୍ ପକ୍ଷରୁ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ କଳା ବା 'ଓଡ଼ିଶା ହ୍ୟାଣ୍ଡଲୁମ୍'କୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉଛି। ମେୟର ସୁଲୋଚନା ଦାସ ଏହି ସୂତ୍ରଶ୍ରୀ କାର୍ଯ୍ୟକ୍ରମର ଯୋଗଦେଇ ଆମକୁ ଉତ୍ସାହିତ କରିଥିବାରୁ ତାଙ୍କୁ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁନାମଧନ୍ୟା ଲେଖିକା ଗବେଷିକା ତଥା ଅଧ୍ୟାପିକା ପ୍ରତିଭା ମହାରଥି ଏବଂ ବିଶିଷ୍ଟ ସମାଜସେବୀ ଦୀପ୍ତି ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହିଳାମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସୂତଶ୍ରୀ କାମ କରିବାକୁ ଆହ୍ୱାନ ଦେଇଥିଲେ। ମାତୃ ଦିବସର ଉପଲକ୍ଷେ ୧୦ ଜଣ ଶ୍ରେଷ୍ଠ ମା ମାନଙ୍କୁ ସମ୍ମାନିତ କରାଯାଇଥିଲା।। ସୂତ୍ରଶ୍ରିର ସମସ୍ତ



ସଦସ୍ୟ ଏବଂ ଯେଉଁମାନେ ଏଠାରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହାୟତା କରିଥିଲେ ସେମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଶୁଭଶ୍ରୀ ରଥ କୃତଜ୍ଞତା ଜଣାଇଥିଲା।

ଏହା ସହିତ ସାମାଜିକ ପ୍ରତିବଦ୍ଧତା ରଖି ଏହି ପରିବାର ପକ୍ଷରୁ ବିଭିନ୍ନ ବୃଦ୍ଧାଶ୍ରମରେ ରହୁଥିବା ଅନ୍ତେବାସୀ ଏବଂ ବିଶେଷ ଭାବେ ସକ୍ଷମ ଶିଶୁମାନଙ୍କ ସହାୟତା ପାଇଁ ସଦାସର୍ବଦା ଛୋଟ ଛୋଟ ନିଃସ୍ୱାର୍ଥପର ପ୍ରୟାସ ଜାରି ରହିଛି ବୋଲି ସଂସ୍ଥା ପ୍ରତିଷ୍ଠତା ଶଭୁଶ୍ରୀ ରଥ କହିଥିଲେ।

ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଏବଂ ମହିଳା ଶକ୍ତିର ଏକତାକୁ ପ୍ରମାଣିତ କରିବା ଦିଗରେ ସମାଜସେବାମୂଳକ ଗୋଷ୍ଠୀ 'ସୂତ୍ରଶ୍ରୀ' ଏକ ଅନନ୍ୟ ଉଦାହରଣ ସାଜିଛି। ବିଭିନ୍ନ କ୍ଷେତ୍ରରୁ ଆସିଥିବା ମହିଳାମାନଙ୍କୁ ନେଇ ଗଠିତ ଏହି ସ୍ୱତନ୍ତ୍ର ପରିବାର ସମାଜରେ ସଚେତନତା, ସମ୍ମାନ ଓ ସହଯୋଗର ଭାବନା ବୃଦ୍ଧି କରିବା ପାଇଁ ନିରନ୍ତର କାର୍ଯ୍ୟ କରିଆସୁଛି। ପବିତ୍ର ମାତୃ ଦିବସ ଅବସରରେ ଏହି ଗ୍ରୁପ୍ ପକ୍ଷରୁ ଆଗାମୀ ଦିନରେ ସେବା କାର୍ଯ୍ୟକୁ ଆହୁରି ବ୍ୟାପକ କରିବା ସହ ଯୁବ ପିଢ଼ିକୁ ପ୍ରେରଣା ଦେବା ପାଇଁ ସଂକଳ୍ପ ନିଆଯାଇଛି।

ମାତୃ ଦିବସର ଏହି ବିଶେଷ ଅବସରରେ ଗ୍ରୁପ୍ ପକ୍ଷରୁ କୁହାଯାଇଛି ଯେ, ଆଗାମୀ ଯୁବ ପିଢ଼ିକୁ ସଠିକ୍ ମାର୍ଗଦର୍ଶନ ଦେବା ଏବଂ ସେମାନଙ୍କ ମଧ୍ୟରେ ସେବା ମନୋଭାବ ଜାଗ୍ରତ କରିବା ସୂତ୍ରଶ୍ରୀର ମୂଳ ଲକ୍ଷ୍ୟ। ଆଗାମୀ ଦିନରେ ମଧ ଏହି ନିଃସ୍ୱାର୍ଥପର ସେବା ପ୍ରୟାସ ଜାରି ରହିବ ବୋଲି ଗ୍ରୁପ୍ ?ର ସଦସ୍ୟାମାନେ ପ୍ରକାଶ କରିଛନ୍ତି। ମା' ଭଳି ନିଃସ୍ୱାର୍ଥପର ଭାବେ ସମାଜକୁ ସୁଧାରିବା ପାଇଁ ସୂତ୍ରଶ୍ରୀ ପରିବାରର ଏହି ପ୍ରୟାସ ସବୁ ମହଲରେ ପ୍ରଶଂସିତ। ଏହି କାର୍ଯକ୍ରମରେ ୧୦ ଜଣ ମାଆଙ୍କୁ ସମ୍ମାନିତ କରାଯାଇଥିଲା।

## ପଶ୍ଚିମବଙ୍ଗର ସବୁ ମଦ୍ରାସାରେ 'ବନ୍ଦେ ମାତରମ୍' ଗାନ ବାଧ୍ୟତାମୂଳକ

କଲକାତା, ୨୩/୦୫ : ପଶ୍ଚିମବଙ୍ଗରେ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ଗୁରୁବାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଣିକି ରାଜ୍ୟରେ ଥିବା ସବୁ ମଦ୍ରାସାରେ 'ବନ୍ଦେ ମାତରମ୍' ବାଧ୍ୟତାମୂଳକ ଭାବେ ଗାନ କରାଯିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ ରାଜ୍ୟ ସରକାର ଗତ ସପ୍ତାହରେ ସମସ୍ତ ସ୍କୁଲରେ 'ବନ୍ଦେ ମାତରମ୍' ଗାନକୁ ବାଧ୍ୟତାମୂଳକ ଘୋଷଣା କରିଥିଲେ। ରାଜ୍ୟରେ ଥିବା ସମସ୍ତ ସ୍ୱୀକୃତିପ୍ରାପ୍ତ, ସରକାରୀ ଅନୁଦାନପ୍ରାପ୍ତ ଏବଂ ଅଣ-ଅନୁଦାନପ୍ରାପ୍ତ ମଦ୍ରାସାରେ ସକାଳ ଆସେମ୍ବ୍ଲି ସମୟରେ 'ବନ୍ଦେ ମାତରମ୍' ଗାନ କରାଯିବ ବୋଲି ସଂଖ୍ୟାଲଘୁ ବ୍ୟାପାର ଓ ମଦ୍ରାସା ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି। ତେବେ ମଦ୍ରାସାରେ 'ବନ୍ଦେ ମାତରମ୍' ଗାନ କରାଯିବା ପ୍ରସଙ୍ଗରେ ମୁସଲମାନ ସଂଗଠଗୁଡିକର କୌଣସି ପ୍ରତିକ୍ରିୟା ଜଣାପଡିନାହିଁ।

## ଗ୍ରୀଷ୍ମପ୍ରବାହକୁ ନେଇ ଗାଇଡ୍ ଲାଇନ ଜାରି

ଭୁବନେଶ୍ୱର, ୨୩/୦୫ (ଜେଏନ୍ଏସ୍) : ପ୍ରଚଣ୍ଡ ତାତି ଓ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ। ତାତିରୁ ସତର୍କ ରହିବା ପାଇଁ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ପରାମର୍ଶ। ଆସନ୍ତା ଜୁନ ୨ତାରିଖ ପର୍ଯ୍ୟନ୍ତ ରହିବ ଗ୍ରୀଷ୍ମପ୍ରବାହ। ରାଜ୍ୟରେ ଗ୍ରୀଷ୍ମପ୍ରବାହକୁ ନେଇ ସତର୍କତା ଗାଇଡ ଲାଇନ ଜାରି କରାଯାଇଥିବା କହିଛନ୍ତି ମନ୍ତ୍ରୀ। କୌଣସି କାମ ନଥିଲେ ଘରୁ ବହାରନ୍ତୁ ନାହିଁ। ଯଦି କୌଣସି କାର୍ଯ୍ୟରେ ଘରୁ ବାହାରିଛନ୍ତି, ତେବେ ସାଙ୍ଗରେ ପାଣି ବୋତଲ, ଛତା, ଜୋତା ନେଇ ବାହାରନ୍ତୁ। ଅନ୍ୟପକ୍ଷରେ ରାଜ୍ୟର ସମସ୍ତ ଏନ.ଏ.ସି. ଏବଂ ମୁନିସିପାଲିଟି ପକ୍ଷରୁ ସ୍ଥାନେ ସ୍ଥାନେ ପିଇବା ପାଣି ବ୍ୟବସ୍ଥା କରାଯାଇଛି। ଏଭଳି ସ୍ଥିତି ରାଜ୍ୟରେ ଜୁନ ୨ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସେପଟେ ଦିନ ସାଢ଼େ ୧୧ଟା ସୁଦ୍ଧା ଭୁବନେଶ୍ୱର ତାପମାତ୍ରା ୩୭.୨ ଡିଗ୍ରୀ ଛୁଇଁଛି। ୬୦ ପ୍ରତିଶତ ଆର୍ଦ୍ରତା ରହିଥିବାରୁ ଲାଗି ରହିଛି ଅସହ୍ୟ ଗୁଳୁଗୁଳି। ହିଟ ଇଣ୍ଡେକ୍ସ ରହିଛି ୫୨ ଡିଗ୍ରୀ। ରାଜ୍ୟରେ ଆହୁରି ୬ରୁ ୭ଦିନ ଏଭଳି ସ୍ଥିତି ଲାଗି ରହିବ। ଉପକୂଳରେ ଉଚ୍ଚ ତାପମାତ୍ରା ସହ ଉଚ୍ଚଆର୍ଦ୍ରତା ହେତୁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ୨୪ ଘଣ୍ଟାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପାଇଁ ଝାରସୁଗୁଡ଼ା, ସମ୍ବଲପୁର ଏବଂ ବଲାଙ୍ଗିରକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି।

## ନିଶା ନିବାରଣ କେନ୍ଦ୍ରରେ ଅନ୍ତେବାସୀଙ୍କ ସନ୍ଦେହଜନକ ମୃତ୍ୟୁ

ଜଗତସିଂହପୁର, ୨୩/୦୫ (ଜେଏନ୍ଏସ୍) : ଜଗତସିଂହପୁର ଜିଲ୍ଲାରେ ଏକ ନିଶା ନିବାରଣ କେନ୍ଦ୍ରରେ ଅନ୍ତେବାସୀଙ୍କୁ ମାଡ଼ ମରାଯିବା ଏବଂ ଜଣଙ୍କର ମୃତ୍ୟୁ ଘଟିବା ସମ୍ପର୍କିତ ଏକ ପ୍ରମୁଖ ଘଟଣା ଚାନ୍ଦଗଡ଼ ଅଞ୍ଚଳରେ ଘଟିଥିଲା। ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଚାନ୍ଦଗଡ଼ ଗ୍ରାମରେ ଥିବା ଏକ ଘରୋଇ ନିଶା ନିବାରଣ କେନ୍ଦ୍ର। ଏହି କେନ୍ଦ୍ରର ମାଲିକ ବା ମ୍ୟାନେଜରଙ୍କ ଆକ୍ରମଣରେ ଜଣେ ୨୨ ବର୍ଷୀୟ ଅନ୍ତେବାସୀ (ଏସକେ ଜବର)ଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ ରୁ ୪ ଜଣ ଅନ୍ତେବାସୀ ଗୁରୁତର ଭାବେ ଆହତ ହୋଇଥିଲେ। ଅଭିଯୋଗ ଅନୁଯାୟୀ, ଅନ୍ତେବାସୀଙ୍କୁ ଶାସନ କରିବା ନାଁରେ ମ୍ୟାନେଜର ଏବଂ କର୍ମଚାରୀମାନେ ଅମାନୁଷିକ ଭାବେ ମାଡ଼ ମାରିଥିଲେ। ମୃତକଙ୍କ ପରିବାର ଲୋକଙ୍କୁ ମଧ୍ୟ ତାଙ୍କ ସହ ଭେଟିବାକୁ ଦିଆଯାଉନଥିଲା। ଏହି ମାମଲାରେ ଜଗତସିଂହପୁର ପୋଲିସ ମୁଖ୍ୟ ଅଭିଯୁକ୍ତ ମ୍ୟାନେଜର (ରାଜକିଶୋର ଦାସ) ଏବଂ ଅନ୍ୟ ଜଣେ କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହା ବ୍ୟତୀତ ନିକଟରେ ଓଡ଼ିଶାର ବିଭିନ୍ନ ସ୍ଥାନ ଯଥା କଟକ (ଉତ୍ତମପୁର), ବାରିପଦା ଏବଂ ଭଦ୍ରକରେ ମଧ୍ୟ ନିଶା ନିବାରଣ କେନ୍ଦ୍ରରେ ଅନ୍ତେବାସୀଙ୍କୁ ମାଡ଼ ମରାଯିବା କିମ୍ବା ମୃତ୍ୟୁ ହେବା ଭଳି ଅନେକ ଘଟଣା ସାମ୍ନାକୁ ଆସିଛି।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)



## ଜାପାନରେ ଶକ୍ତିଶାଳୀ ଭୂକମ୍ପ

ନୂଆଦିଲ୍ଲୀ, ୨୩/୦୫ : ଶକ୍ତିଶାଳୀ ଭୂକମ୍ପରେ ଥରିଲା ଜାପାନ। ବୁଧବାର କାଗୋସିମା ଅଞ୍ଚଳରେ ୫.୯ ତୀବ୍ରତାର ରେକର୍ଡ କରାଯାଇଛି । ଯାହା ଫଳରେ ଅଞ୍ଚଳର ଅନେକ କୋଠା ଜୋରରେ ଥରି ଉଠିଥିଲା ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ଏବଂ ବିଶୃଙ୍ଖଳାର ପରିବେଶ ସୃଷ୍ଟି ହୋଇଥିଲା। ଜାପାନ ପାଣିପାଗ ସଂସ୍ଥା (ଔଗଇ) ଅନୁଯାୟୀ, ଏହି ଶକ୍ତିଶାଳୀ ଭୂକମ୍ପ ଓକିନାୱାର ମୁଖ୍ୟ ଦ୍ୱୀପ ନିକଟରେ ଅନୁଭୂତ ହୋଇଥିଲା। ଜାପାନୀ ଭୂକମ୍ପ ତୀବ୍ରତା ସ୍କେଲରେ (୦ ରୁ ୭ ପର୍ଯ୍ୟନ୍ତ), ଏହାର ତୀବ୍ରତା 'ଉଚ୍ଚ ୫' ଭାବରେ ରେକର୍ଡ କରାଯାଇଥିଲା। କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି ଯେ, ବର୍ତ୍ତମାନ ପାଇଁ, ଏହି ଭୂକମ୍ପ ପରେ ସୁନାମିର କୌଣସି ଆଶଙ୍କା ନାହିଁ। ବୁଧବାର ସକାଳେ ପୂର୍ବ ଚୀନ୍ ସାଗରରେ ମଧ୍ୟ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ତୀବ୍ରତା ୬.୦ ମାପ କରାଯାଇଥିଲା। ଭୂକମ୍ପର କେନ୍ଦ୍ରସ୍ଥଳ ଜାପାନର ଦକ୍ଷିଣ ଦ୍ୱୀପପୁଞ୍ଜ - କାଗୋସିମା ଏବଂ ଓକିନାୱା ନିକଟରେ ଅବସ୍ଥିତ ହୋଇଥିବାରୁ, ଆଖପାଖ ଉପକୂଳବର୍ତ୍ତୀ ଅଞ୍ଚଳରେ ତୀବ୍ର ଭୂମିକମ୍ପ ଅନୁଭୂତ ହୋଇଥିଲା। ଏହି ସମୟରେ, ବୁଧବାର ସକାଳେ ଭାରତ ମହାସାଗରରେ ମଧ୍ୟ ଏକ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ, ଏହି କମ୍ପର ତୀବ୍ରତା ୪.୪ ମାପ କରାଯାଇଥିଲା। ଏହି ଭୂକମ୍ପ ବୁଧବାର ସକାଳେ ଭାରତୀୟ ମାନକ ସମୟ ଅନୁସାରେ ପ୍ରାୟ ସକାଳ ୭:୩୦ ରେ ହୋଇଥିଲା। ପୂର୍ବରୁ, ସୋମବାର ସକାଳେ ଦକ୍ଷିଣ ଚୀନର ଗୁଆଙ୍ଗସି ଅଞ୍ଚଳରେ ୫.୨ ତୀବ୍ରତାର ଭୂମିକମ୍ପ ହୋଇଥିଲା, ଯେଉଁଥିରେ ୨ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଚାରି ଜଣ ଆହତ ହୋଇଥିଲେ। ଅନେକ କୋଠା ଭୁଶୁଡ଼ି ପଡ଼ିଥିଲା ଏବଂ ହଜାର ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ଲିଉଝୋ ସହରରୁ ୭,୦୦୦ ରୁ ଅଧିକ ବାସିନ୍ଦାଙ୍କୁ ସ୍ଥାନାନ୍ତର କରାଯାଇଥିଲା।

## ସାଉଦିର ସୁରକ୍ଷା କରିବ ପାକିସ୍ତାନ
## ୮ ହଜାର ସୈନ୍ୟ ଓ ଯୁଦ୍ଧ ବିମାନ ପଠାଇଲା

ନୂଆଦିଲ୍ଲୀ, ୨୩/୦୫ : ଆମେରିକା-ଇରାନ ଯୁଦ୍ଧରେ ପାକିସ୍ତାନ ମଧ୍ୟସ୍ଥି ସାଜିଥିବା କହୁଥିବା ବେଳେ ଅନ୍ୟପଟେ ରିୟାଦକୁ ସାମରିକ ସହାୟତା ଯୋଗାଇ ଦେବାରେ ଲାଗିଛି। ଅର୍ଥାତ ଆମେରିକା-ଇରାନ ଯୁଦ୍ଧ ଶେଷ ହେବାର ନାହିଁ ଓ ଆଗକୁ ଏହା ତୀବ୍ର ହେବ ବୋଲି ପାକିସ୍ତାନ ଜାଣିସାରିଛି। ମଧ୍ୟପ୍ରାଚ୍ୟ ଉତ୍ତେଜନା ମଧ୍ୟରେ ସାଉଦି ଆରବର ସୁରକ୍ଷା କରିବାକୁ ଅଣ୍ଟା ଭିଡ଼ିଛି ପାକିସ୍ତାନ। ଦୁଇ ଦେଶ ମଧ୍ୟରେ ହୋଇଥିବା ସାମାରିକ ଚୁକ୍ତି ଯୋଗୁ ପାକିସ୍ତାନ ଏବେ ୮ ହଜାର ସୈନ୍ୟ, ଗୋଟିଏ ସ୍କ୍ୱାର୍ଡନ ଯୁଦ୍ଧ ବିମାନ ଓ ଗୋଟିଏ ଏୟାର ଡିଫେନ୍ସ ସିଷ୍ଟମ ସାଉଦିରେ ମୁତୟନ କରିଛି। ଆମେରିକା-ଇରାନ ଯୁଦ୍ଧରେ ପାକିସ୍ତାନ ମଧ୍ୟସ୍ଥି ସାଜିଥିବା କହୁଥିବା ବେଳେ ଅନ୍ୟପଟେ ରିୟାଦକୁ ସାମରିକ ସହାୟତା ଯୋଗାଇ ଦେବାରେ ଲାଗିଛି। ଅର୍ଥାତ ଆମେରିକା-ଇରାନ ଯୁଦ୍ଧ ଶେଷ ହେବାର ନାହିଁ ଓ ଆଗକୁ ଏହା ତୀବ୍ର ହେବ ବୋଲି ପାକିସ୍ତାନ ଜାଣିସାରିଛି। ଏଥିପାଇଁ ସାଉଦିର ସୁରକ୍ଷା କରିବାକୁ ବାହାରି ପଡ଼ିଛି। ପାକିସ୍ତାନର ଏପରି ପଦକ୍ଷେପକୁ ୩ ଜଣ ସୁରକ୍ଷା ଅଧିକାରୀ ଓ ୨ ଜଣ ସରକାରୀ ସୂତ୍ର ନିଶ୍ଚିତ କରିଛନ୍ତି। ଆମେରିକାର ହମଲା ଯୋଗୁ ଇରାନ ପକ୍ଷରୁ ସାଉଦି ଆରବକୁ ମଧ୍ୟ ଟାର୍ଗେଟ କରାଯାଇଥିଲା। ଆଗକୁ ଇରାନ ପୁଣି କାଳେ ଆକ୍ରମଣ କରିବ, ସେଥିପାଇଁ ପାକିସ୍ତାନ ଏପରି ପଦକ୍ଷେପ ନେଇଛି। ତେବେ ପାକିସ୍ତାନର ସାମରିକ ଓ ବୈଦେଶିକ ଅଫିସ କିମ୍ବା ସାଉଦି ସରକାରଙ୍କ ପକ୍ଷରୁ ଏନେଇ କିଛି ବି କୁହାଯାଇ ନାହିଁ। ଗତବର୍ଷ ପାକିସ୍ତାନ ଓ ସାଉଦି ଗୋଟିଏ ପ୍ରତିରକ୍ଷା ଚୁକ୍ତି କରିଥିଲେ। ଏହାକୁ ଅତ୍ୟନ୍ତ ଗୋପନ ରଖାଯାଇଛି। ଉଭୟ ଦେଶ କେବଳ କହିଛନ୍ତି ଯେ ଯଦି ଗୋଟିଏ ଦେଶ ଉପରେ ଆକ୍ରମଣ ହେବ, ତା'ହେଲେ ଏହାକୁ ଉଭୟ ଦେଶ ଉପରେ ଆକ୍ରମଣ ବୋଲି ବିବେଚନା କରାଯିବ। ସେହିପରି ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖାଓ୍ୱାଜା ଆସିଫ ପୂର୍ବରୁ କହି ସାରିଛନ୍ତି ଯେ ସାଉଦି ଏବେ ଇସଲାମାବାଦର ପରମାଣୁ ଛତା ମଧ୍ୟରେ ରହିଛି। ସୂତ୍ର ଅନୁସାରେ, ପାକିସ୍ତାନ ୧୬ ଯୁଦ୍ଧ ବିମାନ ଥିବା ସ୍କ୍ୱାର୍ଡନକୁ ମୁତୟନ କରିଛି। ଚାଇନା ସହାୟତାରେ ନିର୍ମାଣ ହୋଇଥିବା ଜେଏଫ ୧୭ ଯୁଦ୍ଧ ବିମାନ ଏହି ସ୍କ୍ୱାର୍ଡନରେ ରହିଛି। ଏପ୍ରିଲ ଆରମ୍ଭରୁ ହିଁ ପାକିସ୍ତାନ ଯୁଦ୍ଧ ବିମାନ ଗୁଡ଼ିକୁ ସାଉଦି ପଠାଇ ସାରିଛି। ଏହାବାଦ ପାକିସ୍ତାନ ୨ଟି ସ୍କ୍ୱାର୍ଡନ୍ସ ଡ୍ରୋନ ମଧ୍ୟ ସାଉଦି ପଠାଇଛି। ପ୍ରଥମ ପର୍ଯ୍ୟାୟରେ ପାକିସ୍ତାନ ୮ ହଜାର ସୈନ୍ୟଙ୍କୁ ପଠାଇଛି ଓ ଆଗକୁ ଆବଶ୍ୟକ ପଡ଼ିଲେ ଏହି ସଂଖ୍ୟାକୁ ବୃଦ୍ଧି କରିବ ବୋଲି କହିଛି। ଚାଇନିଜ ଏଚ୍‌କ୍ୟୁ ୯ ଏୟାର ଡିଫେନ୍ସ ସିଷ୍ଟମ ଏବେ ସାଉଦିରେ ରହିଛି। ଏହି ଡିଫେନ୍ସ ସିଷ୍ଟମକୁ ପାକିସ୍ତାନୀ ପରିଚାଳନା କରିବେ ଓ ଆର୍ଥିକ ସହାୟତା ସାଉଦି କରିବ। ମୁତୟନ ହୋଇଥିବା ସାମରିକ ଓ ବାୟୁ ସେନାର କର୍ମଚାରୀଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ଦିଆଯାଇ ସାଉଦି ପଠା ଯାଇଥିବା ଜଣାପଡ଼ିଛି।

## କେରଳର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ସତିଶନ୍

କେରଳ, ୨୩/୦୫ : ତିରୁଅନନ୍ତପୁରମର କେନ୍ଦ୍ରୀୟ ଷ୍ଟାଡିୟମରେ ସକାଳ ୧୦ଟାରେ କେରଳର ମୁଖ୍ୟମନ୍ତ୍ରୀ ଭାବରେ କଂଗ୍ରେସ ନେତା ଭି.ଡି. ସତିଶନ୍ ଶପଥ ଗ୍ରହଣ କରିଛନ୍ତି। ଶ୍ରୀ ସତିଶନ୍‌ଙ୍କ ସହ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ କ୍ୟାବିନେଟର ସଦସ୍ୟମାନେ ଶପଥ ଗ୍ରହଣ କରିଛନ୍ତି। କଂଗ୍ରେସର ୧୧ ଜଣ ମନ୍ତ୍ରୀ ଶପଥ ନେଇଛନ୍ତି। ସେମାନେ ହେଲେ ରମେଶ ଚେନ୍ନିଥାଲା, ସନି ଜୋସେଫ୍, କେ.ମୁରଲୀଧରନ୍, ଏ.ପି.ଅନିଲ କୁମାର, ପି.ସି.ବିଷ୍ଣୁନାଧ, ଟି.ସିଦ୍ଧିକ୍, ବିନ୍ଦୁ କୃଷ୍ଣ, କେ.ଏ. ତୁଲାସି, ରୋଜି ଏମ୍.ଜନ୍, ଏମ୍.ଲିଜୁ ଏବଂ ଓ.ଜେ.ଜାନିଶ। ଇଣ୍ଡିଆନ୍ ୟୁନିଅନ୍ ମୁସଲିମ୍ ଲିଗ୍ (ଆଇୟୁଏମଏଲ)ର ୫ଜଣ ଶପଥ ନେଇଛନ୍ତି। ପି.କେ.କୁନ୍‌ହାଲିକୁଟି, ଏନ.ଶାମସୁଦିନ୍, କେ.ଏମ୍.ଶାଜି, ପି.କେ.ବଶୀର ଏବଂ ଭି.ଇ.ଅବଦୁଲ ଗଫୁର। ୟୁଡିଏଫ୍‌ର ଅନ୍ୟ ଅଂଶୀଦାର କେରଳ କଂଗ୍ରେସ(ଯୋସେଫ)ରୁ ମୋନ୍ସ ଯୋସେଫ, ରିଭୋଲ୍ୟୁସନାରୀ ସମାଜବାଦୀ ପାର୍ଟିର ଶିବୁ ବେବି ଜନ୍, କେରଳ କଂଗ୍ରେସ (ଜାକବ)ରୁ ଅନୁପ ଜାକବ ଏବଂ କମ୍ୟୁନିଷ୍ଟ ମାର୍କ୍ସବାଦୀ ପାର୍ଟିର ସି.ପି.ଜନ୍ ମାନଙ୍କ ଦ୍ୱାରା ମନ୍ତ୍ରୀ ଭାବରେ ମନୋନୀତ ହୋଇଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼େଗ ଏବଂ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଛନ୍ତି। ରାଜ୍ୟପାଳ ସତୀଶନ୍ ଏବଂ ତାଙ୍କ କ୍ୟାବିନେଟକୁ ଶପଥ ପାଠ କରାଇଥିଲେ।

## ଆଉ ଜଣେ ଆପ୍ ନେତାଙ୍କୁ ଗିରଫ କଲା ଇଡି

ନୂଆଦିଲ୍ଲୀ, ୨୩/୦୫ : ପୁଣି ଜଣେ ଆମ ଆଦମୀ ପାର୍ଟି ନେତାଙ୍କୁ ଗିରଫ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି)। ସମ୍ପୃକ୍ତ ନ୍ୟଙ୍କ ଦିଲ୍ଲୀ ଓ ଗୋଆ ବାସଭବନରେ ଚଢ଼ାଉ ଜାରି ରହିଛି। ଆଗକୁ ଗୋଆ ନିର୍ବାଚନ ଥିବାବେଳେ ଗୋଆ ସହ ଜଡ଼ିତ ଜଣେ ଆପ ନେତାଙ୍କ ଘରେ ଇଡ଼ି ଚଢ଼ାଉ କରିଛି। ସୋମବାର ଭୋରରୁ, ଆପ ଗୋଆ ସହ-ପ୍ରଭାରୀ ଦୀପକ ସିଙ୍ଗଲାଙ୍କ ବାସଭବନ ଏବଂ ଗୋଆରେ କିଛି ସ୍ୱେଚ୍ଛାସେବକଙ୍କ ଘରେ ଇଡି ଚଢାଉ କରିଛି। ଖବର ଅନୁଯାୟୀ ତାଙ୍କର ଦିଲ୍ଲୀ ଏବଂ ଗୋଆ ସ୍ଥିତ ବାସଭବନରେ ଚଢାଉ କରାଯାଇଛି। ଉତ୍ତର ଗୋଆର ଗୋଟିଏ ଫ୍ଲାଟରେ ତଲାସୀ କରାଯାଇଛି। ଯେଉଁଠାରେ ଆପର ସଂଗଠନ ଦଳର କିଛି ସଦସ୍ୟ ରୁହନ୍ତି। ଶ୍ରୀ ସିଙ୍ଗଲା ୨୦୨୫ ଏବଂ ୨୦୨୦ରେ ଆପ ଟିକେଟରେ ବିଶ୍ୱାସ ନଗର ଆସନରୁ ଦିଲ୍ଲୀ ବିଧାନସଭା ନିର୍ବାଚନ ଲଢ଼ିଥିଲେ। ୨୦୨୪ ମସିହାର ଏକ ବ୍ୟାଙ୍କ ଠକେଇ ମାମଲା ସହ ଜଡିତ ମନି ଲଣ୍ଡରିଂ ତଦନ୍ତ ପାଇଁ ତାଙ୍କ ବାସଭବନରେ ଇଡି ତଲାସି କରିଥିଲା।

# ବୁଲା କୁକୁର ହଟାଇବା ନିର୍ଦ୍ଦେଶ ପ୍ରତ୍ୟାହାର କରିବାକୁ ମନା କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୩/୦୫ : ସର୍ବସାଧାରଣ ସ୍ଥାନରୁ ବୁଲା କୁକୁରଙ୍କୁ ହଟାଇ ଧାର୍ଯ୍ୟ ଆଶ୍ରୟ ସ୍ଥଳରେ ରଖିବାକୁ ସୁପ୍ରିମକୋର୍ଟ ଗତବର୍ଷ ନଭେମ୍ବରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଡା ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ନିର୍ଦ୍ଦେଶନାମା ପ୍ରତ୍ୟାହାର କରିବାକୁ ଆଗତ ସମସ୍ତ ପିଟିସନକୁ ସୁପ୍ରିମକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ଫଳରେ ସ୍କୁଲ, କଲେଜ, ଡାକ୍ତରଖାନା, ବସଷ୍ଟାଣ୍ଡ, ରେଳ ଷ୍ଟେସନ ଭଳି ସର୍ବସାଧାରଣ ସ୍ଥାନରୁ ବୁଲା କୁକୁରଙ୍କୁ ହଟାଇବା ନିର୍ଦ୍ଦେଶ କାଏମ ରହିଛି। ଅପରପକ୍ଷରେ ଏହି ନିର୍ଦ୍ଦେଶନାମାକୁ ସଂଶୋଧନ କରିବା ନିମନ୍ତେ ପଶୁପ୍ରେମୀଙ୍କ ତରଫରୁ ଆଗତ ପିଟିସନକୁ ମଧ୍ୟ ଖାରଜ କରାଯାଇଛି। ବୁଲା କୁକୁରଙ୍କ ବନ୍ଧ୍ୟାକରଣ କରାଯିବା, ହିଂସ୍ର କୁକୁରଙ୍କୁ ବାଦଦେଇ ଅନ୍ୟ କୁକୁରଙ୍କୁ ଆଶ୍ରୟ ସ୍ଥଳରୁ ମୁକ୍ତ କରିବା ଏବଂ ସର୍ବସାଧାରଣ ସ୍ଥାନରେ ବୁଲା କୁକୁରଙ୍କୁ ଖାଦ୍ୟ ଦେବା ପ୍ରସଙ୍ଗରେ ଯେଉଁ ମାର୍ଗଦର୍ଶିକା ଜାରି କରାଯାଇଥିଲା, ତାହାକୁ ଠିକ୍ ଭାବେ ଅନୁସରଣ କରାଯାଉନଥିବାରୁ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଯଦି ରାଜ୍ୟ ସରକାର ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦେଇଥାନ୍ତେ, ତେବେ ଜଟିଳ ପରିସ୍ଥିତି ଉପୁଜି ନଥାନ୍ତା ବୋଲି ସୁପ୍ରିମକୋର୍ଟ ମତବ୍ୟକ୍ତ କରିଛନ୍ତି। ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟ ପୀଠ ଆହୁରି କହିଛନ୍ତି ଯେ କୁକୁର କାମୁଡ଼ା ଘଟଣାକୁ ଏଡାଇ ଦିଆଯାଇ ପାରିବନି। ଦେଶର ବିଭିନ୍ନ ସ୍ଥାନରେ ବୁଲା କୁକୁର କାମୁଡାରେ ଲୋକେ ଆହତ ହେଉଥିବା ବେଳେ କେତେକ କ୍ଷେତ୍ରରେ ଜଳାତଙ୍କ ରୋଗରେ ଆକ୍ରାନ୍ତ ହୋଇ ଲୋକେ ପ୍ରାଣ ହରାଉଛନ୍ତି। ଉଦାହରଣ ଦେଇ ସୁପ୍ରିମକୋର୍ଟ ପୀଠ କହିଛନ୍ତି ଯେ, ରାଜସ୍ଥାନର ଶ୍ରୀଗଙ୍ଗାନଗର ସହରରେ ଗୋଟିଏ ମାସରେ ୧୦୮୪ ଜଣ କୁକୁର କାମୁଡାର ଶିକାର ହୋଇଛନ୍ତି। କୋମଳମତି ଶିଶୁ ଓ ବୟସ୍କ ନାଗରିକ କୁକୁର କାମୁଡାରେ ଅଧିକ ସଂଖ୍ୟାରେ ଗୁରୁତର ଆହତ ମଧ୍ୟ ହେଉଛନ୍ତି। ବିଗତ ଚାରିମାସ ମଧ୍ୟରେ ତାମିଲନାଡୁରେ ୨ ଲକ୍ଷରୁ ଅଧିକ କୁକୁର କାମୁଡା ଘଟଣା ଘଟିଥିବା ସୁପ୍ରିମକୋର୍ଟ ସୂଚନା ଦେଇଛନ୍ତି। ରାସ୍ତାଘାଟ ବ୍ୟତୀତ ବିମାନ ବନ୍ଦର ନିକଟରେ ବୁଲା କୁକୁର ଯାତ୍ରୀଙ୍କୁ କାମୁଡୁଥିବା ଘଟଣା ଅତ୍ୟନ୍ତ ଲଜ୍ଜାଜନକ ବୋଲି କୁହାଯାଇଛି। ଏଭଳି ଘଟଣା ପ୍ରତି ନ୍ୟାୟାଳୟ ଆଖି ବୁଜି ପାରିବେନି ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି।

## ଶୁଭେନ୍ଦୁଙ୍କୁ ହତ୍ୟା ଧମକ, ଜଣେ ଗିରଫ

କଲକାତା, ୨୩/୦୫ : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଇ-ମେଲ ଜରିଆରେ ହତ୍ୟା ଧମକ ଦେଇଥିବା ଜଣେ ବ୍ୟକ୍ତିଙ୍କୁ ପୋଲିସ କଲକାତାର ଗାର୍ଡେନ ରିଚ ଅଞ୍ଚଳରୁ ଗିରଫ କରିଛି। ହସ୍‌ନୈନ ଇକ୍‌ବାଲ ନାମକ ଏହି ୨୭ ବର୍ଷୀୟ ବ୍ୟକ୍ତି ଜଣକ ଇ-ମେଲ ବାର୍ତ୍ତାରେ ଧମକ ଦେଇଥିବା ପୋଲିସ କହିଛନ୍ତି। ଚଳିତମାସ ୧୪ରେ ଭବାନୀପୁର ଥାନାକୁ ମିଳିଥିବା ଏହି ବାର୍ତ୍ତାରେ ଉଲ୍ଲେଖ କରାଯାଇଛି ଯେ ଅଲ କାଏଦା ଆତଙ୍କବାଦୀ ସଂଗଠନର ସହାୟତାରେ ଆତ୍ମଘାତୀ ବିସ୍ଫୋରଣ ଜରିଆରେ ଶୁଭେନ୍ଦୁ ଅଧିକାରୀଙ୍କୁ ହତ୍ୟା କରାଯିବ। ତେବେ ଏହି ବାର୍ତ୍ତା ଜଣେ ମହିଳାଙ୍କ ନାମରେ ପଠାଯାଇଛି। ଧମକ ମିଳିବା ପରେ କଲକାତା ପୁଲିସର ସାଇବର ଶାଖା ତତ୍ପର ହୋଇଉଠିଥିଲା। ପ୍ରାଥମିକ ତଦନ୍ତ ପରେ ଗାର୍ଡେନ ରିଚ୍ ଅଞ୍ଚଳର ଗୁଲାମ ଆବାସ ଲେନ୍‌ରେ ବାସ କରୁଥିବା ହସନୈନ୍‌କୁ ପୋଲିସ ଗିରଫ କରିଛି।

## ରାହୁଲ, ପ୍ରିୟଙ୍କାଙ୍କୁ ବିରୋଧ କରି ପୋଷ୍ଟର

ତିରୁଅନନ୍ତପୁରମ, ୨୩/୦୫ : ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନରେ କେରଳମ୍‌ରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ (ୟୁନାଇଟେଡ ଡେମୋକ୍ରାଟିକ ଫ୍ରଣ୍ଟ) ସରକାର ଗଠନ କରିବାକୁ ଯାଉଛି। ତେବେ ମୁଖ୍ୟମନ୍ତ୍ରୀ ମନୋନୟନକୁ ନେଇ କେରଳ କଂଗ୍ରେସରେ ଅସନ୍ତୋଷ ଦେଖାଦେଇଛି। ଏହାର ପରିଣାମ ସ୍ୱରୂପ କେରଳମ୍‌ର ୱାୟନାଡ ସହରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, କଂଗ୍ରେସର ସାଧାରଣ ସମ୍ପାଦକ ତଥା ୱାୟନାଡ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କ ବିରୋଧରେ ଏକାଧିକ ପୋଷ୍ଟର ଦେଖିବାକୁ ମିଳିଛି। ସ୍ଥାନୀୟ ବିଧାୟକ ଟି.ସିଦ୍ଧିକୀଙ୍କ ଏତଲାକୁ ଆଧାର କରି ପୁଲିସ ଅଜଣା ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ ଚଳିତମାସ ୧୪ରେ ଭି.ଡି.ସତୀଶନଙ୍କୁ କଂଗ୍ରେସ ହାଇକମାଣ୍ଡ ମୁଖ୍ୟମନ୍ତ୍ରୀ ମନୋନୀତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଦୌଡରେ ସତୀଶନଙ୍କ ବ୍ୟତୀତ କଂଗ୍ରେସ ସାଧାରଣ ସମ୍ପାଦକ କେ.ସି.ବେଣୁଗୋପାଳ ଓ ରମେଶ ଚେନିଥଲା ସାମିଲ ଥିଲେ। ତେବେ ମୁଖ୍ୟମନ୍ତ୍ରୀ ମନୋନୟନକୁ ନେଇ ଅଚଳାବସ୍ଥା ଜାରି ରହିଥିବାବେଳେ ମେ' ୧୩ରେ ୱାୟନାଡସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ଏବଂ ଆଖପାଖ ଅଞ୍ଚଳରେ ଏଭଳି ପୋଷ୍ଟର ଖଞ୍ଜା ଯାଇଥିବା ଲକ୍ଷ୍ୟ କରାଯାଇଥିଲା। ପୋଷ୍ଟରରେ ଲେଖାଯାଇଛି 'ୱାୟନାଡ୍ ଆମେଥି ପାଲଟିବ'। ୨୦୧୯ ଲୋକସଭା ନିର୍ବାଚନରେ ରାହୁଲ ଆମେଥି ଆସନରେ ପରାସ୍ତ ହୋଇଥିଲେ। ଅନ୍ୟ ପୋଷ୍ଟରରେ ଲେଖାଯାଇଛି 'ପ୍ରିୟଙ୍କା, ଆପଣ ଭବିଷ୍ୟତରେ ୱାୟନାଡରୁ ଆଜି ଜିତିପାରିବେନି'। 'ରାହୁଲ ଓ ପ୍ରିୟଙ୍କା ଆପଣମାନେ ୱାୟନାଡକୁ ଭୁଲି ଯାଆନ୍ତୁ'। କଂଗ୍ରେସ କର୍ମୀମାନେ ଏହି ପୋଷ୍ଟରଗୁଡ଼ିକୁ ହଟାଇ ଦେଇଛନ୍ତି।

## ଆମ୍ମା କ୍ୟାଣ୍ଟିନକୁ ନେଇ ବଡ଼ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ ବିଜୟ



ତାମିଲନାଡୁ, ୨୩/୦୫ : ୨୦୧୩ ମସିହା ଫେବୃଆରୀ ୨୪ରେ ତତ୍କାଳୀ ମୁଖ୍ୟମନ୍ତ୍ରୀ ଜେ ଜୟଲଳିତାଙ୍କ ଜନ୍ମ ଦିନରେ ଆମ୍ମା କ୍ୟାଣ୍ଟିନକୁ ଲଞ୍ଚ କରାଯାଇଥିଲା। ଆମ୍ମା ଭାବେ ଜୟଲଳିତା ବେଶ ପରିଚିତ। ତେଣୁ ଏଆଇଏଡିଏମକେ ଆମ୍ମା କ୍ୟାଣ୍ଟିନ ଲଞ୍ଚ କରିଥିଲା। ତାମିଲନାଡୁରେ ଥିବା ଆମ୍ମା କ୍ୟାଣ୍ଟିନଗୁଡ଼ିକ ସମ୍ପର୍କରେ ବଡ଼ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ବିଜୟ। ୨୦୧୧-୨୦୧୬ ଯାଏ ଏଆଇଏଡିଏମକେ କ୍ଷମତାରେ ଥିବା ବେଳେ ଆମ୍ମା କ୍ୟାଣ୍ଟିନଗୁଡ଼ିକର ଲଞ୍ଚ ହୋଇଥିଲା। ଏବେ ବିଜୟଙ୍କ ଟିଭିକେ କ୍ଷମତାକୁ ଆସିବା ପରେ ସେ ରାଜ୍ୟରେ ଥିବା ସମସ୍ତ ଆମ୍ମା କ୍ୟାଣ୍ଟିନକୁ ନବୀକରଣ ଓ ଆଧୁନିକରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୩ ମସିହା ଫେବୃଆରୀ ୨୪ରେ ତତ୍କାଳୀ ମୁଖ୍ୟମନ୍ତ୍ରୀ ଜେ ଜୟଲଳିତାଙ୍କ ଜନ୍ମ ଦିନରେ ଆମ୍ମା କ୍ୟାଣ୍ଟିନକୁ ଲଞ୍ଚ କରାଯାଇଥିଲା। ଆମ୍ମା ଭାବେ ଜୟଲଳିତା ବେଶ ପରିଚିତ। ତେଣୁ ଏଆଇଏଡିଏମକେ ଆମ୍ମା କ୍ୟାଣ୍ଟିନ ଲଞ୍ଚ କରିଥିଲା। ପ୍ରଥମେ ଏହା ଚେନ୍ନାଇରେ ଲଞ୍ଚ ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ରାଜ୍ୟର ବିଭିନ୍ନ ସହରକୁ ବିସ୍ତାରିତ ହୋଇଥିଲା। ସବସିଡିରେ ଖାଦ୍ୟ ଯୋଗାଇଉଥିବା ଏହି କ୍ୟାଣ୍ଟିନ ବେଶ ଲୋକପ୍ରିୟତା ହାସଲ କରିଛି। ୨୦୨୧ରେ ଡିଏମକେ କ୍ଷମତାକୁ ଆସିଥିଲେ ମଧ୍ୟ ଏହି ଯୋଜନା ବନ୍ଦ ହୋଇ ନଥିଲା। ବରଂ ଡିଏମକେ ସେମି ଅର୍ବାନ ଅଞ୍ଚଳରେ ଆଉ ୨୦୦ଟି କ୍ୟାଣ୍ଟିନ ଖୋଲାଯିବ ବୋଲି କହିଥିଲା। ଡିଏମକେ ଯୋଜନାର ନାଁ ମଧ୍ୟ ବଦଳାଇ ନଥିଲା। ଏବେ ବିଜୟ ସେହି ପରମ୍ପରାକୁ ବଳବତ୍ତର ରଖିଛନ୍ତି। ଏଥିପାଇଁ ସେ ଆମ୍ମା କ୍ୟାଣ୍ଟିନଗୁଡ଼ିକର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କ୍ୟାଣ୍ଟିନରେ ସ୍ୱାଦିଷ୍ଟ ଓ ଭଲ ଖାଇବା ଲୋକଙ୍କୁ ଯୋଗାଇ ଦେବାକୁ କହିଛନ୍ତି। ଆମ୍ମା କ୍ୟାଣ୍ଟିନର ଖାଦ୍ୟର ଗୁଣବତ୍ତା କମି ଯାଇଥିବା ଅଭିଯୋଗ ହେବା ପରେ ମୁଖ୍ୟମନ୍ତ୍ରୀ ବିଜୟ ବରିଷ୍ଠ ଅଧିକାରୀଙ୍କ ସହ ବୈଠକ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ବିଜୟ ସେଠାରେ ଭଲ ଖାଇବା ଯୋଗାଇ ସହ ଭିତ୍ତିଭୂମି ସୁଦୃଢ଼ କରିବାକୁ କହିଥିବା ଜଣାପଡ଼ିଛି। ଗ୍ରେଟର ଚେନ୍ନାଇ କର୍ପୋରେସନ ଅଧୀନରେ ୩୮୩ଟି ଆମ୍ମା କ୍ୟାଣ୍ଟିନ ଓ ଅନ୍ୟ ୨୩୭ଟି କ୍ୟାଣ୍ଟିନ ବିଭିନ୍ନ ସ୍ଥାନୀୟ ପୌର ସଂସ୍ଥା ଅଧୀନରେ ପରିଚାଳିତ ହେଉଛି।

## ଆଲୋଚନାର ଅର୍ଥ ଆତ୍ମସମର୍ପଣ ନୁହେଁ : ଇରାନ ରାଷ୍ଟ୍ରପତି



ତେହେରାନ, ୨୩/୦୫ : ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଆଲୋଚନା ପରିପ୍ରେକ୍ଷୀରେ, ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ କହିଛନ୍ତି ଯେ, ଆଲୋଚନାରେ ସାମିଲ ହେବା ଅର୍ଥ ଆତ୍ମସମର୍ପଣ ନୁହେଁ। ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଚାଲିଥିବାରୁ ଇରାନ ଉପରେ ଯୋଜନାବଦ୍ଧ ଭାବେ ମଙ୍ଗଳବାର ପାଇଁ ଯୋଜନା କରାଯାଇଥିବା ଇରାନ ଉପରେ ସାମରିକ ଆକ୍ରମଣକୁ ସ୍ଥଗିତ ରଖିଛନ୍ତି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଘୋଷଣା କରିବାର ପ୍ରାୟ ଗୋଟିଏ ଘଣ୍ଟା ପୂର୍ବରୁ ରାଷ୍ଟ୍ରପତିଙ୍କ ଏହି ମନ୍ତବ୍ୟ ଆସିଛି। ଟ୍ରମ୍ପ ଆକ୍ରମଣର ବିବରଣୀ ସ୍ପଷ୍ଟ କରିନଥିଲେ କିନ୍ତୁ କହିଛନ୍ତି ଯେ ସେ ଆମେରିକୀୟ ସେନାକୁ ଏକ ଗ୍ରହଣୀୟ ଚୁକ୍ତି ନହେଲେ, ଇରାନ ଉପରେ ବଡ଼ ଧରଣର ଆକ୍ରମଣ ପାଇଁ ପ୍ରସ୍ତୁତ ରହିବାକୁ କହିଛନ୍ତି। କାତାରର ଆମୀର, ସାଉଦି ଆରବର ଯୁବରାଜ ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ରାଷ୍ଟ୍ରପତିଙ୍କ ଅନୁରୋଧ ପାଇବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି।

ଟ୍ରମ୍ପ କହିଛନ୍ତି, କାତାରର ଆମୀର ତାମିମ ବିନ୍ ହମାଦ ଅଲ୍ ଥାନି, ସାଉଦି ଆରବର ଯୁବରାଜ ମହମ୍ମଦ ବିନ୍ ସଲମାନ ଅଲ୍ ସୌଦ ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ରାଷ୍ଟ୍ରପତି ମହମ୍ମଦ ବିନ୍ ଜାଏଦ ଅଲ୍ ନାହୟାନ ମୋତେ କହିଛନ୍ତି ଯେ, ଆସନ୍ତାକାଲି ଇସଲାମିକ୍ ଗଣରାଜ୍ୟ ଇରାନ ଉପରେ ଆମର ଯୋଜନାବଦ୍ଧ ସାମରିକ ଆକ୍ରମଣକୁ ସ୍ଥଗିତ ରଖ, କାରଣ ଗମ୍ଭୀର ଆଲୋଚନା ଏବେ ଚାଲିଛି, ଏବଂ ସେମାନଙ୍କ ମତରେ, ମହାନ ନେତା ଏବଂ ସହଯୋଗୀ ଭାବରେ, ଏକ ଚୁକ୍ତି କରାଯିବ, ଯାହା ଆମେରିକା, ମଧ୍ୟପ୍ରାଚ୍ୟ ଏବଂ ବାହାରର ସମସ୍ତ ଦେଶ ପାଇଁ ଗ୍ରହଣୀୟ ହେବ। ଏହି ଚୁକ୍ତିନାମାରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଇରାନ ପାଇଁ କୌଣସି ପରମାଣୁ ଅସ୍ତ୍ର ରହିବ ନାହିଁ। ଉପରୋକ୍ତ ନେତାମାନଙ୍କ ପ୍ରତି ମୋର ସମ୍ମାନକୁ ଦୃଷ୍ଟିରେ ରଖି, ମୁଁ ଯୁଦ୍ଧ ସଚିବ, ପିଟ୍ ହେଗସେଥ୍, ଯୁଗ୍ମ ମୁଖ୍ୟ କର୍ମଚାରୀଙ୍କ ଅଧ୍ୟକ୍ଷ, ଜେନେରାଲ ଡାନିଏଲ୍ କେନ୍ ଏବଂ ଯୁକ୍ତରାଷ୍ଟ୍ର ସାମରିକ ବାହିନୀକୁ ନିର୍ଦ୍ଦେଶ ଦେଇଛି ଯେ ଆମେ ଆସନ୍ତାକାଲି ଇରାନ ଉପରେ ନିର୍ଦ୍ଧାରିତ ଆକ୍ରମଣ କରିବୁ ନାହିଁ। ସୋସିଆଲ ମିଡିଆ ଏକ୍ସରେ ପେଜେସ୍କିଆନ କହିଛନ୍ତି, ଇସଲାମିକ୍ ଗଣରାଜ୍ୟ ଇରାନ ମର୍ଯ୍ୟାଦା, କର୍ତ୍ତୃତ୍ୱ ଏବଂ ଜାତିର ଅଧିକାର ସହିତ ଆଲୋଚନା କରିବ। କୌଣସି ପରିସ୍ଥିତିରେ ଇରାନ ଜନତାଙ୍କ ସ୍ୱାର୍ଥ ଏବଂ ଦେଶର ଆଇନଗତ ଅଧିକାରରୁ ପଛକୁ ହଟିବ ନାହିଁ। ଆମେ ଯୁକ୍ତି ସହିତ ଏବଂ ଆମର ସମସ୍ତ ଶକ୍ତି ସହିତ ଶେଷ ପର୍ଯ୍ୟନ୍ତ ଲୋକଙ୍କ ସେବା କରିବୁ ଏବଂ ଇରାନର ସ୍ୱାର୍ଥ ଏବଂ ସମ୍ମାନର ରକ୍ଷା କରିବୁ। ମର୍ଯ୍ୟାଦାର ସହିତ ଆଲୋଚନା କରିବା ଆବଶ୍ୟକ ଏବଂ ଇରାନ ତନିଜର ଜାତୀୟ ଅଧିକାରକୁ ରକ୍ଷା କରିବା ଜାରି ରଖିବ ବୋଲି ଜୋର ଦେଇଛନ୍ତି। ଆମେ ଆଲୋଚନା କରିବୁ ନାହିଁ ବୋଲି କହିବା ଯୁକ୍ତିଯୁକ୍ତ ନୁହେଁ। ଆମେ ସମ୍ମାନର ସହିତ ଆଲୋଚନାରେ ସାମିଲ ହେବୁ। ଦେଶରେ ଏକତା ଏବଂ ସଂହତି ଭାଙ୍ଗିବା ପାଇଁ ଚେଷ୍ଟା କରିବା ଉଚିତ ନୁହେଁ। ଯଦି ସେମାନେ କଥା ନ ହେବା ପାଇଁ କହୁଛନ୍ତି, ତେବେ ଆମେ କଥା ହେବୁ ନାହିଁ।

ଟ୍ରମ୍ପଙ୍କ ପକ୍ଷରୁ ଶେଷ ମୁହୂର୍ତ୍ତରେ ଇରାନ ଉପରେ ଯୋଜନାବଦ୍ଧ ଆକ୍ରମଣ ବାତିଲ ଇରାନର ସର୍ବୋଚ୍ଚ ନେତା ମୋଜତାବା ଖାମେନିଙ୍କ ସାମରିକ ପରାମର୍ଶଦାତା ମୋହସେନ ରେଜାଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଟ୍ରମ୍ପଙ୍କ ନିଷ୍ପତ୍ତି ଉପରେ କଟାକ୍ଷ କରି ରେଜାଇ ଲେଖିଛନ୍ତି, ସେ ପ୍ରଥମେ ସାମରିକ ଆକ୍ରମଣ ପାଇଁ ଏକ ସମୟସୀମା ସ୍ଥିର କରନ୍ତି ଏବଂ ତା'ପରେ ନିଜେ ଏହାକୁ ବାତିଲ କରନ୍ତି। ସେ ବୃଥା ଆଶାରେ ଏଭଳି କରୁଛନ୍ତି ଯେ, ଇରାନୀ ଜନତା ଏବଂ ଅଧିକାରୀମାନେ ଆତ୍ମସମର୍ପଣ କରିବେ। ସେ ଚେତାବନୀ ଦେଇଛନ୍ତି, ଇରାନର ଶକ୍ତିଶାଳୀ ସଶସ୍ତ୍ର ବାହିନୀ ଏବଂ ଏହାର ନାଗରିକମାନଙ୍କର ପଥର ଭଳି ଦୃଢ଼ ଶକ୍ତି ଆମେରିକାକୁ ପଛକୁ ହଟି ଆତ୍ମସମର୍ପଣ କରିବାକୁ ବାଧ୍ୟ କରିବ। ଇରାନ ଆମେରିକୀୟ ଚାପ ଆଗରେ ମୁଣ୍ଡ ନୁଆଁଇବାକୁ ଅନିଚ୍ଛୁକ ବୋଲି ସେ କହିଛନ୍ତି।

# ୬ ସପ୍ତାହର ଅସ୍ତ୍ରବିରତିରେ ପୁଣି ଡ୍ରୋନ୍-ମିସାଇଲ୍ ଛାଉଣି କରିଦେଲା ଇରାନ



ୱାଶିଂଟନ, ୨୩/୦୫ : ଆମେରିକା ଗୋଇନ୍ଦା ବିଭାଗର ଆକଳନ ଅନୁଯାୟୀ, ଗତ ଅପ୍ରେଲ ମାସରୁ ଆରମ୍ଭ ହୋଇଥିବା ୬ ସପ୍ତାହର ଅସ୍ତ୍ରବିରତିର ସୁଯୋଗ ନେଇ ଇରାନ ପୁଣି ଥରେ ନିଜର ଡ୍ରୋନ୍ ଉତ୍ପାଦନ ପ୍ରକ୍ରିୟା ଆରମ୍ଭ କରିଦେଇଛି। ଆମେରିକା ଓ ଇସ୍ରାଏଲର ଏୟାର୍ ଷ୍ଟ୍ରାଇକ୍ ଯୋଗୁଁ ଇରାନର ସାମରିକ ଭିତ୍ତିଭୂମି ବହୁ ପରିମାଣରେ ନଷ୍ଟ ହୋଇଯାଇଥିବା ଦାବି କରାଯାଉଥିଲେ ମଧ୍ୟ, ତେହେରାନ ବହୁତ ଦ୍ରୁତ ଗତିରେ ନିଜର ସାମରିକ ଶକ୍ତିର ପୁନର୍ଗଠନ କରୁଥିବା ଜଣାପଡ଼ିଛି। ଗୋଇନ୍ଦା ରିପୋର୍ଟ ଅନୁଯାୟୀ, ଇରାନ ନିଜର ମିସାଇଲ୍ ଲଞ୍ଚ ସାଇଟ୍, ଲଞ୍ଚର ଏବଂ ଅସ୍ତ୍ରଶସ୍ତ୍ର ନିର୍ମାଣ କାରଖାନାଗୁଡ଼ିକୁ ସଜାଡ଼ିବାରେ ଲାଗିଛି। ଡ୍ରୋନ୍ ଯୁଦ୍ଧ ଓ ଚୀନ-ଋଷର ସହାୟତା- ଜଣେ ଆମେରିକୀୟ ଅଧିକାରୀଙ୍କ ସୂଚନା ମୁତାବକ, ଇରାନ ଆଗାମୀ ୬ ମାସ ମଧ୍ୟରେ ନିଜର ଡ୍ରୋନ୍ ଆକ୍ରମଣ କ୍ଷମତାକୁ ସମ୍ପୂର୍ଣ୍ଣ ଭାବେ ପୂର୍ବ ସ୍ଥିତିକୁ ଫେରାଇ ଆଣିପାରେ। ଯଦି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଯୁଦ୍ଧ ଆରମ୍ଭ କରନ୍ତି, ତେବେ ଇରାନ ଏହି ଡ୍ରୋନ୍ ଗୁଡ଼ିକ ଉପରେ ଅଧିକ ନିର୍ଭର କରିବ। ରିପୋର୍ଟ ଅନୁଯାୟୀ, ଇରାନର ଏହି ଦ୍ରୁତ ପୁନର୍ଗଠନ ପଛରେ ଋଷ ଏବଂ ଚୀନର ସହାୟତା ରହିଛି। ଚୀନ ଯୁଦ୍ଧ ସମୟରେ ମଧ୍ୟ ଇରାନକୁ ମିସାଇଲ୍ ତିଆରିର କିଛି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଯୋଗାଉଥିବା ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଅଭିଯୋଗ କରିଛନ୍ତି, ଯଦିଓ ଚୀନ ଏହାକୁ ଅସ୍ୱୀକାର କରିଛି। ଇରାନର ସାମରିକ ସ୍ଥିତି- ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ଇରାନର ପ୍ରାୟ ଦୁଇ-ତୃତୀୟାଂଶ ମିସାଇଲ୍ ଲଞ୍ଚର ସୁରକ୍ଷିତ ଏବଂ କାର୍ଯ୍ୟକ୍ଷମ ରହିଛି। ଅସ୍ତ୍ରବିରତି ଯୋଗୁଁ ଇରାନକୁ ମାଟିତଳେ ପୋତି ହୋଇଯାଇଥିବା ଲଞ୍ଚରଗୁଡ଼ିକୁ ବାହାର କରିବାକୁ ସମୟ ମିଳିଗଲା। ଏହା ସହିତ ଇରାନର ପ୍ରାୟ ୫୦ ପ୍ରତିଶତ ଡ୍ରୋନ୍ କ୍ଷମତା ଏବେ ବି ସୁରକ୍ଷିତ ଅଛି ଏବଂ ହଜାର ହଜାର ଡ୍ରୋନ୍ ଆକ୍ରମଣ ପାଇଁ ପ୍ରସ୍ତୁତ ରହିଛି। ହୋର୍ମୁଜ ଜଳଡମରୁମଧ୍ୟର ସାମୁଦ୍ରିକ ମାର୍ଗକୁ ବିପଦରେ ପକାଇବା ପାଇଁ ଇରାନର ଉପକୂଳ ପ୍ରତିରକ୍ଷା କ୍ରୁଜ୍ ମିସାଇଲ୍ ଗୁଡ଼ିକ ମଧ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି, କାରଣ ଆମେରିକା ସେଗୁଡ଼ିକୁ ଟାର୍ଗେଟ୍ କରିନଥିଲା। ଦାବି ଓ ବାସ୍ତବତା ମଧ୍ୟରେ ଫରକ - ନିକଟରେ ଆମେରିକା ସେଣ୍ଟ୍ରାଲ୍ କମାଣ୍ଡ (ଉରଘଞଉଙଗ) ର କମାଣ୍ଡର ଆଡମିରାଲ୍ ବ୍ରାଡ୍ କୁପର ସଂସଦରେ ବୟାନ ଦେଇଥିଲେ ଯେ 'ଅପରେସନ ଏପିକ୍ ଫ୍ୟୁରୀ' (ଙକ୍ତରଙ୍କବଷ୍ପସକ୍ଟଭ ରକ୍ତସମ ରଙ୍କଙ୍ଖଛ) ଦ୍ୱାରା ଇରାନର ୯୦ ପ୍ରତିଶତ ପ୍ରତିରକ୍ଷା ଶିଳ୍ପ ଭିତ୍ତିଭୂମି ଧ୍ୱଂସ କରିଦିଆଯାଇଛି, ଯାହାକୁ ସଜାଡ଼ିବାକୁ ବର୍ଷ ବର୍ଷ ସମୟ ଲାଗିବ। ମାତ୍ର ସିଏନଏନର ରିପୋର୍ଟ ଅନୁଯାୟୀ, ଗୋଇନ୍ଦା ଆକଳନ କୁପରଙ୍କ ଦାବିକୁ ଭୁଲ୍ ପ୍ରମାଣିତ କରୁଛି। ଇରାନର ଅଧାରୁ ଅଧିକ ପ୍ରତିରକ୍ଷା ଶିଳ୍ପ ଏବେ ବି କାର୍ଯ୍ୟକ୍ଷମ ଅଛି ଏବଂ ତା'ର ସାମରିକ ଶକ୍ତି ଫେରି ପାଇବାକୁ ବର୍ଷ ବର୍ଷ ନୁହେଁ, ବରଂ ମାତ୍ର କିଛି ମାସ ଲାଗିବ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ସମ୍ପାଦକୀୟ

## ଆର୍ଥିକ ସଙ୍କଟ ଆଡ଼କୁ ଗତି କରୁଛି ଦେଶ

ଯଦିଓ ଏବେ ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧିର ପ୍ରଭାବ ପଡ଼ିଛି, ଭାରତ ଦୃଷ୍ଟିକୋଣରୁ ଦେଖିଲେ ଯେତେବେଳେ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ କମ୍ ଥିଲା, ସେତେବେଳେ ସରକାର ତୈଳ ବିପଣନ କମ୍ପାନୀ ଉପରେ ମୂଲ୍ୟ ହ୍ରାସ ପାଇଁ ସେଭଳି ଚାପ କାହିଁକି ପକାଉ ନ ଥିଲେ ବୋଲି ଏବେ ପ୍ରଶ୍ନ ହେବା ସ୍ୱାଭାବିକ। ଏହା ସରକାରଙ୍କ ନୀତିଗତ ତ୍ରୁଟିକୁ ଦର୍ଶାଉଛି।

ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ୧୯ ମେ'ରେ ୯୬ ଟଙ୍କା ୭୦ ପଇସାରେ ପହଞ୍ଚିଛି, ଅର୍ଥାତ୍ ଏହା ୯୭ ଟଙ୍କା ନିକଟବର୍ତ୍ତୀ ହୋଇଗଲାଣି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ କ୍ରମାଗତ ବୃଦ୍ଧି ପାଇବା ଯୋଗୁ ଭାରତରେ ଗୋଟିଏ ସପ୍ତାହରେ ପେଟ୍ରୋଲ ଓ ଡିଜେଲ ଦର ଦୁଇ ଥର ବୃଦ୍ଧି କରାଯାଇ ଲିଟର ପିଛା ୩ ଟଙ୍କା ୯୦ ପଇସା ବଢ଼ାଇ ଦିଆଗଲାଣି। ଉଲ୍ଲେଖଯୋଗ୍ୟ, ଭାରତ ତା'ର ଇନ୍ଧନ ଚାହିଦାର ୮୫ ପ୍ରତିଶତରୁ ଅଧିକ ଆମଦାନୀ କରିବାକୁ ପଡୁଛି। ତେଣୁ ଭାରତରେ ଥିବା ବୈଦେଶିକ ମୁଦ୍ରା ଭଣ୍ଡାର ଦିନକୁ ଦିନ କମିବାରେ ଲାଗିଛି। ଘରୋଇ ଅର୍ଥନୈତିକ ଚାପକୁ ମୁକାବିଲା କରିବା ଲାଗି ଭାରତ ସରକାର ଧୀରେ ଧୀରେ ତୈଳ ଦର ବଢ଼ାଇବା ଆରମ୍ଭ କରିଦେଇଛନ୍ତି। ଫଳରେ ଖାଦ୍ୟପଦାର୍ଥ ଓ ଅନ୍ୟାନ୍ୟ ସାମଗ୍ରୀର ଦର ଆକାଶଛୁଆଁ ହେବାରେ ଲାଗିଛି। ଏହିସବୁ କାରଣ ଯୋଗୁଁ ପାଇକାରୀ ଏବଂ ଖୁଚୁରା ବଜାରରେ ମୁଦ୍ରାସ୍ଫୀତି ବା ମହଙ୍ଗା ମାଡ଼ର ବଡ଼ ପ୍ରଭାବ ପଡ଼ିଲାଣି। ଯଦି ହିସାବ ଦେଖାଯାଏ, ତେବେ ପାଇକାରୀ ମୂଲ୍ୟସୂଚୀ (ଡବ୍ଲ୍ୟୁପିଆଇ) ମାର୍ଚ୍ଚ ୨୦୨୬ରେ ଥିଲା ୩.୮୮ ପ୍ରତିଶତ।

ଏହା ଏପ୍ରିଲରେ ବଢ଼ି ହେଲା ୮.୩ ପ୍ରତିଶତ। ସେହିପରି ଖାଉଟି ମୂଲ୍ୟସୂଚୀ ଏପ୍ରିଲରେ ୩.୮ ପ୍ରତିଶତରେ ପହଞ୍ଚିଛି, ଯାହା ମାର୍ଚ୍ଚରେ ଥିଲା ୩.୪୦ ପ୍ରତିଶତ। ପନିପରିବା, ଖାଇବା ତେଲ, ଡାଲିଜାତୀୟ ଶସ୍ୟ, ପ୍ୟାକେଜ ଖାଦ୍ୟ ଓ ଦୁଗ୍ଧଜାତୀୟ ଖାଦ୍ୟ ମୂଲ୍ୟ ବଢ଼ିବା ପରେ ଏବେ ଖାଉଟି ମୁଦ୍ରାସ୍ଫୀତି ୩.୪୮ରେ ପହଞ୍ଚିଛି। ଏହା ମାର୍ଚ୍ଚରେ ଥିଲା ୩.୪ପ୍ରତିଶତ।

ଉପରୋକ୍ତ ସଙ୍କେତ ଦର୍ଶାଉଛି ଯେ, ଆଗାମୀ ଦିନରେ ଭାରତୀୟ ଅର୍ଥନୀତି ସାମଗ୍ରିକ ଭାବେ ନୈରାଶ୍ୟଜନକ ହେବାକୁ ଯାଉଛି ଏବଂ ସାଧାରଣ ନାଗରିକଙ୍କ ପାଇଁ ଏକ ଆହ୍ୱାନପୂର୍ଣ୍ଣ ଆର୍ଥିକ ସଙ୍କଟ ଆଡ଼କୁ ଗତି କରୁଛି। ଇନ୍ଧନଜନିତ ଏହି କ୍ରମାଗତ ମହଙ୍ଗା ମାଡ଼ ପରିବହନ ଏବଂ ଯୋଗାଣ ଶୃଙ୍ଖଳ ଉପରେ ଏକ ଟିକସ ଭଳି କାମ କରୁଛି, ଯାହାଫଳରେ ଆଗକୁ ଉଭୟ ପାଇକାରୀ ଏବଂ ଖୁଚୁରା ବଜାରରେ ଆହୁରି ବଡ଼ ପ୍ରଭାବ ପଡ଼ିବା ନିଶ୍ଚିତ। ଯଦିଓ ଏବେ ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧିର ପ୍ରଭାବ ପଡ଼ିଛି, ଭାରତ ଦୃଷ୍ଟିକୋଣରୁ ଦେଖିଲେ ଯେତେବେଳେ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ କମ ଥିଲା, ସେତେବେଳେ ସରକାର ତୈଳ ବିପଣନ କମ୍ପାନୀ ଉପରେ ମୂଲ୍ୟ ହ୍ରାସ ପାଇଁ ସେଭଳି ଚାପ କାହିଁକି ପକାଉ ନ ଥିଲେ ବୋଲି ଏବେ ପ୍ରଶ୍ନ ହେବା ସ୍ୱାଭାବିକ। ଏହା ସରକାରଙ୍କ ନୀତିଗତ ତ୍ରୁଟିକୁ ଦର୍ଶାଉଛି।

ଏହା ବ୍ୟତୀତ ଭାରତ ତା'ର ଚାହିଦା ଅନୁଯାୟୀ ତୈଳ ଉଭୟ ରୁଷିଆ ଓ ଇରାନ ଠାରୁ କିଣିପାରୁଥିଲା। ରୁଷିଆ ସହିତ ଭାରତୀୟ ଟଙ୍କାରେ ତେଲ କିଣିବା ସହିତ ଇରାନ୍‌ଠାରୁ ବାକିରେ ମଧ୍ୟ ଖର୍ଦ୍ଦ କରାଯାଇପାରୁଥିଲା। ଆମେରିକାର ଚାପ ପଡ଼ିବା ଫଳରେ ଏହି ଦୁଇ ଦେଶ ସହିତ ଅଯଥାରେ ସମ୍ପର୍କ ବିଗାଡ଼ି ଦିଆଯାଇଥିଲା, ଯାହାକି ଭାରତର ବହିର୍ବ୍ୟାପାର ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ବିଫଳତା ବୋଲି କୁହାଯାଇପାରେ। ଆଜିର ପରିସ୍ଥିତିକୁ ଦେଖିଲେ କେଉଁ କାରଣରୁ ରୁଷିଆ ସହିତ ସମ୍ପର୍କ ବିଚ୍ଛିନ୍ନ କରାଗଲା ବୁଝିବା କଷ୍ଟକର। ଅବଶ୍ୟ ଇସ୍ରାଏଲ ସହିତ ଅତି ଘନିଷ୍ଠ ହୋଇ ପାରମ୍ପରିକ ବନ୍ଧୁ ଇରାନ୍? ସହ ବନ୍ଧୁତ୍ୱ ଭାଙ୍ଗିଦିଆଯାଇଥିଲା। ଏହିଭଳି ଅନେକ ଗଭୀର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ଆଜି ଭାରତ ସମ୍ପୂର୍ଣ୍ଣ ଭାବେ ଅନ୍ତର୍ଜାତୀୟ ସ୍ତରରେ ଅସହାୟ ଓ ବନ୍ଧୁହୀନ ହୋଇପଡ଼ିଛି।

ଅନ୍ୟପକ୍ଷରେ ଭାରତରେ ବିଦେଶୀ ପୁଞ୍ଜିନିବେଶର ସ୍ଥିତି ଅନ୍ୟାନ୍ୟ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ତୁଳନାରେ ଭଲ ଅଛି ବୋଲି ସରକାର କହୁଥିଲେ ହେଁ ବାସ୍ତବତାକୁ ଦେଖିଲେ ଓଲଟା ଫଳ ଦୃଶ୍ୟମାନ ହେଉଛି। ବିଗତ ଆର୍ଥିକ ବର୍ଷର ଶେଷ ଆଡୁ ଓ ଚଳିତ ଆର୍ଥିକବର୍ଷରେ ବିଦେଶୀ ପୁଞ୍ଜିନିବେଶକଙ୍କ ଦ୍ୱାରା ଭାରତୀୟ ଶେୟାର ବଜାରରୁ ବିପୁଳ ପରିମାଣରେ ଅର୍ଥ ଉଠାଣ କରି ନିଆଯିବା ଯୋଗୁ ପରୋକ୍ଷରେ ଏହା ଜାତୀୟ ଅର୍ଥନୀତି ପାଇଁ ହତୋତ୍ସାହଜନକ ସ୍ଥିତି ସୃଷ୍ଟି କରିଛି। ତେଣୁ ନୀତିଗତ ନିଷ୍ପତ୍ତିରେ ତ୍ରୁଟି ରହିଲେ ଭାରତୀୟ ଅର୍ଥନୀତି ଆଗକୁ ଆହୁରି ବିଷମ ପରିସ୍ଥିତିର ସମ୍ମୁଖୀନ ହେବା ଜଳ ଜଳ ଦିଶୁଛି।

## କୋରାପୁଟରେ ଆନ୍ତଃ ଜିଲ୍ଲା ପେନସନ ଅଦାଲତ ଉଦ୍‌ଯାପିତ



କୋରାପୁଟ, ୨୩/୦୫ (ଜେଏନ୍‌ଏସ୍) : ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଜିଲ୍ଲା ପୋଲିସ ପ୍ରଶାସନ ଆନୁକୂଲ୍ୟରେ ଓ ପ୍ରଧାନ ମହାଲେଖାକାର କାର୍ଯ୍ୟାଳୟ ସହଯୋଗରେ ଆୟୋଜିତ ଦୁଇଦିନିଆ ଆନ୍ତଃ ଜିଲ୍ଲା ପେନସନ ଅଦାଲତ ସ୍ଥାନୀୟ ସଦଭାବନା ସଭାଗୃହରେ ଉଦଯାପିତ ହୋଇଯାଇଛି। କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ଅବସରପ୍ରାପ୍ତ ସରକାରୀ ପୋଲିସ କର୍ମଚାରୀଙ୍କର ୪୮୬ଟି ପେନସନ, ଭବିଷ୍ୟନିଧି ଓ ଅବସରକାଳୀନ ବକେୟା ପ୍ରାପ୍ୟ ଅଭିଯୋଗର ଶୁଣାଣି କରାଯାଇଥିଲା। କୋରାପୁଟ ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ସାଧାରଣ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ସୁକାନ୍ତ କୁମାର ବେହେରା, ଉପ ମହାଲେଖାକାର ଶୁଭମ ବୈଜ୍ୟନାଥ ସ୍ୱାମୀ, ଯୁଗ୍ମ ଶାସନ ସଚିବ ଅସିତ କୁମାର ପାଣି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆମ୍ବିତ ମହାନ୍ତି, ବରିଷ୍ଠ ଲେଖା ଅଧିକାରୀ ଶରତ କୁମାର ମହାପାତ୍ର ଓ ଅଭିଜିତ କୁମାର ଅବସରପ୍ରାପ୍ତ କର୍ମଚାରୀମାନଙ୍କର ଅଭିଯୋଗ ଶୁଣିଥିଲେ। ଆରକ୍ଷୀ ଅଧୀକ୍ଷକ ଶ୍ରୀ ବର୍ମା ଅବସରପ୍ରାପ୍ତ କର୍ମଚାରୀଙ୍କ ବକେୟା ପ୍ରାପ୍ୟ ଠିକ ସମୟରେ ମିଳିବା ଓ ଅବସର ପୂର୍ବରୁ ପେନସନ ଆବେଦନ ମହାଲେଖାକାର କାର୍ଯ୍ୟାଳୟରେ ପହଞ୍ଚିବା ପାଇଁ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପ ମହାଲେଖାକାର ଓ ନିର୍ଦ୍ଦେଶକ ଅବସରକାଳୀନ ପ୍ରାପ୍ୟ ଆବେଦନ ସଠିକ ଭାବେ ମଞ୍ଜୁର କରି ପଠାଇବା ପାଇଁ ମାର୍ଗଦର୍ଶନ ଦେଇଥିଲେ। ଏହି ଅବସରରେ ମହାଲେଖାକାର କାର୍ଯ୍ୟାଳୟ ପକ୍ଷରୁ ଫଇସଲା କରାଯାଇଥିବା ପେନସନ ମଞ୍ଜୁର ଆଦେଶ ପତ୍ର ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ପ୍ରଦାନ କରାଯାଇଥିଲା। ବରିଷ୍ଠ ଲେଖା ଅଧିକାରୀ ଅଭିଜିତ କୁମାର, ସହକାରୀ ଲେଖା ଅଧିକାରୀମାନେ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଧର୍ମଗୁଡ଼ିକର ମୂଳମନ୍ତ୍ର ହେଲା ମାନବତା, କରୁଣା, ସମାନତା ଓ ପରସ୍ପର ମଧ୍ୟରେ ଭଲ ପାଇବା



ଅଭିଷେକ ଯୋଶୀ

ଆଜିର ବିଶ୍ୱରେ ସମ୍ପ୍ରଦାୟିକତା ଓ ଅସହିଷ୍ଣୁତା ଆଦିର କାରଣରୁ ମାନବ ସମାଜ ବିକଳାଙ୍ଗ ହୋଇପଡିଛି। ସବୁ ଆଡେ ଧର୍ମ, ଜାତି, ସମ୍ପ୍ରଦାୟ ନାମରେ ଅଶାନ୍ତି । କିନ୍ତୁ ହିନ୍ଦୁ, ଇସଲାମ, ଖ୍ରୀଷ୍ଟିଆନ, ସିଖ୍ ଆଦି ସମସ୍ତ ମହାନ୍ ଧର୍ମଗୁଡିକର ମୂଳମନ୍ତ୍ର ମୂଳତଃ ଏକ – ମାନବତା, କରୁଣା, ସମାନତା ଓ ପରସ୍ପର ମଧ୍ୟରେ ଭଲପାଇବା

ଏକମାତ୍ର ଈଶ୍ୱର, ବିଭିନ୍ନ ନାମ ଓ ବିଭିନ୍ନ ପଥ ମଧ୍ୟରେ ମଧ୍ୟ ସମସ୍ତ ମଣିଷ ସମାନ, କେହି ମଧ୍ୟ ଉଚ୍ଚ କିମ୍ବା ନୀଚ ନୁହଁନ୍ତି। ଯେଉଁ ଶାସ୍ତ୍ରରେ ଏହି ସନ୍ଦେଶ ଅଛି, ସେଇ ଶାସ୍ତ୍ରଗୁଡ଼ିକ ମଧ୍ୟ ମାନବୀୟ ମୂଲ୍ୟବୋଧର ମହାନ୍ ପାଠଶାଳା ପରି। ଭଗବଦ୍ ଗୀତାରେ କୁହାଯାଇଛି, ଜ୍ଞାନୀ ମନୁଷ୍ୟ ସମସ୍ତ ପ୍ରାଣୀକୁ ସମଦୃଷ୍ଟିରେ ଦେଖେ – ବ୍ରାହ୍ମଣ ହେଉ, ଗୋରୁ ହେଉ, ହାତୀ ହେଉ, କୁକୁର ହେଉ କିମ୍ବା ଅସ୍ପୃଶ୍ୟ ବୋଲି କୁହାଯାଉଥିବା ବ୍ୟକ୍ତି ହେଉ – ସମସ୍ତଙ୍କ ଭିତରେ ଈଶ୍ୱରଙ୍କର ଏକ ଆତ୍ମା ରହିଛି। ଏହି ମହତ୍ ଉକ୍ତି ଶିଖାଏ ଯେ, ଜାତି, ବର୍ଣ୍ଣ, ଧନ, ପଦ ଆଦିରେ କେହି ଅଧିକ କିମ୍ବା କମ୍ ନୁହେଁ; ମନୁଷ୍ୟତ୍ୱର ମହତ୍ତ୍ୱ ହିଁ ପ୍ରକୃତ ମୂଲ୍ୟ। ଗୀତା ଆଜି ମଧ୍ୟ ଆମକୁ କହେ – "ସମ ଦୃଷ୍ଟିରେ ଦେଖ, ସମ ଭାବନାରେ ଭାବ, ସମ କରୁଣାରେ ସମସ୍ତଙ୍କୁ ବୁଝ।

ତୁଳସୀ ଦାସଙ୍କ ରାମଚରିତ ମାନସରେ ରାମଙ୍କୁ ସମସ୍ତ ପ୍ରାଣୀର ଆଶ୍ରୟ ରୂପରେ ଚିତ୍ରିତ କରାଯାଇଛି। ଯେଉଁଠି ସିଂହ, ବାନର, ନାରୀ–ପୁରୁଷ, ଉଚ୍ଚ–ନୀଚ ସମସ୍ତେ ରାମର ଭକ୍ତିରେ ସମାନ ସ୍ଥାନ ପାଆନ୍ତି, ସେଇଠି ମାନବ ସମାଜର ସମାନତାର ଚିତ୍ର ଝଲସି ଉଠେ। ରାମଚରିତମାନସ ଆମକୁ ଶିଖାଏ ଯେ, ଧର୍ମର ପ୍ରକୃତ ଫଳ ହେଉଛି ମାନବ ସମାଜରେ ଶାନ୍ତି ଓ ପ୍ରେମର ପ୍ରତିଷ୍ଠା। ଯେ କୌଣସି ମାନବ ହୃଦୟରେ ଯଦି ଦୟା, ସତ୍ୟ, ଧର୍ମ, କ୍ଷମା ଓ ନ୍ୟାୟର ପ୍ରକାଶ ରହେ, ସେହି ମନୁଷ୍ୟ ହିଁ ପ୍ରକୃତ ଭକ୍ତ – ଜାତି କିମ୍ବା ରୀତି ନିୟମ ତାଙ୍କୁ ବାଧା ଦେଇପାରେ ନାହିଁ।

ଇସଲାମର ପବିତ୍ର ଗ୍ରନ୍ଥ କୁରାନରେ ସ୍ୱଷ୍ଟ ଭାବରେ କୁହାଯାଇଛି ଯେ, ଆଲ୍ଲା (ପରମେଶ୍ୱର) ନର–ନାରୀ, ବିଭିନ୍ନ ଜାତି, ଭାଷା ଓ ଗୋଷ୍ଠୀରୁ ସମସ୍ତଙ୍କୁ ସମାନ ଭାବରେ ସୃଷ୍ଟି କରିଛନ୍ତି। ମଣିଷ ମଧ୍ୟରେ ଶ୍ରେଷ୍ଠତ୍ୱ ଧନ, ପଦ, ଜାତି କିମ୍ବା ରଙ୍ଗ ନୁହେଁ, ବରଂ ଈଶ୍ୱରଭୀତି, ନ୍ୟାୟ, ଦୟା ଓ ପରସ୍ପର ପ୍ରତି ସମ୍ମାନରେ ରହିଛି।

କୁରାନର ଏକ ପ୍ରସିଦ୍ଧ ଆୟାତ କହେ: "ହେ ଲୋକମାନେ! ଆମେ ତୁମକୁ ପୁରୁଷ ଓ ନାରୀରୁ ସୃଷ୍ଟି କରି ବିଭିନ୍ନ ଜାତି ଓ ଗୋଷ୍ଠୀରେ ବଣ୍ଟାଇଛୁ ଯାହାଦ୍ୱାରା ତୁମେ ପରସ୍ପରକୁ ଚିହ୍ନି ପାରିବ। ତୁମ ମଧ୍ୟରେ ଶ୍ରେଷ୍ଠ ସେ ଯିଏ ଅଧିକ ଈଶ୍ୱରଭୀତି ଓ ନ୍ୟାୟପରାଇଣ ହୋଇଛି।" – ଏହି ଆୟାତ ସମସ୍ତ ଧର୍ମର ମାନବୀୟ ମୂଲ୍ୟବୋଧକୁ ସମର୍ଥନ କରେ।

ଖ୍ରୀଷ୍ଟିଆନ ଧର୍ମର ପବିତ୍ର ଗ୍ରନ୍ଥ ବାଇବଲରେ ପ୍ରଭୁ ଯୀଶୁ କହିଛନ୍ତି, "ତୁମ ପାଖରେ ଥିବା ପଡ଼ୋଶୀକୁ ତୁମର ନିଜକୁ ପରି ଭାବରେ ଭଲ ପାଅ।" ଅର୍ଥାତ୍ ଯେ କୌଣସି ମଣିଷକୁ ଦେଖିଲେ ନିଜର ପରିବାର, ନିଜର ଭାଇ–ଭଉଣୀ ପରି ଭାବରେ ଦେଖ; ଘୃଣା, ପ୍ରତିଶୋଧ କିମ୍ବା ବିଭେଦ କରିବା ପାଇଁ କୌଣସି କାରଣ ନାହିଁ। ବାଇବଲ ଆହୁରି ମଧ୍ୟ ପ୍ରତିଷ୍ଠା କରେ ଯେ, ସମସ୍ତ ମଣିଷ ଈଶ୍ୱରଙ୍କ ଛବିରେ ସୃଷ୍ଟି ହୋଇଛି; ତେଣୁ କୌଣସି ମାନବକୁ ଅପମାନ କିମ୍ବା ତାର ଅଧିକାର ହରଣ କରିବା ଈଶ୍ୱରଙ୍କ ନିୟମର ଉଲ୍ଲଂଘନ। ଏହି ଦୃଷ୍ଟିରେ ପ୍ରେମ, ଦୟା, କ୍ଷମା ଓ ନ୍ୟାୟ ହେଉଛି ପ୍ରକୃତ ଧର୍ମର ଚିହ୍ନ।

ସିଖ୍ ଧର୍ମର ଗୁରୁ ଗ୍ରନ୍ଥ ସାହିବରେ ସ୍ୱଷ୍ଟ ଭାବରେ କୁହାଯାଇଛି ଯେ, ପୃଥିବୀର ସମସ୍ତ ମଣିଷ ସମାନ – ଜାତି, ଧନ, ପଦ, ରଙ୍ଗ କିମ୍ବା ଲିଙ୍ଗର ଭେଦଭାବ ଈଶ୍ୱରଙ୍କ ଦୃଷ୍ଟିରେ କୌଣସି ଅର୍ଥ ବହନ କରେ ନାହିଁ। ଗୁରୁ ଗ୍ରନ୍ଥ ସାହିବ କହିବାରେ, "ସମସ୍ତ ମଣିଷ ଈଶ୍ୱରଙ୍କ ପୁଅ–ଝିଅ, ସମସ୍ତେ ଏକ ଈଶ୍ୱରଙ୍କ ପରିବାରର ଅଂଶ।" ତେଣୁ ଯଦି କେହି ଅନ୍ୟକୁ ଅପମାନ କରନ୍ତି, ତାହା ଈଶ୍ୱରଙ୍କ ପ୍ରତି ଅପମାନ ପରି ହୁଏ। ଗୁରୁ ଗ୍ରନ୍ଥ ସାହିବ ଆମକୁ ଶିଖାଏ ଯେ, ସେବା, ସତ୍ୟ, ଦୟା, ଅଭିମାନ ତ୍ୟାଗ ଓ ପରସ୍ପର ମଧ୍ୟରେ ସମଭାବନା ହିଁ ପ୍ରକୃତ ଧର୍ମିକତା।

**ଧର୍ମଗୁଡିକର ସାଧାରଣ ମାନବୀୟ ମନ୍ତ୍ର** - ଏହି ସମସ୍ତ ପବିତ୍ର ଗ୍ରନ୍ଥରୁ ଆମେ ଏକ ସାଧାରଣ ମନ୍ତ୍ର ଶୁଣିପାରୁ: ସମସ୍ତ ମଣିଷ ସମାନ – ଜାତି, ଧର୍ମ, ଧନ, ରଙ୍ଗ କିମ୍ବା ପଦରେ କେହି ଅଧିକ ନୁହେଁ (ଗୀତା, କୁରାନ, ଗୁରୁ ଗ୍ରନ୍ଥ ସାହିବ)। ଈଶ୍ୱର ସମସ୍ତଙ୍କ ଭିତରେ ରହିଛନ୍ତି – ତେଣୁ ପ୍ରତିଟି ମାନବ ଶରୀର ପବିତ୍ର ଓ ସମ୍ମାନଯୋଗ୍ୟ।

ପ୍ରେମ, ଦୟା, ସତ୍ୟ, ନ୍ୟାୟ ଓ କ୍ଷମା ହେଉଛି ସମସ୍ତ ଧର୍ମର ମୂଳ ଭିତ୍ତି (ଗୀତା, ରାମଚରିତ, କୁରାନ, ବାଇବଲ, ଗୁରୁ ଗ୍ରନ୍ଥ)।

**ଆମର ଦାୟିତ୍ୱ କ'ଣ ?**- ଏହି ଶାସ୍ତ୍ରଗୁଡିକର ମହତ୍ ବାଣୀକୁ ଆଜି ମଧ୍ୟ ଆମ ଦୈନିକ ଜୀବନରେ ପରିଣତ କରିବା ଆମର ଦାୟିତ୍ୱ। ଧର୍ମର ନାଁରେ ନୁହେଁ, ବରଂ ମାନବତାର ନାଁରେ ଆମେ ପରସ୍ପରକୁ ସମ୍ମାନ କରିବା ଆବଶ୍ୟକ। ଘୃଣା ଓ ବିଭେଦକୁ ଦୂରେଇ ଦେବା ଆବଶ୍ୟକ। ସେହି ଦିନ ଯେତେବେଳେ ପ୍ରତିଟି ମନୁଷ୍ୟ ମନେ କରିପାରିବ, "ଏହି ଜଣେ ମୋର ଭାଇ, ଏହି ଜଣେ ମୋର ଭଉଣୀ, ଏହି ଜଣେ ମୋର ପରିବାର" – ସେତେବେଳେ ସମସ୍ତ ଧର୍ମର ମୂଳ ମନ୍ତ୍ର ଫଳାଫଳ ହେବ, ଆମ ସମାଜ ଶାନ୍ତି, ସମଭାବ ଓ ପ୍ରେମରେ ବଞ୍ଚିବ। ଜୟ ଶ୍ରୀ ଜଗନ୍ନାଥ।

**ଅଧ୍ୟକ୍ଷ**
**ପତିତପାବନ ଜଗନ୍ନାଥ ସେବା ଫାଉଣ୍ଡେସନ**
**ଓଡ଼ିଶା ସୁରକ୍ଷା ସେନା**

## ଓଡ଼ିଶାର ବିକାଶ ଓ ବଜେଟ୍ ପାଇଁ ଏକ ଦୂରଦୃଷ୍ଟିସମ୍ପନ୍ନ ପ୍ରସ୍ତାବ



ଶାନ୍ତନୁ ଶତପଥୀ

ଓଡ଼ିଶାକୁ ଏକ ଅଗ୍ରଣୀ ଓ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ଆଗାମୀ ବଜେଟ୍‌ରେ ଏକ ଦୂରଦୃଷ୍ଟିସମ୍ପନ୍ନ ପ୍ରସ୍ତାବ ଉପରେ ସରକାରୀ ଓ ଅର୍ଥନୈତିକ ସ୍ତରରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପ୍ରସ୍ତାବ କେବଳ ଆସନ୍ତା ଆର୍ଥିକ ବର୍ଷ ପାଇଁ ନୁହେଁ, ବରଂ ରାଜ୍ୟର ଦୀର୍ଘକାଳୀନ ଭିତ୍ତିଭୂମିର ବିକାଶ ଏବଂ ୪.୫ କୋଟି ଓଡ଼ିଆଙ୍କ ଆର୍ଥିକ ଅଭିବୃଦ୍ଧିକୁ ଲକ୍ଷ୍ୟ କରି ପ୍ରସ୍ତୁତ କରାଯାଇଛି। ବିଶେଷଜ୍ଞଙ୍କ ମତରେ, ଏହି ରୋଡ୍‌ମ୍ୟାପ୍ ଓଡ଼ିଶାର ଅର୍ଥନୀତିକୁ ଏକ ନୂଆ ଦିଗ୍‌ଦର୍ଶନ ଦେବ। ୫ଟି ମୁଖ୍ୟ ସ୍ତମ୍ଭ ଉପରେ ଆଧାରିତ ପ୍ରସ୍ତାବ ଗୁଡ଼ିକ ହେଲା ଆଧୁନିକ କୃଷି ଓ ଗ୍ରାମୀଣ ଅର୍ଥନୀତି, ଶିଳ୍ପ ବିପ୍ଳବ ଓ ଯୁବ ନିଯୁକ୍ତି, ମହିଳାଙ୍କ ଅର୍ଥନୈତିକ ସ୍ୱାଧୀନତା, ସ୍ୱାସ୍ଥ୍ୟ ଓ ଶିକ୍ଷାର ଡିଜିଟାଲାଇଜେସନ, ଭିତ୍ତିଭୂମି ଓ ପର୍ଯ୍ୟଟନର ବିକାଶ।

କୃଷି କ୍ଷେତ୍ରରେ ପାରମ୍ପରିକ ପଦ୍ଧତି ବଦଳରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ଡ୍ରୋନ୍ ଜ୍ଞାନକୌଶଳର ବ୍ୟବହାର ଉପରେ ପ୍ରସ୍ତାବ ଦିଆଯାଇଛି। ପ୍ରତି ଜିଲ୍ଲାରେ ଶୀତଳ ଭଣ୍ଡାର ନିର୍ମାଣ ଓ ସ୍ୱତନ୍ତ୍ର କୃଷି ପାଣ୍ଠି ଜରିଆରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଏହାର ମୁଖ୍ୟ ଲକ୍ଷ୍ୟ। ଓଡ଼ିଶାକୁ ଦେଶର ଷ୍ଟାର୍ଟଅପ୍ ଏବଂ ଗ୍ରୀନ୍ ଏନର୍ଜିର ହବ୍ ଭାବେ ଗଢ଼ିତୋଳିବାକୁ ବଜେଟ୍‌ରେ ବ୍ୟବସ୍ଥା କରାଯାଉଛି। ଆଇଟି ଓ ଅର୍ଦ୍ଧପରିବାହୀ ଶିଳ୍ପକୁ ଆକର୍ଷିତ କରି ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ଲକ୍ଷାଧିକ ନିଯୁକ୍ତି ସୁଯୋଗ ସୃଷ୍ଟିର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ପରିଣତ କରିବା ପାଇଁ ବିନା ସୁଧରେ ଅଧିକ ଋଣ ଓ ବିଶ୍ୱସ୍ତରୀୟ ବଜାର ସଂଯୋଗ ଯୋଗାଇଦେବାକୁ ଏହି ପ୍ରସ୍ତାବରେ ଗୁରୁତ୍ୱ ଦିଆଯାଇଛି। ଗ୍ରାମାଞ୍ଚଳରେ ଟେଲି-ମେଡିସିନ ଓ ଡିଜିଟାଲ୍ ହେଲ୍‌ଥ କ୍ଲିନିକ୍ ପ୍ରତିଷ୍ଠା ସହ ସରକାରୀ ବିଦ୍ୟାଳୟଗୁଡ଼ିକୁ ଆଧୁନିକ ଜ୍ଞାନକୌଶଳରେ ସମୃଦ୍ଧ କରିବାକୁ ଏକ ବୃହତ ପାଣ୍ଠି ଗଠନର ପ୍ରସ୍ତାବ ରହିଛି।

ରାଜ୍ୟର ଅଭ୍ୟନ୍ତରୀଣ ଅଞ୍ଚଳକୁ ସଂଯୋଗ କରୁଥିବା ନୂଆ ଏକ୍ସପ୍ରେସୱେ ନିର୍ମାଣ ଏବଂ ଓଡ଼ିଶାର ସାଂସ୍କୃତିକ ଓ ବେଳାଭୂମି ପର୍ଯ୍ୟଟନକୁ ବିଶ୍ୱ ସ୍ତରରେ ବ୍ରାଣ୍ଡିଂ କରି ରାଜସ୍ୱ ବୃଦ୍ଧି କରିବାକୁ ଯୋଜନା ରହିଛି। ଅର୍ଥନୈତିକ ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ପ୍ରସ୍ତାବ ରାଜ୍ୟର ଆଭ୍ୟନ୍ତରୀଣ ଉତ୍ପାଦକୁ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାରରେ ପହଞ୍ଚାଇବାରେ ସହାୟକ ହେବ। ଏହା ଏକ ପାରମ୍ପରିକ ବଜେଟ୍ ନହୋଇ ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଏକ ଦୂରଦୃଷ୍ଟିସମ୍ପନ୍ନ ଦସ୍ତାବିଜ୍ ସାବ୍ୟସ୍ତ ହେବ।

ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ଆଗାମୀ ବଜେଟ୍‌ରେ ଏକ ଦୂରଦୃଷ୍ଟିସମ୍ପନ୍ନ ପ୍ରସ୍ତାବ ଉପରେ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ସରକାର କେତେକ ବୃହତ ପରିସଂଖ୍ୟାନଗତ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ରାଜ୍ୟର ପ୍ରକୃତ ଏଝଉଚ ଅଭିବୃଦ୍ଧି ହାର ୭.୯ ପ୍ରତିଶତ ରହିଛି। ଆଗାମୀ ଆର୍ଥିକ ବର୍ଷରେ ଏହାକୁ ୮ ପ୍ରତିଶତରୁ ଅଧିକ କରିବାକୁ ଲକ୍ଷ୍ୟ ରଖାଯାଇଛି (ଓଇସି ୨୦୨୫-୨୬ ମେନ ବୁକଲେଟ)। ରାଜ୍ୟର ମୋଟ ଜିଏସଡିପିକୁ ୧୧.୦୭ ଲକ୍ଷ କୋଟିକୁ ବୃଦ୍ଧି କରିବା ସହ ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାରର ଅର୍ଥନୀତି କରିବା ଏହି ଦୂରଦୃଷ୍ଟିସମ୍ପନ୍ନ ପ୍ରସ୍ତାବର ମୁଖ୍ୟ ଆଧାର। ବିକାଶମୂଳକ ଯୋଜନା ପାଇଁ ଆଗାମୀ ମୋଟ ବଜେଟ୍ ଅଟକଳକୁ ୩,୧୦,୦୦୦ କୋଟିକୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦିଆଯାଇଛି।

ଭିତ୍ତିଭୂମିର ବିକାଶ ପାଇଁ ଜିଏସଡିପିର ପ୍ରାୟ ୬.୫ ପ୍ରତିଶତ (୭୨,୧୦୦ କୋଟି) କେବଳ କ୍ୟାପିଟାଲ୍ ଆଉଟ୍‌ଲେ' ପାଇଁ ରଖିବାକୁ ପ୍ରସ୍ତାବ ଦିଆଯାଇଛି। ଶିଳ୍ପାୟନ ମାଧ୍ୟମରେ ରାଜ୍ୟରେ ୫.୬୬ ଲକ୍ଷ କୋଟିର ପୁଞ୍ଜି ବିନିଯୋଗ ସହ ୩.୩୫ ଲକ୍ଷ ନୂତନ ନିଯୁକ୍ତି ସୃଷ୍ଟିର ଲକ୍ଷ୍ୟ ରହିଛି। ରାଜ୍ୟର ବାର୍ଷିକ ମୁଣ୍ଡପିଛା ଆୟ ୧,୮୬,୭୬୧ ହୋଇଥିବା ବେଳେ ଏହି ପ୍ରସ୍ତାବ ମାଧ୍ୟମରେ ଏହାକୁ ଖୁବ୍‌ଶୀଘ୍ର ୨ ଲକ୍ଷ ଟପାଇବାକୁ ଲକ୍ଷ୍ୟ ରଖାଯାଇଛି।

ବିଶେଷଜ୍ଞଙ୍କ ମତରେ, ଏହି ଦୂରଦୃଷ୍ଟିସମ୍ପନ୍ନ ବଜେଟ୍ ପ୍ରସ୍ତାବ ଓଡ଼ିଶାର ୪.୫ କୋଟି ଜନସାଧାରଣଙ୍କ ସାମଗ୍ରିକ ବିକାଶ ଏବଂ ରାଜ୍ୟକୁ ଏକ ଆର୍ଥିକ ଶକ୍ତିଶାଳୀ ରାଜ୍ୟ ଭାବେ ଗଢ଼ିତୋଳିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

**ଯୁବ ସମାଜସେବୀ**
**ଭୁବନେଶ୍ୱର**

## ବିଜୟଙ୍କ ବିଦ୍ରୋହ, ନବୀନ ଯୁଗର ପତନ



ଲକି ସ୍ୱାଇଁ

ଓଡ଼ିଶା ରାଜନୀତିରେ ୨୦୨୩ ମସିହାରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକଙ୍କର କଂଗ୍ରେସରେ ଯୋଗଦାନକୁ ଆରମ୍ଭରେ ଅନେକ ଲୋକ ସାଧାରଣ ରାଜନୈତିକ ଘଟଣା ଭାବେ ଦେଖିଥିଲେ। କିନ୍ତୁ ସମୟ ସହିତ ସେହି ଯୋଗଦାନ ଓଡ଼ିଶାର ରାଜନୀତିରେ ଏକ ବଡ଼ ପ୍ରତୀକରେ ପରିଣତ ହେଲା — ନବୀନ ପଟ୍ଟନାୟକ–ଭି.କେ. ପାଣ୍ଡିଆନ କେନ୍ଦ୍ରିକ ଶକ୍ତି ଗଠନ ବିରୋଧରେ ଭିତରୁ ଉଠିଥିବା ପ୍ରଥମ ପ୍ରଭାବଶାଳୀ ବିଦ୍ରୋହୀ ସ୍ୱର ଭାବେ।

୨୦୨୪ ନିର୍ବାଚନ ପରେ ରାଜ୍ୟରେ ଘଟିଥିବା ଶାସନ ପରିବର୍ତ୍ତନ ପରେ, ବିଜୟ ପଟ୍ଟନାୟକଙ୍କର ରାଜନୈତିକ ଭୂମିକା ଓ ତାଙ୍କର ପାଣ୍ଡିଆନ ବିରୋଧୀ ଆକ୍ରମଣକୁ ନୂଆ ଭାବରେ ବିଶ୍ଳେଷଣ କରାଯାଉଛି।

**ନବୀନ ଇକୋସିଷ୍ଟମର ଭିତରୁ ଉଠିଥିବା ବିରୋଧ :** ବିଜୟ ପଟ୍ଟନାୟକ କୌଣସି ସାଧାରଣ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ନୁହନ୍ତି। ୧୯୭୬ ବ୍ୟାଚର ଏହି ଅଧିକାରୀ ନବୀନ ପଟ୍ଟନାୟକଙ୍କ ପ୍ରମୁଖ ସଚିବ ଭାବେ କାମ କରିଥିଲେ ଓ ୨୦୧୦ ରୁ ୨୦୧୩ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଥିଲେ। ସେ ସମୟରେ ସେ ନବୀନ ସରକାରର ସବୁଠାରୁ ପ୍ରଭାବଶାଳୀ ପ୍ରଶାସକମାନଙ୍କ ମଧ୍ୟରେ ଗଣ୍ୟ ହେଉଥିଲେ। ସେହିପରି ଜଣେ ପୂର୍ବତନ ଶକ୍ତିଶାଳୀ ଅଧିକାରୀ ଯେତେବେଳେ ୨୦୨୩ ଫେବୃଆରୀରେ କଂଗ୍ରେସରେ ଯୋଗ ଦେଲେ, ତାହା ରାଜ୍ୟ ରାଜନୀତିରେ ତୁରନ୍ତ ଚର୍ଚ୍ଚାର ବିଷୟ ହୋଇଯାଇଥିଲା।

ଯୋଗଦାନ ପରେ ବିଜୟ ପଟ୍ଟନାୟକ ଖୋଲାମେଲା ଭାବେ ଓଡ଼ିଶାରେ ଶାସନର କେନ୍ଦ୍ରୀକରଣ, ପ୍ରଶାସନିକ ଅପହୁଞ୍ଚ ଓ ଲୋକତାନ୍ତ୍ରିକ ଜବାବଦେହିତାର ଅବକ୍ଷୟକୁ ସମାଲୋଚନା କରିଥିଲେ। ତାଙ୍କର ଏହି ଆକ୍ରମଣକୁ ଭି.କେ. ପାଣ୍ଡିଆନଙ୍କ ବଢୁଥିବା ପ୍ରଭାବ ବିରୋଧରେ ସିଧାସଳଖ ରାଜନୈତିକ ସନ୍ଦେଶ ବୋଲି ଦେଖାଯାଇଥିଲା। ପରେ ତାଙ୍କୁ ଓଡ଼ିଶା କଂଗ୍ରେସ କ୍ୟାମ୍ପେନ କମିଟିର ଅଧ୍ୟକ୍ଷ କରାଯାଇଥିଲା।

**ଭଦ୍ରକର କଳାପତାକା : ଯେଉଁଠାରୁ ଭୟ ଭାଙ୍ଗିଥିଲା**

୧୧ ଜୁନ ୨୦୨୩ ରେ ଭି.କେ. ପାଣ୍ଡିଆନଙ୍କ ଭଦ୍ରକ ଗସ୍ତ ସମୟରେ ଯୁବ କଂଗ୍ରେସ କର୍ମୀମାନେ କଳାପତାକା ପ୍ରଦର୍ଶନ କରି "ପାଣ୍ଡିଆନ ଗୋ ବ୍ୟାକ୍" ସ୍ଲୋଗାନ ଦେଇଥିଲେ। ଭଦ୍ରକ ମେଡିକାଲ କଲେଜ ଓ ଭଦ୍ରକ ସ୍ୱୟଂଶାସିତ କଲେଜକୁ ବିଶ୍ୱବିଦ୍ୟାଳୟ ମର୍ଯ୍ୟାଦା ଦାବିରେ ଏହି ପ୍ରତିବାଦ ହୋଇଥିଲା।

କିନ୍ତୁ ଏହା କେବଳ ଏକ ସାଧାରଣ ପ୍ରତିବାଦ ନ ଥିଲା। ଭଦ୍ରକରେ କଂଗ୍ରେସ ଯୁବ ନେତା ଓ ସଂଗଠକ ଶୁଭେନ୍ଦୁ ରାୟ ମହାପାତ୍ରଙ୍କ ନେତୃତ୍ୱରେ ଏହି ପ୍ରତିବାଦ ହୋଇଥିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ହୋଇଥିଲା। ବିଜୟ ପଟ୍ଟନାୟକଙ୍କ ଆକ୍ରାମକ ପାଣ୍ଡିଆନ ବିରୋଧୀ ଧାରା ସେତେବେଳେ ଭଦ୍ରକ କଂଗ୍ରେସ ଓ ଯୁବ କର୍ମୀମାନଙ୍କୁ ନୂଆ ମନୋବଳ ଦେଇଥିଲା। ସେହି ଘଟଣା ପରେ ପ୍ରଥମଥର ପାଇଁ ଓଡ଼ିଶାର ବିରୋଧୀ ଦଳ କର୍ମୀମାନଙ୍କ ମନରେ ଏହି ଧାରଣା ସୃଷ୍ଟି ହୋଇଥିଲା ଯେ ପାଣ୍ଡିଆନଙ୍କୁ ସାର୍ବଜନୀନ ଭାବେ ବିରୋଧ କରାଯାଇପାରିବ। ଅନେକ କଂଗ୍ରେସ କର୍ମୀ ପରେ ଏହାକୁ "ନବୀନ–ପାଣ୍ଡିଆନ ଯୁଗର ପତନ ପୂର୍ବର ସାଇରେନ" ବୋଲି କହିଥିଲେ।

**ଭଦ୍ରକରୁ ସାରା ଓଡ଼ିଶା :** ଭଦ୍ରକ ଘଟଣା ପରେ ପୁରୀ, ବାଙ୍କୀ, ବଲାଙ୍ଗୀର, ଭବାନୀପାଟଣା ସହ ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ପାଣ୍ଡିଆନ ବିରୋଧୀ କଳାପତାକା ପ୍ରଦର୍ଶନ ଆରମ୍ଭ ହୋଇଥିଲା।

ଧୀରେ ଧୀରେ ପାଣ୍ଡିଆନ କେବଳ ଜଣେ ପ୍ରଶାସନିକ ଅଧିକାରୀ ନୁହେଁ, ବରଂ ବିରୋଧୀ ରାଜନୀତିର ପ୍ରମୁଖ ଲକ୍ଷ୍ୟ ହୋଇଯାଇଥିଲେ।

**ଭୁବନେଶ୍ୱର କ୍ଲବ ନିର୍ବାଚନ : ଶକ୍ତିର ଅନ୍ୟ ଯୁଦ୍ଧକ୍ଷେତ୍ର**

ଭୁବନେଶ୍ୱର କ୍ଲବ ନିର୍ବାଚନକୁ ନେଇ ମଧ୍ୟ ଓଡ଼ିଶାର ଅଭିଜାତ ବ୍ୟୁରୋକ୍ରାଟିକ୍ ଶକ୍ତି ସଂଘର୍ଷ ସ୍ୱଷ୍ଟ ହୋଇଥିଲା। ୨୦୨୨ ମସିହାରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ — ଯିଏକି ନବୀନ–ପାଣ୍ଡିଆନ ପ୍ରଶାସନିକ ଗୋଷ୍ଠୀଙ୍କ ନିକଟତମ ଭାବେ ଦେଖାଯାଉଥିଲେ — ଭୁବନେଶ୍ୱର କ୍ଲବ ନିର୍ବାଚନରେ ବିଜୟୀ ହୋଇଥିଲେ। ପରେ ୨୦୨୬ ରେ ଭୁବନେଶ୍ୱର କ୍ଲବକୁ କେନ୍ଦ୍ର କରି ହୋଇଥିବା ଅନ୍ତର୍ଦ୍ୱନ୍ଦ୍ୱ ଓ ଶକ୍ତି ସଂଘର୍ଷ ମଧ୍ୟ ଏହା ସ୍ୱଷ୍ଟ କରିଥିଲା ଯେ ଓଡ଼ିଶାର ପ୍ରଶାସନିକ ଓ ରାଜନୈତିକ ମହଲରେ ପାଣ୍ଡିଆନ ପ୍ରଭାବ ବିରୋଧରେ ଏକ ଶକ୍ତିଶାଳୀ ଗୋଷ୍ଠୀ ତିଆରି ହେଉଥିଲା ଓ ଏହି ବିଜୟର ଶ୍ରେୟ ବି ବିଜୟ ପଟ୍ଟନାୟକଙ୍କୁ ଦିଆଯାଇଥିଲା। ବିଜୟ ପଟ୍ଟନାୟକଙ୍କ ସମର୍ଥକମାନଙ୍କ ମତରେ ସେ କେବେ ନବୀନ କିମ୍ବା ପାଣ୍ଡିଆନଙ୍କ ସହ ସମଝୌତା କରିନଥିଲେ। ବରଂ ସେ ଓଡ଼ିଶାରେ ବଢୁଥିବା "ତାମିଲ ପ୍ରଭାବ କେନ୍ଦ୍ରିକ ଶକ୍ତି ଗଠନ" ବିରୋଧରେ ନିରନ୍ତର ଭାବେ ରାଜନୈତିକ ଲଢ଼ାଇ ଜାରି ରଖିଥିଲେ।

**କଂଗ୍ରେସ ଭିତରେ ଅସୁବିଧା-** ବିଜୟ ପଟ୍ଟନାୟକଙ୍କ ଆକ୍ରାମକ ରାଜନୀତି କଂଗ୍ରେସର କିଛି ପୁରୁଣା ନେତାଙ୍କୁ ଅସୁବିଧାରେ ପକାଇଥିଲା। ରାଜନୈତିକ ମହଲରେ ଚର୍ଚ୍ଚା ହୋଇଥିଲା ଯେ ଓଡ଼ିଶା ପ୍ରଦେଶ କଂଗ୍ରେସର କିଛି ବରିଷ୍ଠ ନେତା ବିଜୟ ପଟ୍ଟନାୟକଙ୍କ ଉଦୟକୁ ସନ୍ଦେହର ଚକ୍ଷୁରେ ଦେଖୁଥିଲେ। ସେମାନଙ୍କ ଭୟ ଥିଲା ଯେ ବିଜୟ ପଟ୍ଟନାୟକଙ୍କ ଆଗମନ ଦଳ ଭିତରେ ସେମାନଙ୍କର ପ୍ରଭାବ କମାଇଦେବ। ଏହା ସହ ଏହି ଅଭିଯୋଗ ମଧ୍ୟ ଉଠିଥିଲା ଯେ କଂଗ୍ରେସର କିଛି ପୁରୁଣା ନେତା ନବୀନ ସରକାର ସହ ନିରବ ସମ୍ପର୍କ ରଖି ବ୍ୟକ୍ତିଗତ ରାଜନୈତିକ ସୁବିଧା ନେଉଥିଲେ ଓ ନିଜ ପୁଅ–ଝିଅଙ୍କ ରାଜନୈତିକ ସ୍ଥାପନା ପାଇଁ ମଧ୍ୟ ସମୀକରଣ ରଖୁଥିଲେ, ନିଜ ନିଜର ବିଭିନ୍ନ ବ୍ୟବସାୟିକ ସଂସ୍ଥାଉପରେ ଯେପରି ନବୀନ ସରକାରର ନଜର ନ ଲାଗିବ, ସେଥିପ୍ରତି ବି କଂଗ୍ରେସ ର କିଛି ଭେଟେରାନ ନେତା ବିଜୟଙ୍କ କାର୍ଯ୍ୟଶୈଳୀ ଉପରେ ଭିତରେ ଭିତରେ ଅସନ୍ତୁଷ୍ଟ ଥିଲେ। ବିଜୟ ପଟ୍ଟନାୟକଙ୍କ ଆକ୍ରାମକ ପାଣ୍ଡିଆନ ବିରୋଧୀ ଧାରା ଏହି ନିରବ ସମୀକରଣକୁ ଅସୁବିଧାରେ ପକାଇଥିଲା।

**ଇତିହାସ କ'ଣ କହିବ ?-** ନିର୍ବାଚନୀ ଭାବେ ବିଜୟ ପଟ୍ଟନାୟକ ବଡ଼ ସଫଳତା ପାଇନଥିଲେ। ପରେ ସେ କଂଗ୍ରେସ ଛାଡ଼ିଥିଲେ ଓ ଦଳ ଭିତରେ ଅବହେଳା ଥିବା ଅଭିଯୋଗ କରିଥିଲେ। କଂଗ୍ରେସର ଏହି ଭେଟେରାନ କିଛି ହାତଗଣତି ନେତା ଚାହାଁନ୍ତି, ବିଜେଡି ସମୟରେ ଦୀର୍ଘ ୧୫ ବର୍ଷରୁ ଅଧିକ ସେମାନେ ବିଧାୟକଟିଏ ବି ହୋଇପାରିଲେ ନାହିଁ, ଏପରିକି ପିସିସି ସଭାପତି ଥାଇ ମଧ୍ୟ, ଯଦି ବିଜୟ ପଟନାୟକ କଂଗ୍ରେସରେ ଦୃଢ଼ ନେତୃତ୍ୱ ନିଅନ୍ତି, ତେବେ ତାଙ୍କ ପୁଅମାନେ ବି ଆଉ ରାଜନୀତିରେ ସଳଖ ଭାବେ ଛିଡା ହୋଇପାରିବେ ନାହିଁ। ବିଜୟ, ୨୦୨୪ ସାଧାରଣ ନିର୍ବାଚନରେ ପରାସ୍ତ ହୋଇଥିଲେ ସତ କିନ୍ତୁ ତାଙ୍କ ରାଜନୈତିକ ଭୂମିକାକୁ କେବଳ ନିର୍ବାଚନୀ ପରାଜୟ ଦ୍ୱାରା ମାପିହେବ ନାହିଁ।

ଭଦ୍ରକର କଳାପତାକା ପ୍ରଦର୍ଶନ, ପାଣ୍ଡିଆନ ବିରୋଧୀ ରାଜ୍ୟବ୍ୟାପୀ ଆନ୍ଦୋଳନ ଓ ଶକ୍ତି କେନ୍ଦ୍ର ବିରୋଧରେ ଭିତରୁ ଆସିଥିବା ପ୍ରତିରୋଧ — ସବୁକିଛି ମିଶି ବିଜୟ ପଟ୍ଟନାୟକଙ୍କୁ ଓଡ଼ିଶା ରାଜନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟରେ ପରିଣତ କରିଛି। ଭବିଷ୍ୟତରେ ଇତିହାସ ସମ୍ଭବତଃ ତାଙ୍କୁ ଜଣେ ସଫଳ ନିର୍ବାଚନୀ ନେତା ଭାବେ ନୁହେଁ, ବରଂ ନବୀନ–ପାଣ୍ଡିଆନ ଯୁଗ ବିରୋଧରେ ପ୍ରଥମ ସଂଗଠିତ ବିଦ୍ରୋହର ପ୍ରମୁଖ ମୁହଁ ଭାବେ ସ୍ମରଣ କରିପାରେ।

**ଯୁବ ସମାଜସେବୀ**
**ଭୁବନେଶ୍ୱର**



## କକ୍ରୋଚ ଜନତା ...

ପରବର୍ତ୍ତୀ ସମୟରେ ଆବେଦନକୁ ପ୍ରତ୍ୟାଖ୍ୟାନ କରିବେ କି ନାହିଁ। ଓଡ଼ିଶାରେ ପଡ଼ିଲା କକ୍ରୋଚ ଜନତା ପାର୍ଟିର ମୂଳଦୁଆ- ବେରୋଜଗାର ଯୁବକଙ୍କ ସ୍ୱର ବୋଲି ଦାବି କରୁଥିବା ଅନଲାଇନ୍ ବ୍ୟଙ୍ଗାତ୍ମକ ଆନ୍ଦୋଳନ 'କକ୍ରୋଚ୍ ଜନତା ପାର୍ଟି'କୁ ନେଇ ଏବେ ଚାରିଆଡେ ଚର୍ଚ୍ଚା। ରାଜନୈତିକ ଦଳ ନହୋଇ ବି ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଉଥିବା ଏହି କକ୍ରୋଚ୍ ଜନତା ପାର୍ଟିର ଓଡ଼ିଶାରେ ପଡ଼ିଛି ମୂଳଦୁଆ। ସରକାରୀ ଚାକିରି ଅପେକ୍ଷାରେ ଥିବା କିଛି ଆଶାୟୀ ପ୍ରେସମିଟ୍ କରି ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି।

ସାରା ଦେଶରେ ଚହଳ ପକାଇଥିବା ଏବଂ ଜେନ୍-ଜି'ଙ୍କ ସ୍ୱର ପାଲଟିଥିବା ବ୍ୟଙ୍ଗାତ୍ମକ ଆନ୍ଦୋଳନ 'କକ୍ରୋଚ୍ ଜନତା ପାର୍ଟି'ରେ ବଢୁଛନ୍ତି ଫଲୋଅର୍ସ। ଏହାର ଅଫିସିଆଲ୍ 'ଏକ୍ସ' ଆକାଉଣ୍ଟକୁ ବ୍ଲକ୍ କରାଯିବା ପରେ ନୂଆ ଏକ୍ସ ଆକାଉଣ୍ଟ ଖୋଲିଛି କକ୍ରୋଚ୍ ପାର୍ଟି। ଯେଉଁଥିରେ ଯୋଡ଼ି ହେଉଛନ୍ତି ଲକ୍ଷ ଲକ୍ଷ ସମର୍ଥକ। ଏହାରି ଭିତରେ ଆଜି ପ୍ରେସମିଟ୍ କରି ସରକାରଙ୍କୁ ଘେରିଛନ୍ତି ଚାକିରି ଅପେକ୍ଷାରେ ଥିବା କିଛି ଆଶାୟୀ। ରାଜ୍ୟରେ ଏସ୍ଆଇ, ପୋଲିସ କନେଷ୍ଟବଳ, ଜିଆରଏସ୍, ପିଇଓ ଭଳି ସରକାରୀ ଚାକିରି ପାଇଁ ହୋଇଥିବା ପରୀକ୍ଷାରେ କିଭଳି ଅନିୟମିତତା ହୋଇଛି, ତାର ତଥ୍ୟ ପ୍ରମାଣ ସହ ପ୍ରେସମିଟ୍‌ରେ ଦେଖାଇଛନ୍ତି। ଆଗକୁ ଏହି ମେଧାବୀ ଯୁବକ ଯୁବତୀମାନେ କକ୍ରୋଚ୍ ବା ଅସରପା ଭଳି ବିଧାନସଭା, ଲୋକସେବା ଭବନ ଓ ସିଏମ୍ ଅଫିସ୍ କାନ୍ଥକୁ ଚଢ଼ିଯିବେ ବୋଲି ଚେତାବନୀ ଦେଇଛନ୍ତି। ସରକାରୀ ନିଯୁକ୍ତି ପାଇଁ ହେଉଥିବା ବିଭିନ୍ନ ପରୀକ୍ଷାରେ ଅନିୟମିତତା ହେଉଛି। ଆଉ ଏହି ସରକାରୀ ବ୍ୟବସ୍ଥା ବିରୋଧରେ ସ୍ୱର ଉଠାଇ ଜନ୍ମ ନେଇଛି 'କକ୍ରୋଚ୍ ଜନତା ପାର୍ଟି'। ଯାହାକୁ ସରକାରଙ୍କ ବିରୋଧରେ ବଢୁଥିବା ଅସନ୍ତୋଷର ପ୍ରତିଫଳନ ବୋଲି କହିଛି କଂଗ୍ରେସ। ତେବେ ଏହାକୁ କଡ଼ା ଭାଷାରେ କାଉଣ୍ଟର କରିଛି ବିଜେପି। ଏହାର ପ୍ରଭାବ ଯୁବବର୍ଗଙ୍କ ଉପରେ ପଡ଼ିବ ନାହିଁ ବୋଲି ଦଳ କହିଛି।

କକ୍ରୋଚ୍ ଜନତା ପାର୍ଟି ଏକ ରାଜନୈତିକ ଦଳ ନୁହେଁ କିନ୍ତୁ ରାଜନୈତିକ ଦଳ ଠାରୁ ଅଧିକ ଲୋକପ୍ରିୟ। ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ମାତ୍ର ସପ୍ତାହକ ଭିତରେ ଦେଢ କୋଟିରୁ ଅଧିକ ଫଲୋର୍ସ ହୋଇଛନ୍ତି।

'କକ୍ରୋଚ୍ ଜନତା ପାର୍ଟି'କୁ ନେଇ ଚର୍ଚ୍ଚାରେ ଅଭିଜିତ୍ ଦୀପ୍ କେ (ଅଭିଜିତ୍ ଦୀପ୍‌କେ)ଙ୍କୁ ନେଇ ଏବେ ସବୁଠୁ ଚର୍ଚ୍ଚା। ଅଭିଜିତ ହେଉଛନ୍ତି ବ୍ୟଙ୍ଗାତ୍ମକ ଡିଜିଟାଲ ଆଉଟଫିଟ୍ 'କକ୍ରୋଚ ଜନତା ପାର୍ଟି'ର ପ୍ରତିଷ୍ଠାତା। ମେ ୧୬ ତାରିଖରେ ଅଭିଜିତ ଏହାର ପ୍ରତିଷ୍ଠା କରିଥିଲେ। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ପରଜୀବୀ ଓ କକ୍ରୋଚ ଟିପ୍ପଣୀରୁ ଏହି ଦଳ ଗଠନ ହୋଇଛି। ମାତ୍ର କେଇ ଘଣ୍ଟା ଭିତରେ 'କକ୍ରୋଚ୍ ଜନତା ପାର୍ଟି' ସାମାଜିକ ଗଣମାଧ୍ୟମରେ ଝଡ଼ ସୃଷ୍ଟି କରିଥିଲା ଓ ଏହାର ଲକ୍ଷ ଲକ୍ଷ ଅନୁଗାମୀ ହୋଇଯାଇଥିଲେ। ଇନଷ୍ଟାଗ୍ରାମରେ 'କକ୍ରୋଚ୍ ଜନତା ପାର୍ଟି'ର ୧୯ ନିୟୁତରୁ ଅଧିକ ଫଲୋର୍ସ ହୋଇଯାଇଥିଲେ।

ଭାରତର କୌଣସି ରାଜନୈତିକ ଦଳରେ ଏତେ ସଂଖ୍ୟକ ଫଲୋର୍ସ ନାହାନ୍ତି। 'ଏକ୍ସ'ରେ ଏହାର ୨୦୦,୦୦୦ରୁ ଅଧିକ ଫଲୋର୍ସ ଅଛନ୍ତି, କିନ୍ତୁ ଗୁରୁବାର ଭାରତରେ ଏକ ଆଇନଗତ ବିବାଦ ଯୋଗୁଁ ଏହା ଉପରେ କଟକଣା ଲାଗି ଯାଇଥିଲା। ସାମାଜିକ ଗଣମାଧ୍ୟମରେ ଦୀପ୍‌କେଙ୍କ ଦଳକୁ ରାଜନେତା, ସାମାଜିକ କର୍ମକର୍ତ୍ତା, କଳାକାର ଓ ଫଲୋର୍ସଙ୍କ ସମର୍ଥନ ରହିଛି। ୩୦ ବର୍ଷୀୟ ଅଭିଜିତ୍ ସାମ୍ବାଦିକତାରେ ଡିଗ୍ରି କରିଛନ୍ତି । ବର୍ତ୍ତମାନ ସେ ବୋଷ୍ଟନ ବିଶ୍ୱବିଦ୍ୟାଳୟରୁ ପବ୍ଲିକ ରିଲେସନରେ ମାଷ୍ଟର ଡିଗ୍ରୀ କରୁଛନ୍ତି। ରିପୋର୍ଟ ଅନୁସାରେ, ଦୀପକେ ୨୦୨୦ ରୁ ୨୦୨୩ ପର୍ଯ୍ୟନ୍ତ ଆମ ଆଦମୀ ପାର୍ଟି (ଆପ୍) ସହିତ ଜଡିତ ଥିଲେ ଓ ଦଳର ସୋସିଆଲ ମିଡିଆ ଟିମ୍ ସହିତ କାର୍ଯ୍ୟ କରିଥିଲେ।

ଯେତେବେଳେ କି ବର୍ଷ ବର୍ଷ ଧରି ସୋସିଆଲ ମିଡିଆରେ ଆକ୍ଟିଭ ଥିବା ମେନ ଷ୍ଟ୍ରିମ୍ ରାଜନୈତିକ ଦଳମାନଙ୍କର ଅନୁଗାମୀ ସଂଖ୍ୟା ୧ କୋଟି ଛୁଇଁବା କଷ୍ଟ ହୋଇଯାଇଛି । ଯାହାକୁ ଏବେ କେବଳ ଭାରତ ନୁହେଁ ସାରା ବିଶ୍ୱରେ ଚହଳ ସୃଷ୍ଟି କରିଛି । ବିଶେଷ କରି ଏହି କକ୍ରୋଚ ଜନତା ପାର୍ଟି ବା ସିଜେପି କେବଳ ଏବେ କାର ସରକାର ନୁହେଁ ବରଂ ଦଶନ୍ଧି ଦଶନ୍ଧି ଧରି ବ୍ୟବସ୍ଥାରେ ଥିବା ତ୍ରୁଟିକୁ ସୁଧାରିବାର ନାରା ଦେଇ ଦେଶର କୋଟି କୋଟି ବେକାର ଯୁବକ ଯୁବତୀ, ଦଳିତ, ନିଷ୍ପେଶିତ ମଣିଷମାନଙ୍କୁ ନିଜ ତରଫକୁ ଆକୃଷ୍ଟ କରିବାରେ ସଫଳ ହେବାରେ ଲାଗିଛି । ସିଜେପିର ବଢୁଥିବା ଲୋକପ୍ରିୟତା ଆଗାମୀ ଦିନରେ ମୁଖ୍ୟ ସ୍ରୋତରେ ଥିବା ରାଜନୈତିକ ଦଳମାନଙ୍କ ପାଇଁ ବିପଦ ସୃଷ୍ଟି କରିପାରେ । କାରଣ କିଛି ବର୍ଷ ଭିତରେ ନେପାଳ ଓ ଶ୍ରୀଲଙ୍କାରେ ଜେନ୍ ଜି ମାନେ ଯେଉଁଭଳି କ୍ଷମତା ପରିବର୍ତ୍ତନ କରିବାରେ ସଫଳ ହେଲେ ତାକୁ ଦେଖି ଭାରତର ଅନ୍ୟ ରାଜନୈତିକ ଦଳ ବିଶେଷ କରି ସରକାରୀ ଦଳ ପ୍ରମାଦ ଗଣିବାରେ ଲାଗିଛି । ସିଜେପିର ସଂସ୍ଥାପକ କିଛି କାରଣକୁ ନେଇ ଅସରପା ଭଳି ଏକ ପକ୍ଷୀ ନାମରେ ଭର୍ଚୁଆଲ ରାଜନୈତିକ ଦଳର ନାମ କରଣ କରିଛନ୍ତି । କେବଳ ଅସରପା ନୁହେଁ, ଏହା ପୂର୍ବରୁ ମଧ୍ୟ ବିଭିନ୍ନ ପଶୁ ପକ୍ଷୀଙ୍କ ନାମରେ ରାଜନୈତିକ ଦଳର ନାମକରଣ କରାଯାଇଛି ।

ବହୁଜନ ସମାଜବାଦୀ ପାର୍ଟିର ନିର୍ବାଚନୀ ଚିହ୍ନ ହାତୀ ରହିଛି । ଏହି ଦଳ କିଛି ବର୍ଷ ପୂର୍ବରୁ ଉତ୍ତର ପ୍ରଦେଶ ରାଜନୀତି ସହ କେନ୍ଦ୍ର ରାଜନୀତିରେ ବଡ଼ ଦବଦବା ରଖିଥିଲା । ଯାହାର ମୁଖ୍ୟ ମାୟାବତୀ ଏବେ ବି ଦଳକୁ ପୁଣି କ୍ଷମତାକୁ ଫେରାଇ ଆଣିବାକୁ ସଂଘର୍ଷ କରୁଛନ୍ତି । ଏହା ବ୍ୟତୀତ ଆସାମରେ ଆସାମ ଗଣପରିଷଦ ବୋଲି ଏକ ଆଞ୍ଚଳିକ ଦଳ ଆକ୍ଟିଭ ଅଛି । ଯାହାର ନିର୍ବାଚନୀ ଚିହ୍ନ ବି ହାତୀ ରହିଛି ।

ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଦର୍ଶରେ ଅନୁପ୍ରାଣିତ ରାଜନୈତିକ ଦଳ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ନିର୍ବାଚନୀ ଚିହ୍ନ ସିଂହ ରହିଛି ।

ସେପଟେ ଦେଶର ସର୍ବ ପୁରାତନ ରାଜନୈତିକ ଦଳ କଂଗ୍ରେସର ଏବେ ନିର୍ବାଚନୀ ଚିହ୍ନ ହାତ ରହିଛି । ହେଲେ ଏହି ଦଳ ଗଠନ ହେବା ଠାରୁ ଆଜି ପର୍ଯ୍ୟନ୍ତ ବାରମ୍ବାର ନିର୍ବାଚନ ଚିହ୍ନ ବଦଳିଛି । ଯେଉଁଭଳି କି ପ୍ରଥମରୁ କଂଗ୍ରେସର ଚିହ୍ନ ଥିଲା ଯୋଡ଼ି ବଳଦ । ହେଲେ ଦଳୀୟ କନ୍ଦଳ ଓ ମୂଳ କଂଗ୍ରେସର ଇନ୍ଦିରା ଗାନ୍ଧୀ ବାହାରି ଯେଉଁ କଂଗ୍ରେସ ଦଳ ଗଠନ କରିଥିଲେ ସେଥିରେ ତାଙ୍କର ଚିହ୍ନ ଥିଲା ଗାଈ ଓ ବାଛୁରୀ । ସେହିଭଳି ତାମିଲନାଡୁରେ ସବୁଠାରୁ ଶକ୍ତିଶାଳୀ ରାଜନୈତିକ ଦଳ ଏଆଇଏଡିଏମକେର ପ୍ରାରମ୍ଭିକ ନିର୍ବାଚନୀ ଚିହ୍ନ ଥିଲା କୁକୁଡ଼ା ।

ଏବେ ପ୍ରଶ୍ନ ଉଠୁଛି କି ଆଗାମୀ ଦିନରେ ଗଠିତ ହେବାକୁ ଥିବା ରାଜନୈତିକ ଦଳମାନଙ୍କୁ ପଶୁ ପକ୍ଷୀଙ୍କ ନାମରେ ନିର୍ବାଚନ ଚିହ୍ନ ମିଳିବ କି ?

## ରାହୁଲ ଗାନ୍ଧୀଙ୍କ ଗଦ୍ଦର ଟିପ୍ପଣୀକୁ ବିଜେପିର କଡ଼ା ସମାଲୋଚନା

ନୂଆଦିଲ୍ଲୀ, ୨୩/୦୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଦେଶ ଗସ୍ତ ନେଇ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତାଙ୍କ ଉପରେ ତୀବ୍ର ଆକ୍ରମଣ କରିବା ସହ ତାଙ୍କୁ ' ଗଦ୍ଦର ' କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ରାହୁଲଙ୍କ 'ଗଦ୍ଦର' ଟିପ୍ପଣୀକୁ ବିଜେପି କଡ଼ା ସମାଲୋଚନା କରିଛି। ପ୍ରଧାନମନ୍ତ୍ରୀଙ୍କୁ ଲଗାତାର ଟାର୍ଗେଟ୍ କରି ରାହୁଲ ଗାନ୍ଧୀ ଦେଶକୁ ଅପମାନିତ କରୁଛନ୍ତି ବୋଲି ବିଜେପି ଅଭିଯୋଗ କରିଛି।



ବିଜେପି ମୁଖପାତ୍ର ପ୍ରଦୀପ ଭଣ୍ଡାରୀ କହିଛନ୍ତି, ରାହୁଲ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ 'ଗଦ୍ଦର' ଶବ୍ଦ ବ୍ୟବହାର କରି ଭାରତର ଲୋକମାନଙ୍କୁ ଅପମାନିତ କରିଛନ୍ତି। ସେ ଦେଶର ୧୪୦ କୋଟି ନାଗରିକଙ୍କୁ ଅପମାନିତ କରିଛନ୍ତି। ରାହୁଲ ଗାନ୍ଧୀଙ୍କ ରିମୋଟ କଣ୍ଟ୍ରୋଲ ଏବେ ପାକିସ୍ତାନ ଏବଂ ଅନ୍ୟ ଭାରତୀୟ ଶକ୍ତିଙ୍କ ହାତରେ ରହିଛି ବୋଲି ସେ କହିଛନ୍ତି। ଅନ୍ୟଜଣେ ବିଜେପି ମୁଖପାତ୍ର ଶେହଜାଦ ପୁନାୱାଲା ମଧ୍ୟ କଂଗ୍ରେସ ନେତାଙ୍କ ଟିପ୍ପଣୀ ପାଇଁ ତାଙ୍କ ଉପରେ ଆକ୍ରମଣ କରିଛନ୍ତି। ପୁନାୱାଲା କହିଛନ୍ତି, କଂଗ୍ରେସ ମହବ୍ବତ କୀ ଦୁକାନ କଥା କହୁଛି କିନ୍ତୁ ଏହା ସେମାନଙ୍କ ପ୍ରକୃତ ପରିଚୟ। ସେମାନେ ସର୍ବଦା ପ୍ରଧାନମନ୍ତ୍ରୀ ମୋଦୀ ଏବଂ ତାଙ୍କ ମା'ଙ୍କୁ ମଧ୍ୟ ଅପମାନିତ କରିଛନ୍ତି। କାରଣ ପ୍ରଧାନମନ୍ତ୍ରୀ ଏକ ଓବିସି ପୃଷ୍ଠଭୂମିରୁ ଆସିଛନ୍ତି ଏବଂ ସେମାନେ ସବୁବେଳେ ତାଙ୍କୁ ଅସମ୍ମାନ କରୁଛନ୍ତି। ଉଲ୍ଲେଖଯୋଗ୍ୟ ରାହୁଲ ଆଜି ରାଏବରେଲିରେ ଏକ କାର୍ଯ୍ୟକ୍ରମରେ ମୋଦୀଙ୍କୁ ଟାର୍ଗେଟ୍ କରିଥିଲେ। ରାହୁଲ କହିଥିଲେ ମୋଦୀ ନିଜେ ନାଗରିକଙ୍କୁ ବିଦେଶ ଗସ୍ତ ବନ୍ଦ କରିବାପାଇଁ କହୁଛନ୍ତି କିନ୍ତୁ ନିଜେ ଅନ୍ତର୍ଜାତୀୟ ଗସ୍ତ ଜାରି ରଖିଛନ୍ତି।ଏହି ପ୍ରସଙ୍ଗରେ ରାହୁଲ ମୋଦୀଙ୍କୁ ଗଦ୍ଦର କହିଥିଲେ।

## କୋଟିଆରେ ଆନ୍ଧ୍ରର ସ୍ୱାସ୍ଥ୍ୟ ଶିବିର, ଘଉଡ଼ାଇଲା ବ୍ଲକ ପ୍ରଶାସନ

କୋରାପୁଟ, ୨୩।୦୫(ଶରତ ନାୟକଙ୍କ ରିପୋର୍ଟ): ଓଡିଶାର କୋରାପୁଟ ଜିଲ୍ଲା ପଟାଙ୍ଗୀ ବ୍ଲକର କୋଟିଆ ଅଞ୍ଚଳରେ ଆନ୍ଧ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେଉଥିବା ବେଳେ ପଟାଙ୍ଗୀ ବ୍ଲକ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଘଉଡା ଯାଇଛି। ଆନ୍ଧ୍ର ପ୍ରଦେଶର ପାର୍ବତୀପୁରମ ମାନ୍ୟମ ଜିଲାର ସାଲୁର ମଣ୍ଡଳମ୍‌ର ଏକ ସ୍ୱାସ୍ଥ୍ୟ କର୍ମୀ ଦଳ ଶୁକ୍ରବାର କୋଟିଆ ଅଞ୍ଚଳରେ ଅନ୍ତଃ ପ୍ରବେଶ କରି ପଞ୍ଚାୟତ ସଦର ମହକୁମା ଓ ଗଞ୍ଜେଇ ପଦର ରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲେ। ଏହି ଖବର ପାଇବା ପରେ ବିଡ଼ିଓ ରାମକୃଷ୍ଣ ନାୟକ ଏବଂ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂହ ସେଠାରେ ପହଞ୍ଚିଥିଲେ। ସ୍ୱାସ୍ଥ୍ୟ ଶିବିର ପାଇଁ ଆସିଥିବା କର୍ମଚାରୀ ମାନଙ୍କୁ କହିଥିଲେ ଆମ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଆନ୍ଧ୍ର ପ୍ରଦେଶର କୌଣସି ସେବା ଏଠାରେ ଆବଶ୍ୟକ ନାହିଁ, ବୋଲି କହି ସମ୍ପୃକ୍ତ ସ୍ୱାସ୍ଥ୍ୟ କର୍ମୀ ମାନଙ୍କୁ ବିଦା କରି ଦେଇଥିଲେ। ସୂଚନାନୁଯାୟୀ କୋରାପୁଟ ଜିଲ୍ଲା ଆନ୍ଧ୍ର - ଓଡିଶା ସୀମାନ୍ତ ପଟାଙ୍ଗୀ ବ୍ଲକ ଅଧୀନସ୍ଥ କୋଟିଆ ପଞ୍ଚାୟତର ବିଭିନ୍ନ ଗ୍ରାମପୁଞ୍ଜି ପାଇଁ ଓଡିଶା ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସୁବିଧା ମାନ ଯୋଗାଇ ଦିଆଯାଉଛି। ତେବେ ଆନ୍ଧ୍ର ସରକାରଙ୍କ ସୀମାନ୍ତ ବ୍ଲକ ପ୍ରଶାସନ ବିଭିନ୍ନ ସମୟରେ ଅନୁପ୍ରବେଶ କରି କୋଟିଆ ଅଞ୍ଚଳର ଆଦିବାସୀ ମାନଙ୍କୁ ପ୍ରଲୋଭନ ଦେଖାଇ ଆନ୍ଧ୍ରରେ ମିଶାଇବାକୁ ଚେଷ୍ଟା ଜାରି ରଖିଛି। ଏହାର ମୂଳ କାରଣ ହେଉଛି ସୀମାବର୍ତ୍ତୀ ଅଞ୍ଚଳର ଓଡିଶାରେ ଅନେକ ଖଣି ଖାଦାନ ରହିଛି ଯେଉଁଥିପାଇଁ କି ଲୋଲୁପ ଦୃଷ୍ଟି ପକାଇଛି ଆନ୍ଧ୍ର ସରକାର।

ତେବେ ଓଡିଶାର ହୁଗୁଳା ସୁରକ୍ଷା ନୀତି ପାଇଁ ସେମାନେ ବାରମ୍ବାର ଅନୁପ୍ରବେଶ ପାଇଁ ସାହସ କରୁଥିବା ସାଧାରଣରେ ଆଲୋଚନା ହେଉଛି। ଅନ୍ୟ ପକ୍ଷରେ ଘର ଢିଙ୍କି କୁମ୍ଭୀର ସଦୃଶ ଓଡିଶାର କିଛି ଲୋକ ଏଥିପାଇଁ ସେମାନଙ୍କୁ ସହଯୋଗ କରିବା ସହିତ କୋଟିଆ ଅଞ୍ଚଳର ଲୋକମାନଙ୍କୁ ପ୍ରଲୋଭନ କରି ଆନ୍ଧ୍ର ମୁହାଁ କରିବା ପାଇଁ ଚେଷ୍ଟା କରୁଥିବା ଅଭିଯୋଗ ହେଉଛି। ତେବେ କଣ କଲେ ତାହାକୁ ପ୍ରତିହତ କରାଯାଇ ପାରିବ ସେନେଇ ଓଡିଶା ସରକାର ଓ ଜିଲ୍ଲା ପ୍ରଶାସନ ଉଦ୍ୟମ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି।

## ୭୫ ଲକ୍ଷ ଟଙ୍କା ଆତ୍ମସାତ କରି ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ଗିରଫ

ଭୁବନେଶ୍ୱର/ ରାୟଗଡ଼ା, ୨୩/୦୫ (ଜେଏନ୍ଏସ୍) : ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବୃହତ ଅଞ୍ଚଳ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ)ର ପରିଚାଳନା ନିର୍ଦ୍ଦେଶକ (ଏମଡି) ତାରିଣୀ ପ୍ରସାଦ ତ୍ରିପାଠୀଙ୍କୁ ଶୁକ୍ରବାର ଗିରଫ କରିଛି ଭିଜିଲାନ୍ସ। ଶ୍ରୀ ତ୍ରିପାଠୀ ଲ୍ୟାମ୍ପସ ପାଣ୍ଠିରୁ ୭୫ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି।

ଭିଜିଲାନ୍ସ ପକ୍ଷରୁ ଟିକିନିଖି ଯାଞ୍ଚ ପରେ ଜଣାପଡ଼ିଛି ଯେ ଏହି ଜାଲିଆତି ୨୦୨୪ ରୁ ୨୦୨୬ ମସିହା ମଧ୍ୟରେ ହୋଇଛି। ଅଭିଯୁକ୍ତ ଶ୍ରୀ ତ୍ରିପାଠୀ ସରକାରୀ ନଥିପତ୍ରକୁ ବ୍ୟବସ୍ଥିତ ଢଙ୍ଗରେ ହେରଫେର କରି ଏହି ଜାଲିଆତି କରିଥିବା ଅଭିଯୋଗ ହୋଇଛି। ତଦନ୍ତରୁ ଏହା ମଧ୍ୟ ପ୍ରମାଣିତ ହୋଇଛି ଯେ ଆତ୍ମସାତ କରାଯାଇଥିବା ୭୫ ଲକ୍ଷ ଟଙ୍କା ସମବାୟ ସମିତିର ପ୍ରାଥମିକ ସଦସ୍ୟମାନଙ୍କର ପ୍ରତ୍ୟକ୍ଷ ସଞ୍ଚୟ ଏବଂ ଜମା ଖାତାର ଅର୍ଥ ଥିଲା, ଯାହା ଆର୍ଥିକ ସୁରକ୍ଷା ପାଇଁ ଏହି ଅନୁଷ୍ଠାନ ଉପରେ ନିର୍ଭର କରୁଥିବା ସ୍ଥାନୀୟ ଅଂଶୀଦାରମାନଙ୍କୁ ସିଧାସଳଖ ପ୍ରଭାବିତ କରିଛି। ଏହି ସଂକ୍ରାନ୍ତରେ କଲ୍ୟାଣସିଂହପୁର ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ତାରିଣୀ ପ୍ରସାଦ ତ୍ରିପାଠୀଙ୍କ ବିରୋଧରେ କୋରାପୁଟ ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଛି। ତାଙ୍କୁ ଗିରଫ କରାଯାଇଥିବା ବେଳେ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି।

ତାରିଣୀ ପ୍ରସାଦ ତ୍ରିପାଠୀ ୨୦୨୩ ମସିହା ଜୁଲାଇ ମାସରୁ କଲ୍ୟାଣସିଂହପୁର ଲ୍ୟାମ୍ପସର ଏମ୍ ?ଡି ଭାବେ ଦାୟିତ୍ୱ ନେଇଥିଲେ। ତାଙ୍କ ବିରୋଧରେ ପୂର୍ବରୁ ବ୍ୟାପକ ଦୁର୍ନୀତି ଅଭିଯୋଗ ରହିଆସିଥିବା ବେଳେ ଆଜି ସକାଳେ ଭିଜିଲାନ୍ସର ୬ ଜଣିଆ ଟିମ୍ ତାଙ୍କର ଜିଲୁଣ୍ଡା ସ୍ଥିତ ବାସଭବନରେ ଚଢ଼ାଉ କରିଥିଲେ। ଆଉ ତା'ପରେ ତାଙ୍କୁ ଗିରଫ କରାଯାଇଥିଲା।

## ବାପଟିଷ୍ଟ ଚର୍ଚ୍ଚ, ସୂତାହାଟକୁ ଜିଲ୍ଲାପାଳଙ୍କ ପରିଦର୍ଶନ ଓ କାର୍ଯ୍ୟ ନିର୍ଦ୍ଦେଶକୁ ନେଇ ଅସନ୍ତୋଷ




କଟକ, ୨୩/୦୫ (ଜେଏନ୍ଏସ୍) : ସ୍ୱାଧୀନତା ସଂଗ୍ରାମୀ ୱାରସ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ କଟକ ଜିଲ୍ଲାପାଳଙ୍କୁ ଓ ତାଙ୍କ ମାଧ୍ୟମରେ ମହାମୁହିମ ଓଡିଶା ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ଦେଇ ସ୍ୱାଧୀନତା ସଂଗ୍ରାମରେ ବରପୁତ୍ରଙ୍କର ସ୍ମୃତି ବହନକାରୀ ସୂତାହାଟର ଐତିହାସିକ ଗାନ୍ଧୀ - ସୁବାଷ ବୋଷ ସ୍ମାରକ ସ୍ଥଳର ପୁନରୁଦ୍ଧାର ଓ ସଂରକ୍ଷଣ ପାଇଁ ଦାବୀ ଉପସ୍ଥାପନ କରିଛନ୍ତି । ଏହି ସ୍ଥଳରେ ନେତାଜୀଙ୍କ ଠାରୁ ନେଇ ମାହାତ୍ମା ଗାନ୍ଧୀଙ୍କର ସ୍ମୃତି ଜଡିତ ଥିବାବେଳେ ଏହାକୁ ବିଭିନ୍ନ ପ୍ରକାର ଚକ୍ରାନ୍ତ ଷଡଯନ୍ତ୍ର କରି ଅର୍ଥବଳରେ ଖ୍ରୀଷ୍ଟିୟ ମିଶନାରୀ ସଂସ୍ଥା ମାନେ କଟକ ସହରର ଗର୍ବ ଗୌରବ, ବରପୁତ୍ର ମହାପୁରୁଷଙ୍କ ତ୍ୟାଗ ବଳିଦାନ ଅଧ୍ୟବସାୟର ଅମର କାହାଣୀକୁ ଧରାଶାୟୀ କରି ସେଥିରେ ତାଙ୍କର ବ୍ୟକ୍ତିଗତ ବାନା ଉଡେଇବାକୁ ଅପଚେଷ୍ଟା କରିଚାଲିଛନ୍ତି। ତେଣୁ ଏପରି ପରିପେକ୍ଷୀରେ ସଂଘ ପକ୍ଷରୁ ସେମାନଙ୍କୁ ଏହି ଦାବୀ ବିଷୟରେ ପକ୍ଷ ରଖିବାକୁ , ଐତିହାସିକ ଦସ୍ତାବେଜ ପ୍ରଦର୍ଶନ କରିବାକୁ ସ୍ୱତନ୍ତ୍ର ସମୟ ସୁଯୋଗ ଦେବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି ଓ ମହାମୁହିମ ରାଜ୍ୟପାଳଙ୍କୁ ରାଷ୍ଟ୍ରର ଗୌରବ ବହନକାରୀ ଐତିହାସିକ ସ୍ଥଳର ସଂରକ୍ଷଣ ପାଇଁ ତାଙ୍କ କ୍ଷମତା ଅନ୍ତର୍ଗତ ଆଇନଗତ ବ୍ୟବସ୍ଥା କରିବାକୁ ବିଶେଷ ଅନୁରୋଧ କରାଯାଇଅଛି ।

## କାନ ଖୋଲକର ସୁନ ସରକାର

ନୂଆଦିଲ୍ଲୀ, ୨୩/୦୫: ପୂର୍ବରୁ ଯେତେବେଳେ ପେଟ୍ରୋଲ ମହଙ୍ଗା ହେଉଥିଲା, ସେତେବେଳେ ବିଜେପି ଏହାକୁ ଲୋକଙ୍କ ଉପରେ ବୋଝ ବୋଲି କହି ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରୁଥିଲା।

- ଏବେ ବିଜେପି ଶାସନରେ ଯଦି ପେଟ୍ରୋଲ ଏବଂ ଡିଜେଲ ଗ୍ୟାସ୍ ସିଲିଣ୍ଡର ମହଙ୍ଗା ହୁଏ, ତେବେ ଏହା ଦେଶର ସ୍ୱାର୍ଥରେ ଯୋଗଦାନ ବୋଲି ବିବେଚନା କରାଯାଏ।
- ଯଦି କଂଗ୍ରେସ ଶାସନ କାଳରେ ଟଙ୍କାର ମୂଲ୍ୟ ହ୍ରାସ ପାଇଥାଆନ୍ତା, ତେବେ ଅର୍ଥନୀତି ବିପଦରେ ପଡ଼ିଥାଆନ୍ତା।
- ଏବେ ବିଜେପି ଶାସନରେ ଯଦି ଟଙ୍କାର ମୂଲ୍ୟ ହ୍ରାସ ପାଏ, ତେବେ ଏହା ଏକ ବିଶ୍ୱସ୍ତରୀୟ କାରକ ବୋଲି କୁହାଯାଏ ଏବଂ ଦେଶର ପ୍ରଧାନମନ୍ତ୍ରୀଙ୍କୁ ଫୁଲ ମାଳାରେ ସମ୍ମାନିତ କରାଯିବା କଥା ।
- ପୂର୍ବ ସରକାର ଶାସନ କାଳରେ ଯେତେବେଳେ ବେକାରୀ ଥିଲା, ସେତେବେଳେ ଦେଶର ଯୁବକମାନଙ୍କୁ ଭବିଷ୍ୟତ ନଷ୍ଟ ବୋଲି ବିବେଚନା କରାଯାଉଥିଲା।
- ଏବେ ଯଦି ବିଜେପି ସରକାରରେ ବେକାରୀ ଚରମ ସୀମାରେ ପହଞ୍ଚିଛି, ତେବେ ସେମାନେ କୌଶଳ ଶିଖନ୍ତୁ ଆତ୍ମ ନିର୍ଭର ହୁଅନ୍ତୁ । କିନ୍ତୁ ହଜାର ହଜାର କୋଟି କୌଶଳ ବିକାଶ ନାଁରେ ହଜମ କରି ଦେଇଛି କେନ୍ଦ୍ର ସରକାର।
- ଯେତେବେଳେ ପୂର୍ବ ସରକାର ଶାସନ କାଳରେ ମୁଦ୍ରାସ୍ଫୀତି ବୃଦ୍ଧି ପାଉଥିଲା, ସେତେବେଳେ ସରକାରଙ୍କ ଭୁଲ ଅର୍ଥ ନୀତି ବିଫଳ ବୋଲି କୁହାଯାଉଥିଲା ଏବଂ ଅର୍ଥମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କୁହାଯାଇଥିଲା।
- ଏବେ ବିଜେପି ସରକାରରେ ଯଦି ମୁଦ୍ରାସ୍ଫୀତି ବୃଦ୍ଧି ପାଏ, ତେବେ ଭାରତକୁ ପାକିସ୍ତାନର ମୁଦ୍ରାସ୍ଫୀତି ସହ ତୁଳନା କରାଯାଏ ଏବଂ ଭାରତ ପାକିସ୍ତାନ ଠାରୁ ଯଥେଷ୍ଟ ଭଲ ବୋଲି କୁହାଯାଉଛି ।
- ପୂର୍ବ ସରକାର ଶାସନ ରେ ଯଦି କାଗଜପତ୍ର ଲିକ୍ ହୋଇଥାନ୍ତା, ତେବେ ଶିକ୍ଷା ମନ୍ତ୍ରୀ ଇସ୍ତଫା ଦେଇଥାନ୍ତେ।
- ଏବେ ଯଦି ବିଜେପି ସରକାରରେ କାଗଜ ଲିକ୍ ହୁଏ, ତେବେ ଏହାକୁ ବିରୋଧୀଙ୍କ ଷଡ଼ଯନ୍ତ୍ର ବୋଲି ବିବେଚନା କରାଯାଉଛି। ଶନିଙ୍କୁ ଶୁକ୍ରର ତ୍ରୁଟି ବୋଲି ବିବେଚନା କରାଯାଏ।
- ପୂର୍ବ ସରକାରରେ ଯଦି ଆତଙ୍କବାଦୀ ଆକ୍ରମଣ ହେଉଥିଲା , ତେବେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଇସ୍ତଫା ଦେବାପାଇଁ କୁହାଯାଉଥିଲା।
- ଯଦି ରେଳ ଦୁର୍ଘଟଣା ହୁଏ ସେଥିପାଇଁ ଟ୍ରେନ ଚାଳକ ଦାୟୀ।
- ଏବେ ଯଦି ବିଜେପି ସରକାରରେ ଆତଙ୍କବାଦୀ ଆକ୍ରମଣ ହୁଏ, ତେବେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଲି କରି ଯୁବକମାନଙ୍କୁ ସେହି ଶହୀଦମାନଙ୍କ ନାମରେ ଭୋଟ୍ ଦେବାକୁ କୁହନ୍ତି। ମୋଦିଜୀଙ୍କ ନିଜସ୍ୱ ଟିଭି ଚ୍ୟାନେଲ, ' ମନକୀ ବାତ ରେ '
- ଯେତେବେଳେ ପୂର୍ବ ସରକାରଙ୍କ ସମୟ ରେ ବିପର୍ଯ୍ୟୟ ଘଟୁଥିଲା, ସେତେବେଳେ ସରକାରଙ୍କୁ ଦୋଷ ଦିଆଯାଇଥିଲା।
- ଏବେ ଯଦି ବିଜେପି ସରକାରରେ ବିପର୍ଯ୍ୟୟ ଆସେ, ଲୋକମାନେ ସହଯୋଗ କରିବା ଉଚିତ, ଆମର ଦୋଷ ନାହିଁ, ଏହା ଯୁଦ୍ଧ କାରଣରୁ ହେଉଛି। ପ୍ରଧାନମନ୍ତ୍ରୀ ଙ୍କ ହାତ ମୁଠାକୁ ଟାଣ କରନ୍ତୁ।
- ବାକି ସବୁ ଦୋଷ ପୂର୍ବ ସରକାର ଙ୍କର । ପୂର୍ବ ସରକର ଯେଉଁ ଦଳ ୧୨ ବର୍ଷ ପୂର୍ବରୁ କ୍ଷମତା ରେ ନାହିଁ ଆଜି ସେ ମୋଦିଜୀଙ୍କୁ ବିକାଶ କରିବାକୁ ଦେଉନାହାନ୍ତି।
- ଦେଶରେ ପଡୁଥିବା ବ୍ରିଜ ଡ୍ୟାମ୍, ପାଣି ଟାଙ୍କି ଏବଂ ଭୁଶୁଡ଼ି ପଡ଼ିଥିବା ରାସ୍ତା ପାଇଁ ପୂର୍ବ ସରକାର ଦାୟୀ ।
- ଏହାର ଅର୍ଥ ହେଉଛି ସୁବିଧା ଅନୁଯାୟୀ ତୁଳନା, ସୁବିଧା ଅନୁଯାୟୀ ପ୍ରଶ୍ନ ଏବଂ ସୁବିଧା ଅନୁଯାଯୟୀ ଜାତୀୟତାବାଦ।
- ଶ୍ରେୟ ନେବାରେ ଭାରତ ହେଉଛି ବିଶ୍ୱଗୁରୁ।
- ଯେତେବେଳେ ଉତ୍ତର ଦାୟିତ୍ୱ ର କଥା ଆସେ, ସେତେବେଳେ,ଭାରତ ପାକିସ୍ତାନ ଠାରୁ ଭଲ ।ପାକିସ୍ତାନ ଛୀନଛତ୍ର ହେଇଗଲାଣି,
- ଏହା ହେଉଛି ବିଜେପି ଏବଂ ବିଜେପି ଗଣମାଧ୍ୟମ ସଂସ୍ଥାଗୁଡ଼ିକର ପ୍ରକୃତ ଛବି ।

## କିଙ୍ଗ ଚାର୍ଲ୍ସ ତୃତୀୟ ପରଲୋକ': ଭୁଲ୍ ଖବର ପ୍ରସାରିତ ହେବା ପରେ କ୍ଷମା ମାଗିଲା ୟୁକେ ରେଡିଓ ଷ୍ଟେସନ

ନୂଆଦିଲ୍ଲୀ, ୨୩/୦୫: ବ୍ରିଟେନର ଏକ ଜଣାଶୁଣା ରେଡିଓ ଷ୍ଟେସନ 'ରେଡିଓ କାରୋଲିନ'ରୁ ଏକ ବଡ଼ ଧରଣର ଭୁଲ୍ ସୂଚନା ପ୍ରସାରିତ ହୋଇଛି । ଷ୍ଟେସନ ପକ୍ଷରୁ ଭୁଲବଶତଃ ବ୍ରିଟେନର ରାଜା କିଙ୍ଗ ଚାର୍ଲ୍ସ ତୃତୀୟଙ୍କ ମୃତ୍ୟୁ ହୋଇଯାଇଥିବା ଘୋଷଣା କରାଯାଇଥିଲା । ଏହି ଖବର ପ୍ରସାରିତ ହେବା ପରେ ଶ୍ରୋତାମାନଙ୍କ ମଧ୍ୟରେ ଶୋକ ଖେଳିଯାଇଥିଲା । ତେବେ ଏହା ଏକ ବୈଷୟିକ ତ୍ରୁଟି ଯୋଗୁଁ ଘଟିଥିବା ସ୍ପଷ୍ଟ କରି ଷ୍ଟେସନ କର୍ତ୍ତୃପକ୍ଷ ସାର୍ବଜନୀନ ଭାବେ କ୍ଷମା ପ୍ରାର୍ଥନା କରିଛନ୍ତି । ଏସେକ୍ସ ସ୍ଥିତ ରେଡିଓ କାରୋଲିନର ମୁଖ୍ୟ ଷ୍ଟୁଡିଓରେ କମ୍ପ୍ୟୁଟର ଜନିତ ତ୍ରୁଟି ହେତୁ ହଠାତ୍ 'ଡେଥ୍ ଅଫ୍ ଏ ମୋନାର୍କ' (ରାଜାଙ୍କ ନିଧନ ସମୟର ନିୟମାବଳୀ) ପ୍ରୋଟୋକଲ୍ ସକ୍ରିୟ ହୋଇଯାଇଥିଲା । ଏହି ଜରୁରୀକାଳୀନ ବ୍ୟବସ୍ଥାଟି ବ୍ରିଟେନର ସମସ୍ତ ଗଣମାଧ୍ୟମ ପ୍ରସ୍ତୁତ କରି ରଖିଥାନ୍ତି । ଏହାକୁ କେବଳ ରାଜା କିମ୍ବା ରାଣୀଙ୍କ ମୃତ୍ୟୁ ସମୟରେ ହିଁ ବ୍ୟବହାର କରାଯାଏ। ଏହି ଅଟୋମେଟେଡ୍ ସିଷ୍ଟମ୍ ଭୁଲ୍ରେ ଅନ୍ ହୋଇଯିବା ଯୋଗୁଁ ରେଡିଓରେ 'ରାଜାଙ୍କ ନିଧନ ହୋଇଛି' ବୋଲି ବାର୍ତ୍ତା ଚାଲିଯାଇଥିଲା। ପ୍ରୋଟୋକଲ୍ ଅନୁଯାୟୀ ଷ୍ଟେସନ ପ୍ରାୟ ୧୫ ମିନିଟ୍ ପାଇଁ ସମ୍ପୂର୍ଣ୍ଣ ନୀରବ ହୋଇଯାଇଥିଲା । ଏହା ଦେଖି କର୍ମଚାରୀମାନେ ତୁରନ୍ତ ସିଷ୍ଟମକୁ ସୁଧାରି ପ୍ରସାରଣ ଆରମ୍ଭ କରିଥିଲେ । ଷ୍ଟେସନ ମ୍ୟାନେଜର ପିଟର ମୁର ଏକ ବୟାନରେ କହିଛନ୍ତି, 'ଆମ ଷ୍ଟୁଡିଓର ଏକ କମ୍ପ୍ୟୁଟର ତ୍ରୁଟି ଯୋଗୁଁ ଏହି ଜରୁରୀକାଳୀନ ପ୍ରୋଟୋକଲ୍ ସିଷ୍ଟମଟି ଭୁଲବଶତଃ ସକ୍ରିୟ ହୋଇଯାଇଥିଲା। ଏହାଦ୍ୱାରା ଯେଉଁ ମିଥ୍ୟା ସୂଚନା ପ୍ରସାରିତ ହେଲା, ସେଥିପାଇଁ ଆମେ ମହାରାଜା ଏବଂ ଆମର ସମସ୍ତ ଶ୍ରୋତାମାନଙ୍କୁ ଆନ୍ତରିକତାର ସହ କ୍ଷମା ପ୍ରାର୍ଥନା କରୁଛୁ ।'

## ୧୦ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ : ରାଜ୍ୟରେ ସ୍ୱତନ୍ତ୍ର 'ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ' ଓ ୩୫୮ଟି ପୁରୁଣା ଆଇନର ହେବ ଉଚ୍ଛେଦ



ଭୁବନେଶ୍ୱର, ୨୩/୦୫ (ଜେଏନ୍ଏସ୍) : ରାଜ୍ୟ କ୍ୟାବିନେଟ୍‌ରେ ୭ଟି ବିଭାଗର ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟାରେ ଲୋକସେବା ଭବନରେ ଆୟୋଜିତ କ୍ୟାବିନେଟ୍ ବୈଠକରେ ରାଜ୍ୟରେ ସ୍ୱତନ୍ତ୍ର ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ସ୍ଥାପନ ସହ ୩୫୮ଟି ପୁରୁଣା ଆଇନକୁ ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ଅନୁମୋଦନ ମିଳିଛି । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ସଚିବ ଅନୁ ଗର୍ଗ କହିଛନ୍ତି ଯେ, ରାଜ୍ୟର ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି । ରାଜ୍ୟରେ ଆବିଷ୍କୃତ ହୋଇଥିବା ପ୍ରାଚୀନ ମନ୍ଦିର ଓ କୀର୍ତ୍ତିରାଜିଗୁଡ଼ିକର ସୁରକ୍ଷା,ସୁପରିଚାଳନା ତଥା ସଂରକ୍ଷଣ ପାଇଁ ଏକ ସ୍ୱତନ୍ତ୍ର 'ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ' ସ୍ଥାପନ କରାଯିବ। ଏହାସହିତ ପ୍ରତ୍ନତତ୍ତ୍ୱିକ କ୍ୟୁରେଟର ସେବାର ପୁନର୍ଗଠନ କରାଯାଇ ନୂତନ 'ଓଡ଼ିଶା ପ୍ରତ୍ନତତ୍ତ୍ୱିକ କ୍ୟୁରେଟର ସେବା (ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତାବଳୀ) ନିୟମାବଳୀ, ୨୦୨୬'କୁ ଅନୁମୋଦନ ମିଳିଛି, ଯାହା ଗବେଷଣା ଓ ଐତିହ୍ୟର ପ୍ରଚାର ପ୍ରସାରରେ ବିଶେଷ ସହାୟକ ହେବ। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଅଧୀନରେ ଥିବା ପୁରୁଣା ଓଡ଼ିଶା ସାମୁଦ୍ରିକ ମତ୍ସ୍ୟଧରା ନିୟନ୍ତ୍ରଣ ଆଇନ, ୧୯୮୨କୁ ଉଚ୍ଛେଦ କରାଯାଇ ନୂତନ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟଚାଷ ନିୟନ୍ତ୍ରଣ ଅଧିନିୟମ, ୨୦୨୬ ପ୍ରଣୟନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଏହି ନୂତନ ବିଧେୟକ ମାଧ୍ୟମରେ ସାମୁଦ୍ରିକ ସମ୍ପଦର ସଂରକ୍ଷଣ, ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଜୀବିକାର ସୁରକ୍ଷା ଏବଂ ଗଭୀର ସମୁଦ୍ରରେ ମାଛଧରା କାର୍ଯ୍ୟକୁ ନିୟନ୍ତ୍ରିତ କରାଯିବ। ଏଥିସହିତ ବେଆଇନ ମାଛଧରା ରୋକିବା ପାଇଁ ଟ୍ରାନ୍ସପଣ୍ଡର ଓ ଭେସେଲ୍ ଟ୍ରାକିଂ ଭଳି ଆଧୁନିକ ବ୍ୟବସ୍ଥା ବାଧ୍ୟତାମୂଳକ କରାଯିବା ସହ ୨୦୩୬ ସୁଦ୍ଧା ୨୫ହଜାର କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ରପ୍ତାନି ଲକ୍ଷ୍ୟ ହାସଲ ପାଇଁ ମାର୍ଗ ପ୍ରଶସ୍ତ ହୋଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବ୍ୟବସାୟିକ କାରବାରକୁ ସହଜ ଓ ସରଳ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାରଙ୍କ ପରାମର୍ଶ କ୍ରମେ 'ଓଡ଼ିଶା ହାଇସ୍ପିଡ ଡିଜେଲ ଡିଲର୍ସ ଲାଇସେନ୍ସ ଆଦେଶ, ୧୯୭୯'କୁ ସମ୍ପୂର୍ଣ୍ଣ ଭାବେ ରଦ୍ଦ କରିବା ପାଇଁ ନୂତନ ରିପିଲ୍ ଆଦେଶ, ୨୦୨୬କୁ ଅନୁମୋଦନ ମିଳିଛି। ଏହାଦ୍ୱାରା ଖୁଚୁରା ଡିଜେଲ ଆଉଟଲେଟଗୁଡ଼ିକୁ ପୁନର୍ବାର ବିଭିନ୍ନ ବିଭାଗରୁ ଅନାପତ୍ତି ପ୍ରମାଣପତ୍ର ନେବାକୁ ପଡ଼ିବ ନାହିଁ, ଯଦିଓ ବିକ୍ରୟ ପ୍ରକ୍ରିୟା ପୂର୍ବଭଳି ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ ଦ୍ୱାରା ପରିଚାଳିତ ହେବ। ପ୍ରଶାସନିକ ସଂସ୍କାରକୁ ଆଗକୁ ନେଇ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ନିୟନ୍ତ୍ରଣାଧୀନ ଜିଲ୍ଲା ଓ ଅଧସ୍ତନ କାର୍ଯ୍ୟାଳୟଗୁଡ଼ିକ ପାଇଁ ସ୍ୱତନ୍ତ୍ର ଅମଲା ସେବା ନିୟମାବଳୀ, ୨୦୨୬କୁ ମଞ୍ଜୁରୀ ଦିଆଯାଇଛି। ପୂର୍ବରୁ ଏହି ପଦବୀଗୁଡ଼ିକ ରାଜସ୍ୱ କ୍ୟାଡର ଦ୍ୱାରା ପରିଚାଳିତ ହେଉଥିବା ବେଳେ ଏବେ ଚାରୋଟି ସ୍ତରରେ ମୋଟ ୧୦୩୨ଟି ପଦବୀ ସୃଷ୍ଟି କରାଯାଇ ସେଗୁଡ଼ିକର ନିଯୁକ୍ତି ଓ ପଦୋନ୍ନତି ସମ୍ପୃକ୍ତ ବିଭାଗ ଅଧୀନକୁ ଅଣାଯାଇଛି। ୬୩୦ଟି କନିଷ୍ଠ ସହାୟକ ଓ ୨୪୯ଟି ବରିଷ୍ଠ ସହାୟକ ପଦବୀ ଏଥିରେ ସାମିଲ ରହିଛି। ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଆଇନ ବିଭାଗର ୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ହାଇକୋର୍ଟ ଓ ଜିଲ୍ଲା କୋର୍ଟଗୁଡ଼ିକରେ କାର୍ଯ୍ୟରତ କୋର୍ଟ ମ୍ୟାନେଜରମାନଙ୍କ ସେବା ନିୟମିତିକରଣ ପାଇଁ ନୂତନ ନିୟମ ପ୍ରଣୟନ କରାଯାଇଛି, ଯାହା ପ୍ରଶାସନିକ ଦକ୍ଷତା ବୃଦ୍ଧି କରିବ। ଏହାବ୍ୟତୀତ ଜିଲ୍ଲା ଓ ସିଭିଲ୍ କୋର୍ଟର ଅଣ-ନ୍ୟାୟିକ କର୍ମଚାରୀ ସେବା ନିୟମାବଳୀ, ୨୦୦୮ରେ ସଂଶୋଧନ କରି ଗ୍ରୁପ୍-ଡି କର୍ମଚାରୀମାନଙ୍କୁ ଜୁନିଅର କ୍ଲର୍କ ପଦବୀକୁ ପଦୋନ୍ନତିର ସୁଯୋଗ ଦିଆଯାଇଛି, ଯାହାଦ୍ୱାରା ଖାଲି ପଦବୀ ଶୀଘ୍ର ପୂରଣ ହୋଇପାରିବ। ଆଇନ ପୁସ୍ତକରୁ ଅନାବଶ୍ୟକ ବୋଝ ହ୍ରାସ କରିବା ପାଇଁ ରାଜ୍ୟ ଆଇନ ଆୟୋଗଙ୍କ ସୁପାରିଶ କ୍ରମେ ୧୯୭୪ ରୁ ୨୦୨୫ ମଧ୍ୟରେ ପ୍ରଣୀତ ହୋଇଥିବା ଓ ଏବେ ଅପ୍ରାସଙ୍ଗିକ ହୋଇପଡ଼ିଥିବା ୩୫୮ଟି ପୁରୁଣା ଅଧିନିୟମକୁ ବିଲୋପ କରିବା ପାଇଁ ଓଡ଼ିଶା ବିଲୋପ ବିଲ୍, ୨୦୨୬ ଆଣିବାକୁ ନିଷ୍ପତ୍ତି ହୋଇଛି।

ଓଡ଼ିଶା ତାପଜ ଶକ୍ତି ନୀତି-୨୦୦୮ରେ କେତେକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରାଯାଇଛି, ଯାହା ରାଜ୍ୟକୁ ଅଧିକ ନିବେଶ ଆକୃଷ୍ଟ କରିବାରେ ସହାୟକ ହେବ। ଏହି ସଂଶୋଧନ ଅନୁଯାୟୀ, ତାପଜ ଶକ୍ତି କେନ୍ଦ୍ରଗୁଡ଼ିକରୁ ପୂର୍ବରୁ ଥିବା ୧୪% କିମ୍ବା ୧୨% ଶକ୍ତି କ୍ରୟ ଅଧିକାର ବଦଳରେ ଏବେ ସରକାରଙ୍କ ଦ୍ୱାରା ମନୋନୀତ ସଂସ୍ଥା ପରିବର୍ତ୍ତନଶୀଳ ମୂଲ୍ୟରେ ୫% ଶକ୍ତି କ୍ରୟ କରିପାରିବେ। ଏହି ସମସ୍ତ କେନ୍ଦ୍ରକୁ ପରିବେଶ ମାନଦଣ୍ଡ କଠୋର ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାରାଦୀପ ଓ କେନ୍ଦ୍ରାପଡା ଅଞ୍ଚଳରେ ଥିବା ପେଟ୍ରୋଲିୟମ, ରାସାୟନିକ ଓ ପେଟ୍ରୋକେମିକାଲ୍ ନିବେଶ କ୍ଷେତ୍ର ଅର୍ଥାତ୍ ପିସିପିଆଇଆରରେ ଆଗାମୀ ଦିନରେ ପ୍ରତିଷ୍ଠା ହେବାକୁ ଥିବା ଶିଳ୍ପଗୁଡ଼ିକର ବିଦ୍ୟୁତ୍ ଲୋଡ୍ ଆବଶ୍ୟକତା ପୂରଣ କରିବା ପାଇଁ ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଏଥିପାଇଁ ପାରାଦୀପର ଏରସମାଠାରେ ନିର୍ମାଣ ହେବାକୁ ଥିବା ୪୦୦/୨୨୦/୩୩ କେଭି ଗ୍ରୀଡ୍ ସବ-ଷ୍ଟେସନ୍ ଓ ଏହାର ସମ୍ପୃକ୍ତ ପରିବହନ ଲାଇନ ପ୍ରକଳ୍ପର ସଂଶୋଧିତ ବ୍ୟୟ ଅଟକଳକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଓପିଟିସିଏଲର ଏହି ପ୍ରକଳ୍ପ ମୂଲ୍ୟକୁ ପୂର୍ବରୁ ଅନୁମୋଦିତ ୬୩୭.୪୫ କୋଟି ଟଙ୍କାରୁ ୮୫୪.୧୪ କୋଟି ଟଙ୍କାକୁ ସଂଶୋଧନ କରାଯାଇଛି। ଏହି ବ୍ୟୟ ବୃଦ୍ଧି ଫଳରେ ପ୍ରକଳ୍ପରେ ରାଜ୍ୟ ସରକାରଙ୍କ ଅଂଶଧନ ସହାୟତା ମଧ୍ୟ ୧୯୧.୨୩୫ କୋଟି ଟଙ୍କାରୁ ୨୫୬.୨୭୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଅବଶିଷ୍ଟ ୪୯୬.୨୧୫ କୋଟି ଟଙ୍କା ଓପିଟିସିଏଲ୍ ଦ୍ୱାରା ଋଣ ମାଧ୍ୟମରେ ବ୍ୟବସ୍ଥା କରାଯିବ।

# ମନଇଚ୍ଛା ବଦଳିରେ ଲାଗିବ ରୋକ୍

ଭୁବନେଶ୍ୱର, ୨୩/୦୫ (ଜେଏନ୍ଏସ୍) : ରାଜ୍ୟରେ କର୍ମଚାରୀଙ୍କ ବଦଳି ପାଇଁ ଉଦ୍ଦିଷ୍ଟ ୧୯୬୭ ମସିହାର ବୁକ୍ ସର୍କୁଲାର ନଂ-୪୨ ଓ ବିଭିନ୍ନ ସମୟରେ ଜାରି ହୋଇଥିବା ନିର୍ଦ୍ଦେଶାବଳୀକୁ ପ୍ରଶାସନିକସ୍ତରରେ ସଠିକ୍ ଭାବେ ଅନୁପାଳନ କରାଯାଉନଥିବା ସରକାରଙ୍କ ଦୃଷ୍ଟିକୁ ଆସିଥିଲା। ଯାହାକୁ ଦୃଷ୍ଟିରେ ରଖି ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏହି ୩ପୃଷ୍ଠା ବିଶିଷ୍ଟ ସଂଶୋଧିତ ବଦଳି ନୀତି ଲାଗୁ ହୋଇଛି। ଏହି ସଂଶୋଧିତ ବଦଳି ନୀତିରେ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ପୋଷଣ କରି କର୍ମଚାରୀମାନଙ୍କୁ ସେମାନଙ୍କ ବଦଳି ଆଦେଶ ପ୍ରକାଶ ପାଇବା ପରେ ତୁରନ୍ତ ଏହାକୁ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପ୍ରକାରର ବିଳମ୍ବ, ଟାଳଟୁଳ ନୀତି ଓ ରାଜନୀତିକ ଚାପ ପ୍ରୟୋଗ ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଇବାକୁ ସରକାର ପଦକ୍ଷେପ ନେଇଛନ୍ତି। ସେଥିପାଇଁ ଏଣିକି ପ୍ରତ୍ୟେକ ବଦଳି ଅର୍ଡରରେ ହିଁ ସମ୍ପୃକ୍ତ କର୍ମଚାରୀଙ୍କ ରିଲିଭିଂ ଓ ନୂଆ ସ୍ଥାନରେ ଜଏନିଂ ସମୟସୀମା ସ୍ପଷ୍ଟ ଭାବେ ଉଲ୍ଲେଖ କରାଯିବ। ବଦଳି ଅର୍ଡରରେ କେଉଁ କର୍ମଚାରୀ ବା ଅଧିକାରୀ କାହାକୁ ଦାୟିତ୍ୱ ହସ୍ତାନ୍ତର କରିବେ ତାହା ମଧ୍ୟ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯିବ। ଯଦି କୌଣସି ବିଶେଷ କାରଣରୁ ତାହା ଉଲ୍ଲେଖ ନଥିବ, ତା'ହେଲେ ସମ୍ପୃକ୍ତ କର୍ମଚାରୀ ନିଜର ଉପରିସ୍ଥ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ଅନ୍ୟ ଜଣେ ସମପଦବୀର ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନୂଆ ସ୍ଥାନକୁ ଯିବାକୁ ବାଧ୍ୟ ହେବେ। ଯାହାଫଳରେ ବଦଳିକୁ ଏଡ଼ାଇବାର ସମସ୍ତ ଗଳାବାଟ ବନ୍ଦ ହୋଇଯିବ ବୋଲି ଏହି ସଂଶୋଧିତ ଗାଇଡଲାଇନରେ ଦର୍ଶାଯାଇଛି। ବୁକ୍ ସର୍କୁଲାର-୧୯୬୭ରେ ଉଲ୍ଲେଖ ଅଛି ଯେ, ଅଫିସରମାନେ ବଦଳି ଅଟକାଇବା ପାଇଁ ରାଜନୈତିକ ନେତାଙ୍କ ଦ୍ୱାରା ସରକାରଙ୍କ ଉପରେ ଚାପ ପକାଉଥିଲେ ଓ ରିଲିଭ୍ ହେବାରେ ବିଳମ୍ବ କରୁଥିଲେ। ମାତ୍ର ଏହି ସଂଶୋଧିତ ଗାଇଡ୍‌ଲାଇନରେ ବଦଳି ଅର୍ଡରରେ ହିଁ ରିଲିଭିଂ ଓ ଜଏନିଂ ସମୟସୀମା ଉଲ୍ଲେଖ ରହିବ ଯାହାକୁ କେହି ଏଡ଼ାଇ ପାରିବେ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଅନେକ ବିଭାଗ ନିଜ ମନଇଚ୍ଛା ବର୍ଷର ଯେକୌଣସି ସମୟରେ ବଦଳି କରିଦେଉଥିଲେ, ଯାହାକୁ ନେଇ ସରକାର ଚିଠିରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଣିକି ସାଧାରଣ ବଦଳି କେବଳ ପ୍ରତିବର୍ଷ ଏପ୍ରିଲ ୧୫ରୁ ଜୁନ୍ ୧୫ ତାରିଖ ମଧ୍ୟରେ କରାଯିବ। ଯଦି ଏହି ସମୟ ବାହାରେ କୌଣସି ବଦଳି ଜରୁରୀ ହୁଏ, ତେବେ ବଦଳି କରୁଥିବା ଅଧିକାରୀଙ୍କୁ ତାଙ୍କର ନେକ୍ସଟ୍ ହାୟର ଅଥରିଟିଙ୍କଠାରୁ ଆଗୁଆ ଲିଖିତ ମଞ୍ଜୁରୀ ନେବା ବାଧ୍ୟତାମୂଳକ ହେବ। ଏହାଦ୍ୱାରା ତଳସ୍ତରରେ ହେଉଥିବା ମନଇଚ୍ଛା ବଦଳି ବନ୍ଦ ହେବ। ଏହି ନିୟମଟି ସବୁ ବର୍ଗର ଚାକିରି କ୍ଷେତ୍ରରେ ସମାନ ଭାବେ ଲାଗୁ କରାଯାଇଛି। ସାଧାରଣ ନିୟମ ଅନୁଯାୟୀ ଜଣେ ଅଧିକାରୀ ଗୋଟିଏ ସ୍ଥାନରେ ୩ବର୍ଷର କାର୍ଯ୍ୟକାଳ ପୂରଣ କରିବା ପରେ ହିଁ ବଦଳି ପାଇଁ ଯୋଗ୍ୟ ବିବେଚିତ ହେବେ, ତେବେ ଜନସ୍ୱାର୍ଥ ଦୃଷ୍ଟିରୁ ସରକାର ଚାହିଁଲେ ଏହା ପୂର୍ବରୁ ମଧ୍ୟ ବଦଳି କରିପାରିବେ ବୋଲି ଗାଇଡଲାଇନରେ ଉଲ୍ଲେଖ ରହିଛି। ସେହିପରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ରାଜ୍ୟ ସରକାର ଗ୍ରୁପ୍ 'ସି' କର୍ମଚାରୀ ଗୋଟିଏ ନିର୍ଦ୍ଦିଷ୍ଟ ବ୍ଲକ କିମ୍ବା ତହସିଲ ଅଂଚଳରେ ୬ ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ପୂର୍ବ ବଦଳି ନିୟମଗୁଡ଼ିକରେ କ୍ଲାସ୍-୨ ଓ ତଦୁର୍ଦ୍ଧ୍ୱ ପାହ୍ୟାର ଅଫିସରଙ୍କ ପାଇଁ ଅଧିକ ସ୍ପଷ୍ଟ ଥିଲା। କିନ୍ତୁ ଏହି ନୂଆ ନିର୍ଦ୍ଦେଶନାମାରେ ଗ୍ରୁପ୍ 'ସି' କର୍ମଚାରୀଙ୍କ ପାଇଁ ମଧ୍ୟ ଗୋଟିଏ ବ୍ଲକ କିମ୍ବା ତହସିଲରେ ୬ ବର୍ଷରୁ ଅଧିକ ରହିପାରିବେ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ସେହିପରି ରାଜ୍ୟ କ୍ୟାଡରର ଗ୍ରୁପ୍ 'ଏ' ଓ ଗ୍ରୁପ୍ 'ବି' ଅଧିକାରୀମାନେ ଗୋଟିଏ ରାଜସ୍ୱ ଜିଲ୍ଲାରେ ସର୍ବାଧିକ ୬ ବର୍ଷ ପର୍ଯ୍ୟନ୍ତ ହିଁ ରହିପାରିବେ। ବଦଳି ସମୟରେ ରାଜସ୍ୱ ଜିଲ୍ଲାକୁ ଏକ ସ୍ୱତନ୍ତ୍ର ୟୁନିଟ୍ ଭାବେ ଗ୍ରହଣ କରାଯିବ। କେବଳ ଜିଲ୍ଲା ଓ ରାଜ୍ୟସ୍ତରର ଅଫିସର ଅବା କର୍ମଚାରୀ ନୁହଁନ୍ତି ସଂଶୋଧିତ ବଦଳି ନିୟମ ମଧ୍ୟ ସଚିବାଳୟ ଓ ବିଭିନ୍ନ ନିର୍ଦ୍ଦେଶାଳୟରେ ଥିବା ଅଣବଦଳିଯୋଗ୍ୟ ମିନିଷ୍ଟ୍ରିଆଲ କ୍ୟାଡ଼ର ପାଇଁ ବି ଲାଗୁ ହେବ। ଏସବୁଠାରେ କାର୍ଯ୍ୟରତ ଥିବା କର୍ମଚାରୀ ଗୋଟିଏ ନିର୍ଦ୍ଦିଷ୍ଟ ସିଟ ବା ଦାୟିତ୍ୱରେ ୩ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ ଓ କେବଳ ସ୍ୱତନ୍ତ୍ର ପରିସ୍ଥିତିରେ ହିଁ ଏହି ସମୟସୀମା ବଢ଼ାଯାଇପାରିବ। ଏହା ସହିତ ଗ୍ରୁପ 'ଏ' ଓ ଗ୍ରୁପ 'ବି' ବର୍ଗର ସମ୍ବେଦନଶୀଳ ପଦବୀଗୁଡ଼ିକରେ କୌଣସି ଅଧିକାରୀଙ୍କୁ ସେମାନଙ୍କ ଗୃହ ଜିଲ୍ଲାରେ ନିଯୁକ୍ତି ଦିଆଯିବ ନାହିଁ। କେଉଁ ପଦବୀଗୁଡ଼ିକୁ ସମ୍ବେଦନଶୀଳ ବୋଲି ବିବେଚନା କରାଯିବ, ତାହା ସମ୍ପୃକ୍ତ ପ୍ରଶାସନିକ ବିଭାଗ ସ୍ଥିର କରିବେ। ତେବେ ସମ୍ବେଦନଶୀଳ ପଦବୀରେ ନଥିବା କର୍ମଚାରୀମାନେ ସେମାନଙ୍କ ଅବସରର ଦୁଇ ବର୍ଷ ପୂର୍ବରୁ ନିଜ ଗୃହ ଜିଲ୍ଲା କିମ୍ବା ସେମାନଙ୍କ ପସନ୍ଦର ଜିଲ୍ଲାକୁ ବଦଳି ପାଇଁ ଆବେଦନ କରିପାରିବେ। ଏହାବ୍ୟତୀତ ଯେଉଁ ଅଧିକାରୀମାନେ କେବିକେ ଅଂଚଳରେ କ୍ରମାଗତ ଭାବେ ୬ ବର୍ଷର ସେବା ସମ୍ପୂର୍ଣ୍ଣ କରିଥିବେ, ସେମାନଙ୍କୁ ମଧ୍ୟ ସମ୍ବେଦନଶୀଳ ପଦବୀ ବ୍ୟତୀତ ନିଜ ଗୃହ ଜିଲ୍ଲା କିମ୍ବା ପସନ୍ଦର ସ୍ଥାନକୁ ବଦଳି କରାଯିବା ନେଇ ବିଚାର କରାଯିବ। ସରକାରୀ ଚାକିରିଆ ଦମ୍ପତିଙ୍କ ପାଇଁ ମଧ୍ୟ ଏହି ନୀତିରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି, ଯଦି ସ୍ୱାମୀ ଓ ସ୍ତ୍ରୀ ଉଭୟ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଥାଆନ୍ତି, ତେବେ ସମ୍ବେଦନଶୀଳ ପଦବୀର କଟକଣାକୁ ଆଖିରେ ରଖି ସେମାନଙ୍କୁ ଗୋଟିଏ ଷ୍ଟେସନରେ ପୋଷ୍ଟିଂ ଦିଆଯାଇପାରିବ।

# ରାଜ୍ୟରେ ତୈଳ ସଂଙ୍କଟକୁ ନେଇ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର, ୨୩/୦୫ (ଜେଏନ୍ଏସ୍) : ରାଜ୍ୟରେ ତୈଳ ସ୍ଥିତିର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ।ରାଜ୍ୟରେ ନାହିଁ ତୈଳ ଅଭାବ, ସ୍ଥିତି ସ୍ୱାଭାବିକ ରହିଛି ।ପେଟ୍ରୋଲ ପମ୍ପରେ ଭିଡ଼ ନକରିବାକୁ ମୁଖ୍ୟ ସଚିବ ପରାମର୍ଶ ଦେଇଛନ୍ତି। ନିୟମିତ ସ୍ଥିତି ମନିଟର କରିବାକୁ ତୈଳ କଂପାନୀଙ୍କୁ ନିର୍ଦ୍ଦେଶ ରହିଛି। ରାଜ୍ୟରେ ତେଲର ଅଭାବ ନଥିଲା। କିନ୍ତୁ ସହରାଞ୍ଚଳରେ ଲୋକଙ୍କ, ଗୁଜବ ଏବଂ ପ୍ରଶାସନିକ ସ୍ତରରେ ପରିଚାଳନାଗତ ତ୍ରୁଟି ହିଁ ସଂକଟ ଛିଡ଼ା କରିଦେଲା ।ଫଳରେ ଲୋକଙ୍କୁ ହଇରାଣ ହେବାକୁ ପଡ଼ିଲା । ଏବେ ପେଟ୍ରୋଲ ପମ୍ପରେ ନାହିଁ ଗହଳି। ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ଲମ୍ବାଲାଇନ ଲାଗୁଥିବା ବେଳେ ପେଟ୍ରୋଲ ପମ୍ପ ଏବେ ଶୂନଶାନ। ଆଜି ଲୋକସେବା ଭବନରେ ତୈଳ ସ୍ଥିତିର ସମୀକ୍ଷା କରିଛନ୍ତି ମୁଖ୍ୟ ସଚିବ ଅନୁଗର୍ଗ। ରାଜ୍ୟରେ କୌଣସି ସ୍ଥାନରେ ତୈଳର ଅଭାବ ନାହିଁ। ଲୋକ ମାନେ ଅଯଥାରେ ପେଟ୍ରୋଲ ପମ୍ପରେ ଭିଡ଼ କରନ୍ତୁ ନାହିଁ କି ହୋର୍ଡ଼ିଂ କରନ୍ତୁ ନାହିଁ। ସ୍ଥିତି ସ୍ୱାଭାବିକ ଅଛି। ନିୟମିତ ଭାବେ ସ୍ଥିତି ମନିଟର କରିବାକୁ ତୈଳ କମ୍ପାନୀଙ୍କୁ କୁହାଯାଇଛି। ବିଭିନ୍ନ ସ୍ଥାନରେ ହୋର୍ଡିଂ ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି କହିଛନ୍ତି ମୁଖ୍ୟସଚିବ। ତୈଳ ଅଭାବ ଯୋଗୁ ବିଭିନ୍ନ ସ୍ଥାନରେ ପେଟ୍ରୋଲ ବନ୍ଦ ଥିଲା। ସଂକଟ ଟଳିବା ପରେ ଏବେ ବନ୍ଦ ପେଟ୍ରୋଲ ପମ୍ପ ଖୋଲିଲାଣି ।ତେବେ ମାଲାକାନଗିରି ସମେତ କିଛି ସ୍ଥାନରେ ପେଟ୍ରୋଲ ପମ୍ପରେ ଏବେବି ଭିଡ଼ ଲାଗିଛି । ତୈଳ ଷ୍ଟକ ଅଛି ସରକାର କହୁଥିବା ବେଳେ ତଥାପି କାହିଁକି ଶୁଖିଲା ପଡ଼ିଲା ଟାଙ୍କି । ଯଦିଓ ସମସ୍ୟାର ମୂଳ କାରଣ ଅନ୍ତର୍ଜାତୀୟ ବଜାର, ତେବେ ଲୋକଙ୍କ ଆଚରଣଗତ ଶୈଳୀ ଓ ଖୁଚୁରା ବ୍ୟବସାୟ ପରିଚାଳନାର ତ୍ରୁଟି ହିଁ ଏଥିପାଇଁ ମୁଖ୍ୟତଃ ଦାୟୀ। ସ୍ଥିତିକୁ ହଠାତ ସଂଗୀନ କରିଦେଲା ସ୍ଥାନୀୟ ଚାହିଦା ଓ ଗୁଜବ ।ତେଲ ଟାଙ୍କି ଖାଲି ହୋଇ ଯିବା ଭୟରେ ସହରାଞ୍ଚଳରେ 'ପ୍ୟାନିକ୍ ବାୟିଂ' ଆରମ୍ଭ ହେଲା। ଫଳରେ ଦୈନିକ ତେଲ ଚାହିଦା ହଠାତ୍ ୩୦ ରୁ ୫୦ ପ୍ରତିଶତ ବୃଦ୍ଧି ପାଇଲା। ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ସୀମାକୁ ଲାଗିଥିବା କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଆଦି ଅଞ୍ଚଳରେ ଚାହିଦା ଅପ୍ରତ୍ୟାଶିତ ଭାବେ ବଢ଼ିଗଲା। ଦର ଓ ଯୋଗାଣରେ ସାମାନ୍ୟ ପାର୍ଥକ୍ୟ ଥିବାରୁ ପଡ଼ୋଶୀ ରାଜ୍ୟର ଗାଡ଼ିଗୁଡ଼ିକ ଓଡ଼ିଶା ସୀମାରେ ତେଲ ପକାଇବା ଯୋଗୁଁ ସ୍ଥାନୀୟ ଷ୍ଟକ୍ ଶୀଘ୍ର ଶେଷ ହୋଇଯାଇଥିଲା । ପେଟ୍ରୋଲ୍ କଳାବଜାରୀ ହେଉଥିବା ଭଳି ମିଥ୍ୟା ଖବର ସ୍ଥିତିକୁ ଆହୁରି ଜଟିଳ କରିଦେଇଛି।

# ରାସ୍ତା ମଝିରେ ଯୁବକ ଓ ଯୁବତୀଙ୍କୁ ମରଣାନ୍ତକ ଆକ୍ରମଣ



ବ୍ରହ୍ମପୁର, ୨୩/୦୫ (ଜେଏନ୍ଏସ୍) : ଯୁବକ ଓ ଯୁବତୀଙ୍କୁ ତଳେ ପକାଇ ନିର୍ଦ୍ଧୁମ ମାଡ ମାରିଲେ କିଛି ଦୁର୍ବୃତ୍ତ। ଏଭଳି ଅଭାବନୀୟ ଘଟଣା ଘଟିଛି ବ୍ରହ୍ମପୁର ଗିରିରୋଡରେ। ସୋମବାର ସନ୍ଧ୍ୟା ୭ଟା ବେଳେ ଗିରିରୋଡର ଗୀତାଭବନ ସମ୍ମୁଖ ରାସ୍ତାରେ ଏକାଧିକ ଦୁର୍ବୃତ୍ତ ସର୍ବସମ୍ମୁଖରେ ଏହି ଯୁବକ ଓ ଯୁବତୀଙ୍କୁ ଆକ୍ରମଣ କରିଥିଲେ। ଗାଡି ତଳେ ପକାଇ ଯୁବକଙ୍କୁ ଦୁର୍ବୃତ୍ତମାନେ ଠେଙ୍ଗା ସାହାର୍ଯ୍ୟରେ ଆକ୍ରମଣ କରିଥିଲେ । କିଛି ଲୋକ ଏହି ଦୃଶ୍ୟ ଦେଖୁଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ପ୍ରତିରୋଧ କରିବାକୁ ସାହାସ କରିନଥିଲେ। ଏପରିକି ଯୁବକଙ୍କୁ ଆକ୍ରମଣ କରାଯାଉଥିବା ବେଳେ ଯୁବତୀ ଜଣଙ୍କ ତାଙ୍କୁ ଛାଡି ଦେବାକୁ ଦୁର୍ବୃତ୍ତଙ୍କୁ ନେହୁରା ହେଉଥିଲେ। କିଛି ସମୟ ପରେ ଆହତ ଯୁବକ ଓ ଯୁବତୀଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ପୋଲିସ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ଅପରାଧୀଙ୍କୁ ବାରମ୍ବାର ଚେତାବନୀ ଦେଉଥିବା ବେଳେ ନିକଟରେ ଏନକାଉଣ୍ଟର ମଧ୍ୟ କରିଛି। ଏହି ଯୁବକ-ଯୁବତୀଙ୍କୁ କାହିଁକି ଆକ୍ରମଣ କରାଗଲା ତାହା ସ୍ପଷ୍ଟ ହୋଇପାରିନି। ଏପଟେ ଦୁର୍ବୃତ୍ତମାନେ ଯୁବକ-ଯୁବତୀଙ୍କୁ ବାଡି ଓ ଠେଙ୍ଗାରେ ଅତି ଅମାନୁଷିକ ଭାବେ ପିଟୁଥିବାରୁ ଦୃଶ୍ୟ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି।

# ପ୍ରଧାନଶିକ୍ଷକଙ୍କୁ ଗିରଫ କଲା ଭିଜିଲାନ୍ସ

କେନ୍ଦ୍ରାପଡ଼ା, ୨୩/୦୫ (ଜେଏନ୍ଏସ୍) : ଦୁର୍ନୀତି ଅଭିଯୋଗରେ ଜଣେ ରିଟାର୍ଡ ଓଏଏସ୍ ଅଫିସର ଓ ଜଣେ କାର୍ଯ୍ୟରତ ମହିଳା ଆରଆଇଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ଭିଜିଲାନ୍ସ କୋର୍ଟ। ରିଟାର୍ଡ ଓଏଏସ୍ ଅଫିସରଙ୍କୁ ୩ବର୍ଷ ଜେଲ୍ ଦଣ୍ଡ ଓ ମହିଳା ଆରଆଇଙ୍କୁ ୨ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି କୋର୍ଟ। ଏପଟେ ୫ହଜାର ଟଙ୍କା ଲାଂଚ ନେବା ଅଭିଯୋଗରେ କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ସ୍କୁଲ ପ୍ରଧାନଶିକ୍ଷକଙ୍କୁ ଭିଜିଲାନ୍ସ ଆଜି ଗିରଫ କରିଛି। ମିଳିଥିବା ସୂଚନା ଅନୁସାରେ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ, ରାୟଗଡ଼ା ଜିଲ୍ଲା ପଦ୍ମପୁରର ପୂର୍ବତନ ତହସିଲଦାର ତଥା ଅବସରପ୍ରାପ୍ତ ଓଏଏସ କ୍ଷୀରାବ୍ଧୀ ବେହେରାଙ୍କୁ ଭୁବନେଶ୍ୱରର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦୋଷୀସାବ୍ୟସ୍ତ କରିଛନ୍ତି। ନିଜର ବୈଧ ଆୟ ତୁଳନାରେ ବିପୁଳ ପରିମାଣର ଅଧିକ ସମ୍ପତ୍ତି ରଖିଥିବା ଅଭିଯୋଗରେ ଭିଜିଲାନ୍ସ ତାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା। ଅଦାଲତ ତାଙ୍କୁ ୩ ବର୍ଷର ସଶ୍ରମ କାରାଦଣ୍ଡ ଦେବା ସହ ୧ ଲକ୍ଷ ଟଙ୍କାର ଜରିମାନା ମଧ୍ୟ କରିଛନ୍ତି। ଶ୍ରୀ ବେହେରା ଦୋଷୀ ସାବ୍ୟସ୍ତ ପରେ ତାଙ୍କ ପେନସନ ବନ୍ଦ କରିବା ପାଇଁ ରାଜ୍ୟ ସରକାରଙ୍କୁ ଭିଜିଲାନ୍ସ ସୁପାରିଶ କରିବ ବୋଲି ଜଣାପଡ଼ିଛି। ସେହିପରି ଅନ୍ୟ ଏକ ଲାଂଚ ମାମଲାରେ ଭୁବନ ଆରଆଇ ପ୍ରଭାତୀ ସ୍ୱାଇଁଙ୍କୁ ଭିଜିଲାନ୍ସ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉତ୍ତରାଧିକାରୀ ପ୍ରମାଣପତ୍ର ପ୍ରଦାନ ପାଇଁ ତଦନ୍ତ ରିପୋର୍ଟ ଦେବା ନାଁରେ ୫ହଜାର ଟଙ୍କା ଲାଂଚ ଦାବି କରିବା ମାମଲାରେ ଢ଼େଙ୍କାନାଳର ଭିଜିଲାନ୍ସ କୋର୍ଟ ତାଙ୍କୁ ୨ବର୍ଷ ଜେଲ ଦଣ୍ଡାଦେଶ ଓ ୧ଲକ୍ଷ ଟଙ୍କାର ଜୋରିମାନା ରୁଜୁ କରିଛନ୍ତି। ଏହି ଦଣ୍ଡାଦେଶ ପରେ ତାଙ୍କୁ ଚାକିରିରୁ ବରଖାସ୍ତ ପାଇଁ ସରକାରଙ୍କୁ ସୁପାରିଶ କରିବ ଭିଜିଲାନ୍ସ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ କେନ୍ଦ୍ରାପଡ଼ାର ମହାକାଳପଡ଼ା ନିକଟସ୍ଥ ଚଢ଼େଇଗୁଆଁ ହାଇସ୍କୁଲର ପ୍ରଧାନଶିକ୍ଷକ ରଘୁନାଥ ଦାସଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି। ସେହି ସ୍କୁଲର ଜଣେ ନୂଆ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ବକେୟା ଦରମା କରାଇଦେବା ପାଇଁ ୫ ହଜାର ଟଙ୍କା ଲାଂଚ ଦାବି କରିଥିଲେ। ସମ୍ପୃକ୍ତ କର୍ମଚାରୀ ୨୦୨୫ ଅଗଷ୍ଟ ମାସରୁ କାର୍ଯ୍ୟରେ ଯୋଗ ଦେଇଥିଲେ ମଧ୍ୟ ତାଙ୍କୁ ଦରମା ମିଳିନାହିଁ। ଦରମା ପ୍ରଦାନ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଉପସ୍ଥାପନ ଖାତା ପଠାଇବାକୁ ପ୍ରଧାନଶିକ୍ଷକ ଏହି ଲାଂଚ ମାଗିବା ପରେ କର୍ମଚାରୀ ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ଅନୁସାରେ, ଭିଜିଲାନ୍ସ ଟିମ୍ ସ୍କୁଲର ଶିକ୍ଷକ ମାନଙ୍କ କମନ ରୁମରେ ଚଢ଼ାଉ କରି ପ୍ରଧାନଶିକ୍ଷକଙ୍କୁ ଲାଂଚ ଟଙ୍କା ସହ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ତାଙ୍କ ବାସଭବନରେ ଚଢ଼ାଉ କରି ନଗଦ ୬.୦୫ ଲକ୍ଷ ଟଙ୍କା ଜବତ କରାଯାଇଛି । ଏ ସଂକ୍ରାନ୍ତରେ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

# ଦେଶରେ ୪୦% ଓକିଲ ନକଲି : ବିସିଆଇ

ନୂଆଦିଲ୍ଲୀ, ୨୩/୦୫ : ବାର କାଉନସିଲ୍ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ମନନ କୁମାର ମିଶ୍ରଙ୍କ ସାମ୍ପ୍ରତିକ ମନ୍ତବ୍ୟ ଅନୁଯାୟୀ, ଦେଶରେ ପ୍ରାୟ ୩୫% ରୁ ୪୦% ଓକିଲ ନକଲି ବୋଲି ସନ୍ଦେହ କରାଯାଉଛି । ଏହି ପ୍ରସଙ୍ଗରେ କଟକ ଏବଂ ଓଡ଼ିଶାର ସ୍ଥିତି ନିମ୍ନରେ ଦିଆଗଲା:

ବିସିଆଇ ଅଧ୍ୟକ୍ଷଙ୍କ ଅନୁଯାୟୀ, ଯେତେବେଳେ ଓକିଲମାନଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ ପାଇଁ ଫର୍ମ ପୂରଣ କରିବାକୁ କୁହାଗଲା, ସେତେବେଳେ ପ୍ରାୟ ୪୦% ଓକିଲ ଫର୍ମ ପୂରଣ କରିବାକୁ ଆଗେଇ ଆସିଲେ ନାହିଁ । ଯେଉଁମାନେ ନିଜର ଡିଗ୍ରୀ ସାର୍ଟିଫିକେଟ୍ ଦାଖଲ କଲେ ନାହିଁ, ସେମାନଙ୍କୁ ନକଲି ବୋଲି ସନ୍ଦେହ କରାଯାଉଛି । ଓଡ଼ିଶା ଷ୍ଟେଟ୍ ବାର କାଉନସିଲର ରିପୋର୍ଟ ଅନୁଯାୟୀ, ଓଡ଼ିଶାରେ ପ୍ରାୟ ୫୫,୦୦୦ ପଞ୍ଜିକୃତ ଓକିଲଙ୍କ ମଧ୍ୟରୁ ମାତ୍ର ୩୨,୭୦୦ ଜଣ (ପ୍ରାୟ ୬୦%) ନିଜର ସାର୍ଟିଫିକେଟ୍ ଯାଞ୍ଚ ପାଇଁ ଦାଖଲ କରିଛନ୍ତି । ଅବଶିଷ୍ଟ ୪୦% କର୍ମଚାରୀ (ପ୍ରାୟ ୨୨,୦୦୦ ଜଣ) ଏପର୍ଯ୍ୟନ୍ତ ନିଜର ବୈଧତା ପ୍ରମାଣ କରିନାହାନ୍ତି । ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶାରେ ମାତ୍ର ୫% ଓକିଲଙ୍କ ସାର୍ଟିଫିକେଟ୍ ସମ୍ପୂର୍ଣ୍ଣ ଭାବେ ଯାଞ୍ଚ ହୋଇପାରିଛି । କଟକରେ ନିକଟରେ କିଛି ଚାଞ୍ଚଲ୍ୟକର ଘଟଣା ଘଟିଛି। ମେ' ୨୦୨୬ ରେ ଓଡ଼ିଶା ହାଇକୋର୍ଟ ଜଣେ ବ୍ୟକ୍ତିଙ୍କୁ ଜାମିନ ଦେବାକୁ ମନା କରିଛନ୍ତି, ଯିଏ ଅନ୍ୟ ଜଣଙ୍କର ଏନରୋଲମେଣ୍ଟ ନମ୍ବର ବ୍ୟବହାର କରି ଓକିଲାତି କରୁଥିଲେ । କଟକ ଲାଲବାଗ ପୋଲିସ ସୁଭାଷ ମହାପାତ୍ର ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି, ଯିଏ ନକଲି ଏନରୋଲମେଣ୍ଟ ନମ୍ବର ବ୍ୟବହାର କରି ହାଇକୋର୍ଟ ଏବଂ ଅନ୍ୟାନ୍ୟ କମିଶନରେ ମାମଲା ପରିଚାଳନା କରୁଥିଲେ ।

ସୁପ୍ରିମକୋର୍ଟର ଜଣେ ବିଚାରପତି ନିକଟରେ ଏଭଳି ନକଲି ଓକିଲ ଏବଂ ବେକାର ଯୁବକମାନଙ୍କୁ (କକରୋଚ) ସହ ତୁଳନା କରିଥିଲେ, ଯେଉଁମାନେ ନକଲି ଡିଗ୍ରୀ ଧରି କୋର୍ଟରେ ହାଜର ହେଉଛନ୍ତି ଏବଂ ନ୍ୟାୟିକ ବ୍ୟବସ୍ଥାକୁ ନଷ୍ଟ କରୁଛନ୍ତି ।

# କୁକୁର ଆକ୍ରମଣରେ ଶିଶୁ ଗୁରୁତର

ଦିଗପହଣ୍ଡି, ୨୩/୦୫ (ଜେଏନ୍ଏସ୍) : ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ଅଞ୍ଚଳରେ ଜଣେ ୯ ବର୍ଷର ଶିଶୁ ବୁଲା କୁକୁର ଆକ୍ରମଣରେ ଗୁରୁତର ଆହତ ହୋଇଛି । ଶିଶୁଟି ଘର ବାହାରେ ଖେଳୁଥିବା ସମୟରେ ହଠାତ୍ ଏକ କୁକୁର ତାକୁ ଆକ୍ରମଣ କରି କାମୁଡ଼ି ଦେଇଥିଲା। ତାକୁ ତୁରନ୍ତ ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ବ୍ରହ୍ମପୁର ସହରର ବିଭିନ୍ନ ୱାର୍ଡରେ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସ୍ଥାନୀୟ ବାସିନ୍ଦାମାନେ ଆତଙ୍କିତ ଅଛନ୍ତି। ଗୋସାଇଁ ନୂଆଗାଁ ଅଞ୍ଚଳରେ ବାରମ୍ବାର କୁକୁର କାମୁଡ଼ା ଘଟଣା ଘଟୁଥିବାରୁ ଲୋକମାନେ ପ୍ରଶାସନ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ କୁକୁରଙ୍କ ବନ୍ଧ୍ୟାକରଣ ଏବଂ ଟୀକାକରଣ ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି । କୁକୁର କାମୁଡ଼ା ସମସ୍ୟାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ଏକ ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି । ଯଦି କୌଣସି ପାଗଳ ବା ଅତ୍ୟଧିକ ହିଂସ୍ର କୁକୁର କାହାର ପ୍ରାଣ ପ୍ରତି ବିପଦ ସୃଷ୍ଟି କରେ, ତେବେ ତାକୁ ମୃତ୍ୟୁ ଦଣ୍ଡ ଦିଆଯାଇପାରିବ । ସ୍କୁଲ, କଲେଜ ଏବଂ ଡାକ୍ତରଖାନା ପରିସରକୁ କୁକୁର ମୁକ୍ତ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

# ଗୁଣିଗାରେଡ଼ି ସନ୍ଦେହରେ ଯୁବକଙ୍କୁ ମାରି ପୋଡ଼ିଦେଲେ ୨୫ ଗିରଫ

ମାଣିଆବନ୍ଧ, ୨୩/୦୫ (ଜେଏନ୍ଏସ୍) : ଗୁଣିଗାରେଡ଼ି ସନ୍ଦେହରେ ଜଣେ ଯୁବକଙ୍କୁ ପିଟିପିଟି ହତ୍ୟା ପରେ ପୋଡ଼ି ଦିଆଯିବା ଭଳି ଜଘନ୍ୟକାଣ୍ଡ ଘଟିଛି ବଡ଼ମ୍ବା ବ୍ଲକ୍ ଅନ୍ତର୍ଗତ ତାଳମୁଣ୍ଡଳୀ ଶବରସାହିରେ। ଏହି ଘଟଣାରେ ୨୫ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଆହୁରି ଅଧିକ ବ୍ୟକ୍ତିଙ୍କର ସଂପୃକ୍ତି ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ ଶ୍ୱେତ ବେହେରାଙ୍କ ପୁଅ ଟିକମ ବେହେରା (୩୦) ଗୁଣିଗାରେଡ଼ି କରୁଥିବାରୁ ଗ୍ରାମର ବିଭିନ୍ନ ପରିବାରରେ ସମସ୍ୟା ହେଉଥିବା ସନ୍ଦେହ କରାଯାଇଥିଲା। ଗତ ୧୦ ତାରିଖ ରାତି ପ୍ରାୟ ୧୧ଟା ବେଳେ ଗ୍ରାମବାସୀ ଟିକମଙ୍କୁ ଘରୁ ଉଠାଇ ନେଇଥିଲା। ଗ୍ରାମରେ ସଭା କରାଯାଇ ଟିକମଙ୍କୁ ନିସ୍ତୁକ ମାଡ଼ ମରାଯାଇଥିଲା। ଟିକମଙ୍କୁ ପିଟିପିଟି ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ଜଙ୍ଗଲ ଭିତରକୁ ନେଇ ପୋଡ଼ି ଦେଇଥିଲେ। ଏ ସଂପର୍କରେ ପ୍ରଥମେ କିଛି ଜଣାପଡ଼ିନଥିଲା। ପରେ ସାମାଜିକ ଗଣମାଧ୍ୟମରେ ଖବର ଘୂରି ବୁଲିବାରୁ ଟିକମଙ୍କ ବାପା ଶ୍ୱେତ ବେହେରା ଥାନାରେ ଅଭିଯୋଗ କରିଥିଲେ। ମାଣିଆବନ୍ଧ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୨୫ ଜଣଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ବେଳେ ଗାଁ ଏବେ ପୁରୁଷଶୂନ୍ୟ ହୋଇଯାଇଛି।

# ସହକର୍ମୀଙ୍କୁ ଛାଡ଼ିଲେ ନାହିଁ ୧୮ ହଜାର ଲାଞ୍ଚ ନେଇ ଧରାପଡ଼ିଲେ

ଭୁବନେଶ୍ୱର, ୨୩/୦୫ (ଜେଏନ୍ଏସ୍) : ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ ଅନ୍ତର୍ଗତ ମିର୍ଗିନେଣ୍ଡି ଗ୍ରାମ ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ପର୍ଶୁରାମ ନାଏକଙ୍କୁ ମଙ୍ଗଳବାର ଗିରଫ କରିଛି ଭିଜିଲାନ୍ସ। ସେ ସେହି ପଞ୍ଚାୟତର ଜଣେ କର୍ମଚାରୀ (ପାଣି ପମ୍ପ ଡ୍ରାଇଭର)ଙ୍କ ବକେୟା ଦରମା ଓ ପରବର୍ତ୍ତୀ ସମୟରେ ନିୟମିତ ଦରମା ପ୍ରଦାନ ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ପାଇଁ ୧୮,୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ




ଧରାପଡ଼ିଛନ୍ତି। ଉକ୍ତ କର୍ମଚାରୀଙ୍କୁ ଦରମା ପ୍ରଦାନ କରିବା ପାଇଁ ବିଡିଓ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ୨୬.୦୩.୨୦୨୩ ରୁ ୦୩.୦୪.୨୦୨୫ ପର୍ଯ୍ୟନ୍ତ ସେ ତାଙ୍କର ପ୍ରାପ୍ୟ ପାଇନଥିଲେ। ବକେୟା ଦରମା ପାଇବା ପାଇଁ ସେ ପିଇଓ ଶ୍ରୀ ନାଏକଙ୍କୁ ବାରମ୍ବାର ଅନୁରୋଧ କରିଥିଲେ। ମାତ୍ର ଶ୍ରୀ ନାଏକ ତାଙ୍କୁ ୧୮,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। କର୍ମଚାରୀ ଜଣଙ୍କ ଏତେ ଟଙ୍କା ଦେଇପାରିବେ ନାହିଁ ବୋଲି କହିଥିଲେ। କିନ୍ତୁ ପିଇଓ ଧମକ ଦେଇଥିଲେ ଯେ ୧୮ ହଜାର ଟଙ୍କା ନଦେଲେ ସେ ଆଦୌ ତାଙ୍କ କାମ କରିବେ ନାହିଁ। ଅନ୍ୟ କୌଣସି ଉପାୟ ନପାଇ ଶେଷରେ ଉକ୍ତ କର୍ମଚାରୀ ଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ପ୍ରକାରେ ଉକ୍ତ କର୍ମଚାରୀ ଜଣଙ୍କ ଆଜି ପିଇଓ ଶ୍ରୀ ନାଏକଙ୍କୁ ୧୮,୦୦୦ ଟଙ୍କା ଲାଞ୍ଚ ଦେଇଥିଲେ। ସେ ଲାଞ୍ଚ ଅର୍ଥ ଗ୍ରହଣ କରୁଥିବେ ବେଳେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରିଛି ଭିଜିଲାନ୍ସ। ପିଇଓ ଶ୍ରୀ ନାଏକ ଲାଞ୍ଚ ନେଇ ଧରାପଡ଼ିବା ପରେ ତାଙ୍କର ୨ଟି ଠିକଣାରେ ଚଢ଼ାଉ କରାଯାଇଛି। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଛି। ଏହି ଘଟଣାକୁ ନେଇ ବାଲେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ ଆଜି ଜଣେ ନିର୍ବାହୀ ଯନ୍ତ୍ରୀ ମଧ୍ୟ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ତାଙ୍କର ୬ଟି ଠିକଣାରେ ଚଢ଼ାଉ କରାଯାଇଥିବା ବେଳେ ପୁଳା ପୁଳା ସଂପତ୍ତି ଠାବ କରାଯାଇଛି। ତାଙ୍କ ନାଁ ଭୁବନେଶ୍ୱର ଶବର। ସେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଆର୍ ଆଣ୍ଡ ବି ସବ୍-ଡିଭିଜନର ନିର୍ବାହୀ ଯନ୍ତ୍ରୀ (ଋଢରଉଟଞ୍ଜଓଠର ଋଘଏଓ-ଘରରଜ) ଅଛନ୍ତି। ନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବର ଓ ତାଙ୍କ ପରିବାର ଲୋକଙ୍କ ନାଁରେ ୪ଟି ଦ୍ୱିମହଲା କୋଠା, ୩୩ଟି ପ୍ଲଟ୍, ଗୋଟିଏ ଫାର୍ମ ହାଉସ ଓ ଗୋଟିଏ ମାର୍କେଟ୍ କଂପ୍ଲେକ୍ସ ରହିଛି। ଏହା ବ୍ୟତୀତ ଅନ୍ୟାନ୍ୟ ସଂପତ୍ତି ରହିଛି।

# ସରକାରଙ୍କୁ ଅଡୁଆ ନେତାଙ୍କ ଆଚରଣ

# ରାଜନଗରରୁ ଟାଙ୍ଗୀ, ବେଲଗାମ୍ ନେତା

ଭୁବନେଶ୍ୱର, ୨୩/୦୫ (ଜେଏନ୍ଏସ୍) : ଗତ ସପ୍ତାହରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ରେ ବିଜେପି ନେତା ହଙ୍ଗାମା କରିଥିଲେ। ଦୁଇ ପରାଜିତ ପ୍ରାର୍ଥୀ ବ୍ଲକ୍ ଅଧିକାରୀଙ୍କ ପ୍ରତି ଅଶୋଭନୀୟ ଆଚରଣ ଦେଖାଇଥିଲେ। ଯାହାର ଭିଡିଓ ବର୍ତ୍ତମାନ ଭାଇରାଲ୍ ହେବାରେ ଲାଗିଛି। ଘଟଣାକୁ ନେଇ ସରକାର ଅଡୁଆରେ ପଡ଼ିଯାଇଛନ୍ତି। ଗୋଟିଏ ପଟେ ନିଜ ଦଳର ନେତାଙ୍କୁ ଆକଟ କରିବା ସମ୍ଭବ ହେଉ ନାହିଁ। ଅନ୍ୟ ପଟେ କର୍ମଚାରୀମାନଙ୍କୁ କିପରି ବୁଝାସୁଝା କରିବେ, ତାହାର ବି ବାଟ ପାଉ ନାହାନ୍ତି। ରାଜନଗର ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ଟାଙ୍ଗୀ-ଚୌଦ୍ୱାରର ଏହି ଘଟଣା ସରକାରଙ୍କ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ସବୁଠି ଦଳର ଟିକେଟ୍ ପାଇ ପରାଜିତ ପ୍ରାର୍ଥୀମାନେ ହିଁ ଏମିତି କାଣ୍ଡ ଭିଆଉଛନ୍ତି। କିଛି ମାସ ତଳେ ରାଜନଗର ବ୍ଲକ୍‌ରେ ସମାନ ସ୍ଥିତି ସୃଷ୍ଟି ହୋଇଥିଲା। ସେଠାକାର ବିଜେପି ନେତା ଲଳିତ ବେହେରା ନିଜ ସମର୍ଥକମାନଙ୍କ ସହ ବ୍ଲକ୍ କାର୍ଯ୍ୟାଳୟ ଯାଇ ହଙ୍ଗାମା କରିଥିଲେ। ଏପରିକି ଲାପଟପ୍ ଉଠାଇ ବିଡିଓଙ୍କ ଉପରକୁ ଫିଙ୍ଗିବାକୁ ଉଦ୍ୟମ କରିଥିଲେ। ଏହାର ଭିଡିଓ ଭାଇରାଲ୍ ହେବା ପରେ ସରକାର ଅଡୁଆରେ ପଡ଼ିଥିଲେ। ବିରୋଧୀ ଦଳଗୁଡ଼ିକ ଏହାକୁ ପ୍ରସଙ୍ଗ କରି ସରକାରଙ୍କୁ ଅଡୁଆରେ ପକାଇଥିଲେ।



ଏହାକୁ ନେଇ ରାଜନଗର ବ୍ଲକ୍‌ରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଶ୍ରୀ ବେହେରା ପୁଲିସ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେଲେନି ସତ, କିନ୍ତୁ ନିଜର ଆଚରଣ ପାଇଁ ସରକାରଙ୍କୁ ଅପଦସ୍ତ କରିଦେଲେ। ସାଲେପୁର ଓ ଆଠଗଡ଼ର ଦୁଇ ପରାଜିତ ବିଜେପି ପ୍ରାର୍ଥୀ ଅରିନ୍ଦମ ରାୟ ଓ ଅଭୟ ବାରିକ ଟାଙ୍ଗୀ-ଚୌଦ୍ୱାରର ବ୍ଲକ୍ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀଙ୍କୁ ଆଙ୍ଗୁଠି ଦେଖାଇ ଧମକଚମକ ଦେଲେ। ଏପରିକି ଜଣେ ମହିଳା କର୍ମଚାରୀଙ୍କ ପ୍ରତି ସେମାନଙ୍କ ବ୍ୟବହାର ଆପତ୍ତିଜନକ ଥିଲା। କାର୍ଯ୍ୟରତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ପ୍ରତି ସେମାନଙ୍କର ଏପରି ବ୍ୟବହାରକୁ କେହି ଗ୍ରହଣ କରି ପାରୁନାହାନ୍ତି। ଏପରିକି ଖୋଦ୍ ଶାସକ ଦଳର ନେତା ଓ କର୍ମୀମାନେ ଏହାକୁ ନିନ୍ଦା କରୁଛନ୍ତି। ଏହି ପ୍ରସଙ୍ଗରେ ବିରୋଧୀ ଦଳ ଲଗାତାର ଭାବେ ସରକାରଙ୍କୁ ଆକ୍ରମଣ କରୁଛନ୍ତି। କିନ୍ତୁ ଶାସକ ଦଳ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଉ ନାହିଁ। ବାଧ୍ୟ ହୋଇ ଦଳର ମୁଖପାତ୍ରମାନେ ଏହି ପ୍ରସଙ୍ଗରୁ ନିରାପଦ ଦୂରତ୍ୱରେ ରହିବାକୁ ଉଚିତ ମଣୁଛନ୍ତି। ଭୁବନେଶ୍ୱରରେ ବିଏମ୍‌ସି ଅତିରିକ୍ତ କମିସନରଙ୍କୁ ଶାସକ ଦଳର ସ୍ଥାନୀୟ ନେତାମାନେ କାର୍ଯ୍ୟାଳୟରେ ଘୋଷାଡ଼ି ନେଇ ପିଟିଲେ। ଏଥିପାଇଁ ସେମାନେ ଗିରଫ ହେଲେ। ଏହି ଘଟଣା ପଛରେ ଶାସକ ଦଳ ନେତା ଜଗନ୍ନାଥ ପ୍ରଧାନଙ୍କର ହାତ ଥିବାରୁ ସେ ବି ଗିରଫ ହେଲେ। ଓଏଏସ୍ ସଂଘ ଏଥି ପାଇଁ କାମ ବନ୍ଦ ଆନ୍ଦୋଳନକୁ ଓହ୍ଲାଇଥିଲା। କିନ୍ତୁ ରାଜନଗର ଘଟଣାରେ ସଂଘ ସମ୍ପୂର୍ଣ୍ଣ ନିରବ ରହିଲା। ସେହିପରି ଟାଙ୍ଗୀ-ଚୌଦ୍ୱାର ଘଟଣାରେ ରାଜ୍ୟସ୍ତରରେ କର୍ମଚାରୀ ସଂଘଗୁଡ଼ିକ ପ୍ରତିକ୍ରିୟାଶୀଳ ହୋଇନାହାନ୍ତି ସତ, କିନ୍ତୁ ଦୁଇଦିନ ହେଲା ବ୍ଲକ୍‌ରେ ଅଚଳାବସ୍ଥା ଜାରି ରହିଛି। କର୍ମଚାରୀମାନେ କଲମ ଛାଡ଼ ଆନ୍ଦୋଳନ କରିଛନ୍ତି। ସରକାର ନିଜର ଦଳର ନେତାମାନଙ୍କ ଆଚରଣ ଓ ଉଚ୍ଚାରଣକୁ ନେଇ ଅସନ୍ତୁଷ୍ଟ ଥିଲେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମ୍ଭବ ହେଉ ନାହିଁ। ଏହା ଦ୍ୱାରା କର୍ମୀମାନେ କାଳେ ହତୋତ୍ସାହିତ ହେବେ, ସେଥିପାଇଁ ବଡ଼ ପଦକ୍ଷେପ ନେଇ ପାରୁନାହାନ୍ତି। ଯଦି ରାଜନଗର ଘଟଣାରେ ଦଳ କାର୍ଯ୍ୟାନୁଷ୍ଠାନ ନେଇଥା'ନ୍ତା, ତେବେ ହୁଏତ ଟାଙ୍ଗୀ-ଚୌଦ୍ୱାରରେ ସେହି ଘଟଣାର ପୁନରାବୃତ୍ତି ହୋଇ ନଥା'ନ୍ତା। କିନ୍ତୁ ଦଳ ତାହା କରିପାରୁ ନାହିଁ।

ସଚେତନ ନାଗରିକମାନଙ୍କ କହିବା କଥା, ଯଦି ଶାସକ ଦଳର ନେତାମାନଙ୍କର କାମ ହେଉନି ତେବେ ସେମାନେ ନିଜ ଦଳର ସଭାପତି ଓ ବରିଷ୍ଠ ନେତାଙ୍କ ପାଖରେ ଫେରାଦ ହୋଇପାରିବେ। ଶୃଙ୍ଖଳିତ ଭାବେ ଯାଇ କାମ କରାଇ ନେଇପାରିବେ। କିନ୍ତୁ ତାହା ନକରି ସର୍ବସାଧାରଣରେ ଉଗ୍ର ଆଚରଣ ଦେଖାଇ କାମ ହାସଲ କରିବାକୁ ଉଦ୍ୟମ କରୁଛନ୍ତି। ଏହାଦ୍ୱାରା ସେମାନେ ଖୋଦ୍ ସରକାରଙ୍କୁ ହିଁ ଅଡୁଆରେ ପକାଉଛନ୍ତି। ଏମିତିରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ସରକାର ଚିନ୍ତିତ ଅଛନ୍ତି। ସେହି ସମୟରେ ନିଜ ଦଳର ନେତାମାନଙ୍କର ଆଭିମୁଖ୍ୟ ସରକାରଙ୍କ ଚିନ୍ତା ବଢ଼ାଇ ଦେଇଛି।

# ଇଟାଲୀରେ ମୋଦୀ : ମେଲୋନିଙ୍କ ସହ ମୋଦୀଙ୍କ ସୁନ୍ଦର ସେଲଫି ଭାଇରାଲ




ନୂଆଦିଲ୍ଲୀ, ୨୩/୦୫ : ଇଟାଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରଧାନମନ୍ତ୍ରୀ ୟୁଏଇ, ନେଦରଲ୍ୟାଣ୍ଡ, ସ୍ୱିଡେନ ଏବଂ ନରୱେ ଗସ୍ତ କରିବା ପରେ ଇଟାଲୀରେ ପହଞ୍ଚି ସାରିଛନ୍ତି। ରୋମରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା ଏବଂ ସେଠାରୁ ତାଙ୍କର ଏକ ଫଟୋ ସାମ୍ନାକୁ ଆସିଛି। ରୋମରେ ସେ ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନିଙ୍କୁ ଭେଟିଥିଲେ, ଯିଏ ତାଙ୍କ ଜଣେ ଘନିଷ୍ଠ ବନ୍ଧୁ। ଉଭୟଙ୍କ ଏକ ସେଲ୍ଫି ସୋସିଆଲ ମିଡିଆରେ ଭାଇରାଲ ହେଉଛି। ପୂର୍ବରୁ ଏକ ସେଲ୍ଫି ଭିଡିଓ ସେୟାର ହେବା ପରେ ଏହା ଖୁବ୍ ଚର୍ଚ୍ଚାରେ ରହିଥିଲା। ପୁଣିଥରେ ସେଲ୍ଫି ଭାଇରାଲ୍ ହେବା ପରେ ବହୁଳ ଭାବରେ ପ୍ରଶଂସା କରାଯାଇଛି। ଇଟାଲୀର ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହିତ ଏକ ସେଲଫି ଉଠାଇଥିଲେ। ସେ ତାଙ୍କର ସରକାରୀ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ସେଲଫି ଅପଲୋଡ କରିଥିଲେ। ସେ ଏହାର କ୍ୟାପସନ ମଧ୍ୟ ଦେଇଥିଲେ, "ମୋ ବନ୍ଧୁ ରୋମକୁ ସ୍ୱାଗତ!" ଏହି ଫଟୋ ଏବେ ଭାଇରାଲ ହେଉଛି। ପ୍ରଧାନମନ୍ତ୍ରୀ ମେଲୋନିଙ୍କ ନିମନ୍ତ୍ରଣରେ ପ୍ରଧାନମନ୍ତ୍ରୀ ମୋଦୀ ଇଟାଲୀକୁ ତାଙ୍କର ପ୍ରଥମ ସରକାରୀ ଗସ୍ତରେ ଅଛନ୍ତି, ଏବଂ ସେଠାରୁ ଆଜି ରାତିରେ ଭାରତ ଫେରିବେ। ଏହା ଉଲ୍ଲେଖନୀୟ ଯେ ୨୦୨୩ ମସିହାରେ ଦୁବାଇରେ ଅନୁଷ୍ଠିତ "ଉଡଂଚ୨୮ ଶିଖର ସମ୍ମିଳନୀ ସମୟରେ ମୋଦୀ ଏବଂ ମେଲୋନିଙ୍କ ଏକ ସେଲ୍ଫି ଭାଇରାଲ ହୋଇଥିଲା। ""ଉଡଂଚ୨୮ରେ ଭଲ ବନ୍ଧୁ" ବୋଲି ଭାଇରାଲ ହୋଇଥିଲା। ତା'ପରେ, ୨୦୨୪ ମସିହାରେ ଇଟାଲୀର ଆପୁଲିଆରେ ଅନୁଷ୍ଠିତ ଏ୭ ଶିଖର ସମ୍ମିଳନୀ ସମୟରେ, "ନମସ୍କାର ଟିମ୍ ମେଲୋନି" ବିଶିଷ୍ଟ ଏକ ଭିଡିଓ ଚର୍ଚ୍ଚାରେ ରହିଥିଲା। ଏବେ ଇଟାଲୀରେ ପହଞ୍ଚିବା ପରେ, ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଭବ୍ୟ ସ୍ୱାଗତ ସମୟରେ ନିଆଯାଇଥିବା ମୋଦୀ ଏବଂ ମେଲୋନିଙ୍କ ଆଉ ଏକ ସେଲ୍ଫି ସାମ୍ନାକୁ ଆସିଛି। ଏହି ଦିନିକିଆ ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଇଟାଲୀ ପ୍ରଧାନମନ୍ତ୍ରୀ ମେଲୋନି ବାଣିଜ୍ୟ, ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା ଏବଂ ବିଶ୍ୱ ସହଯୋଗ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିବେ। ଏହି ଯାତ୍ରା ୟୁରୋପରେ ଭାରତର ରଣନୈତିକ ଉପସ୍ଥିତିକୁ ସୁଦୃଢ଼ କରିପାରିବ। ଇଟାଲୀ ସହିତ ଭାରତର ଆର୍ଥିକ ସହଭାଗୀତା ନୂତନ ଗତି ପାଇବାର ଆଶା କରାଯାଉଛି। ଭାରତ-ଇଟାଲୀ ସମ୍ପର୍କ ଆହୁରି ମଜବୁତ ହୋଇପାରେ। ଭାରତ ଏବଂ ଇଟାଲୀ ମଧ୍ୟରେ ଅନେକ ଚୁକ୍ତିନାମା ମଧ୍ୟ ଆଶା କରାଯାଉଛି, କାରଣ ଏହି ଯାତ୍ରାରେ ଅନେକ ବ୍ୟବସାୟୀ ତାଙ୍କ ସହିତ ଅଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଆଜି ଇଟାଲୀରେ ଉଭୟ ଦେଶର ପ୍ରମୁଖ ଶିଳ୍ପପତି (ସିଇଓ)ଙ୍କ ସହ ଆଲୋଚନା କରିବେ। ସେ ବିଶ୍ୱ ଖାଦ୍ୟ ସୁରକ୍ଷା ପ୍ରତି ଭାରତର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରି ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ (ଊଇଙ)ର ମୁଖ୍ୟାଳୟ ମଧ୍ୟ ପରିଦର୍ଶନ କରିବେ। ୨୦୨୩ ପରଠାରୁ ଏହା ଦୁଇ ଦେଶର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଅଷ୍ଟମ ବୈଠକ, ଯାହା ଭାରତ-ଇଟାଲୀ ସମ୍ପର୍କକୁ ସୁଦୃଢ଼ କରିବାର ପ୍ରତୀକ। ଏହି ବନ୍ଧୁତା ମାର୍ଚ୍ଚ ୨୦୨୩ରେ ମେଲୋନିଙ୍କ ଭାରତ ଗସ୍ତ ସମୟରେ ଏବଂ ତା'ପରେ ଏ୨୦ ଶିଖର ସମ୍ମିଳନୀରେ ଦୃଢ଼ ଭାବରେ ପ୍ରତିଷ୍ଠିତ ହୋଇଥିଲା।

# ବିଚାରପତିଙ୍କ ବିବାଦରୁ ସୃଷ୍ଟି ହେଲା 'କକ୍ରୋଚ୍ ଜନତା ପାର୍ଟି'




ନୂଆଦିଲ୍ଲୀ, ୨୩/୦୫ : ସୋସିଆଲ ମିଡିଆରେ ବର୍ତ୍ତମାନ ଏକ ନୂଆ ରାଜନୈତିକ ଦଳକୁ ନେଇ ଜୋରଦାର ଚର୍ଚ୍ଚା ଚାଲିଛି, ଯାହାର ନାଁ ଶୁଣିଲେ ଆପଣ ବି ଆଶ୍ଚର୍ଯ୍ୟ ହୋଇଯିବେ। ଏହି ଦଳର ନାମ ହେଉଛି 'କୋକ୍ରୋଚ୍ ଜନତା ପାର୍ଟି'। ଦେଶର ପ୍ରଧାନ ବିଚାରପତିଙ୍କ ଏକ ବିବାଦୀୟ ମନ୍ତବ୍ୟ ପରେ ଗଠିତ ହୋଇଥିବା ଏହି ବ୍ୟଙ୍ଗାତ୍ମକ ଦଳ ମାତ୍ର ୩ ଦିନ ମଧ୍ୟରେ ୧ ଲକ୍ଷରୁ ଅଧିକ ସଦସ୍ୟ ସଂଗ୍ରହ କରି ଏକ ଭାଇରାଲ୍ ଆନ୍ଦୋଳନର ରୂପ ନେଇଛି। କାହିଁକି ଗଠନ ହେଲା ଏହି ଅଜବ ଦଳ?

ଘଟଣା ମୁତାବକ, ଗତ ମେ' ୧୫ ତାରିଖରେ ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏକ ମାମଲାର ଶୁଣାଣି ବେଳେ ବେକାର ଯୁବକମାନେ ସାମ୍ବାଦିକତା, ଆଇନ ଏବଂ ଆରଟିଆଇ କ୍ଷେତ୍ରକୁ ଆସିବାକୁ 'ଅସରପା ଏବଂ 'ପରଜୀବୀ' ବୋଲି କହିଥିବା ଅଭିଯୋଗ ହୋଇଥିଲା। ଯଦିଓ ପରବର୍ତ୍ତୀ ସମୟରେ ସିଜେଆଇ ସ୍ପଷ୍ଟୀକରଣ ଦେଇ କହିଥିଲେ ଯେ ତାଙ୍କ କଥାର ଭୁଲ୍ ଅର୍ଥ ବାହାର କରାଯାଇଛି, ମାତ୍ର ସେପର୍ଯ୍ୟନ୍ତ ଇଣ୍ଟରନେଟରେ ଖେଳିଯାଇଥିଲା ଝଡ଼। ଏହାର ଠିକ୍ ପରଦିନ ଅର୍ଥାତ୍ ୧୬ ମେ' ୨୦୨୬ରେ ଅଭିଜିତ ଦିପକେ ନାମକ ଜଣେ ଯୁବକ 'କୋକ୍ରୋଚ୍ ଜନତା ପାର୍ଟି'ର ପ୍ରତିଷ୍ଠା କରିଥିଲେ।

ଏହି ପାର୍ଟିର ସ୍ଲୋଗାନ ହେଉଛି- 'ସେକୁଲାର, ସୋସିଆଲିଷ୍ଟ, ଡେମୋକ୍ରାଟିକ, ଲେଜି (ଅଳସୁଆ)'। ଏହାର ସଦସ୍ୟ ହେବା ପାଇଁ ଯୋଗ୍ୟତା ହେଉଛି- ଆପଣ ବେକାର, ଅଳସୁଆ, ସବୁବେଳେ ଅନଲାଇନ୍ ରହୁଥିବା ଏବଂ ପ୍ରଫେସନାଲ୍ ଭାବେ ସୋସିଆଲ ମିଡିଆରେ ଭାଷଣବାଜି କରିପାରୁଥିବା ଆବଶ୍ୟକ। ବର୍ତ୍ତମାନ ସୁଦ୍ଧା ଏକ୍ସରେ ଏହାର ୩୮,୦୦୦ ରୁ ଅଧିକ ଏବଂ ଇନଷ୍ଟାଗ୍ରାମରେ ୪.୨ ଲକ୍ଷରୁ ଅଧିକ ଫଲୋଅର୍ସ ହୋଇସାରିଛନ୍ତି। ବିଶେଷ କଥା ହେଉଛି, ତୃଣମୂଳ କଂଗ୍ରେସର ଦୁଇ ପ୍ରମୁଖ ସାଂସଦ ମହୁଆ ମୈତ୍ରା ଏବଂ କୀର୍ତ୍ତି ଆଜାଦ ମଧ୍ୟ ଏହି ଦଳରେ ସାମିଲ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ଅଞ୍ଜଳି ଭରଦ୍ୱାଜ ମଧ୍ୟ ଏହାକୁ ସମର୍ଥନ କରିଛନ୍ତି। ଦଳ ପକ୍ଷରୁ ଏକ ଏଆଇ ଆନ୍ଥେମ୍ 'ଉଇ ଆର କୋକ୍ରୋଚ୍ ପାର୍ଟି' ରିଲିଜ୍ କରାଯାଇଛି ଏବଂ ଦଳର ନିର୍ବାଚନ ସଙ୍କେତ 'ମୋବାଇଲ୍ ଫୋନ୍'କୁ ରଖାଯାଇଛି। ଦଳ ଏହାର ୫ ଦଫା ମାନିଫେଷ୍ଟୋରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଛି:

କୌଣସି ବି ଅବସରପ୍ରାପ୍ତ ପ୍ରଧାନ ବିଚାରପତିଙ୍କୁ ରାଜ୍ୟସଭା ସିଟ୍ ମିଳିବ ନାହିଁ। ସଂସଦ ଏବଂ କ୍ୟାବିନେଟରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ। ଦଳବଦଳ କରୁଥିବା ନେତାଙ୍କ ଉପରେ ୨୦ ବର୍ଷର ସରକାରୀ କଟକଣା। ଭୋଟ୍ ଡିଲିଟ୍ ହେଲେ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ୟୁଏପିଏ ଆଧାରରେ ଗିରଫ କରାଯିବ। ପରୀକ୍ଷାରେ ହେଉଥିବା ଦୁର୍ନୀତି ବିରୋଧରେ ସ୍ୱର ଉଠାଇ ସିବିଏସଇର ରିଚେକିଂ ଫି'କୁ ସମ୍ପୂର୍ଣ୍ଣ ଛାଡ଼ କରିବାକୁ ଦାବି। ଯୁବପିଢ଼ିଙ୍କ ଆକ୍ରୋଶ ଏବଂ ରାଜନୈତିକ ବ୍ୟଙ୍ଗକୁ ନେଇ ଗଠିତ ଏହି ଦଳ ଆଗକୁ କେଉଁ ମୋଡ଼ ନେଉଛି, ତାହା ଦେଖିବାକୁ ବାକି ରହିଲା।

## ପ୍ରଥମ ପୃଷ୍ଠାର

### ତୃତୀୟ ଥର...

ଦର ପ୍ରାୟ ୫ ଟଙ୍କା ବଢ଼ିଗଲାଣି, ଯାହା ମଧ୍ୟବିତ୍ତ ପରିବାରର ବଜେଟ୍ ଉପରେ ଚାପ ପକାଉଛି। ତେଲ ଦର ବଢ଼ିବା ଯୋଗୁଁ ପରିବହନ ଖର୍ଚ୍ଚ ବୃଦ୍ଧି ପାଇବ, ଯାହା ଫଳରେ ଆଗାମୀ ଦିନରେ ପନିପରିବା ଏବଂ ଅନ୍ୟାନ୍ୟ ଜିନିଷର ଦାମ୍ ବଢ଼ିବା ସମ୍ଭାବନା ରହିଛି।

### ବିଦ୍ୟୁତ କର୍ମଚାରୀ...

ବା ଷ୍ଟ୍ରାଇକକୁ ସମ୍ପୂର୍ଣ୍ଣ ନିଷିଦ୍ଧ ଘୋଷଣା କରିଛନ୍ତି। ଏହି କଟକଣା ଗ୍ରୀଡକୋ, ଓପିଟିସିଏଲ, ଓଏଚପିସି, ଓପିଜିସି ସମେତ ଟିପିସିଓଡିଏଲ, ଟିପିଏନଓଡିଏଲ, ଟିପିଏସଓଡିଏଲ, ଟିପିଡବ୍ଲ୍ୟୁଓଡିଏଲ ଓ ଅନ୍ୟ ସମସ୍ତ ବିଦ୍ୟୁତ ସଂସ୍ଥା ଅଧୀନରେ ଥିବା ପ୍ରତିଷ୍ଠାନଗୁଡ଼ିକ ପାଇଁ ଲାଗୁ ହେବ। ରାଜ୍ୟରେ ଅବିରତ ବିଦ୍ୟୁତ ଉତ୍ପାଦନ, ସଂଚାରଣ ଓ ବଣ୍ଟନ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟ ଗୃହ ବିଭାଗ ପକ୍ଷରୁ ଆଜି ବିଧିବଦ୍ଧ ଭାବେ ଏହି ଏସମା ଲାଗୁ ହୋଇଛି।

ଉଲ୍ଲେଖଯୋଗ୍ୟ, ଟାଟା ପାୱାର ଅଧୀନରେ ଥିବା ୪ଟି ଯାକ ବିଦ୍ୟୁତ ବିତରଣ ସଂସ୍ଥାର କର୍ମଚାରୀମାନେ ନିଜର ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ ୫ଦିନ ଧରି ଭୁବନେଶ୍ୱରରେ ଆନ୍ଦୋଳନ ଜାରି ରଖିଛନ୍ତି। ଟାଟା ପାୱାର ଦ୍ୱାରା ଚାଲିଥିବା ବ୍ୟାପକ କର୍ମଚାରୀ ଛଟେଇ ଓ କମ୍ପାନୀ କଷ୍ଟ କଟିଂ ନାଁରେ ବହୁ ବର୍ଷ ଧରି କାମ କରି ଆସୁଥିବା ଦକ୍ଷ ଶ୍ରମିକମାନଙ୍କୁ ଚାକିରିରୁ ବାହାର କରିଦେଉଥିବାରୁ ଶ୍ରମିକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମହାସଂଘ ମୁଖ୍ୟତଃ ଦୁଇ ଦଫା ଦାବି ଉପରେ ଅଟଳ ରହିଛି, ଯେଉଁଥିରେ ପ୍ରଥମତଃ ଛଟେଇ ପ୍ରକ୍ରିୟାକୁ ତୁରନ୍ତ ବନ୍ଦ କରି ପୂର୍ବରୁ ବାହାର କରାଯାଇଥିବା ସମସ୍ତ ବିଦ୍ୟୁତ ଶ୍ରମିକଙ୍କୁ ପୁନଃ ନିଯୁକ୍ତି ଦେବା ଓ ଦ୍ୱିତୀୟତଃ ରାଜ୍ୟରେ ଏକ ସ୍ୱତନ୍ତ୍ର ଓଡ଼ିଶା ଆଉଟସୋର୍ସିଂ ଆଇନ ଲାଗୁ କରିବା ଅନ୍ତର୍ଭୁକ୍ତ ରହିଛି।

ଆନ୍ଦୋଳନକାରୀଙ୍କ କହିବା ଅନୁଯାୟୀ, ୫ ବର୍ଷ ପୂର୍ବେ ଟାଟା ପାୱାର ଦାୟିତ୍ୱ ନେବା ବେଳେ ବିଦ୍ୟୁତ ବିତରଣ କ୍ଷେତ୍ରରେ କ୍ଷତି ପ୍ରାୟ ୩୦ ପ୍ରତିଶତ ରହିଥିଲା, ଯାହାକୁ ଏହି ଠିକା ଶ୍ରମିକମାନେ ଦିନରାତି ଏକ କରି ମାତ୍ର ୧୫ ପ୍ରତିଶତକୁ ଖସାଇ ଆଣିଛନ୍ତି। ସେମାନଙ୍କ ପରିଶ୍ରମ ଯୋଗୁଁ କମ୍ପାନୀ ହଜାର ହଜାର କୋଟି ଟଙ୍କା ଲାଭ କରୁଥିବାବେଳେ, ମାତ୍ର କିଛି କୋଟି ଟଙ୍କାର ଦରମା ବଂଚାଇବା ପାଇଁ ଶ୍ରମିକମାନଙ୍କୁ ଚାକିରିରୁ ବାହାର କରାଯାଉଛି। ଏଭଳି ସ୍ଥିତିରେ ସରକାରଙ୍କ ପକ୍ଷରୁ 'ଏସମା' ଜାରି ହେବା ପରେ ଏହି ଜନ ଆନ୍ଦୋଳନ ଏବେ କେଉଁ ମୋଡ଼ ନେଉଛି ଓ ସରକାର ଶ୍ରମିକମାନଙ୍କ ସମସ୍ୟାର ସମାଧାନ ଦିଗରେ କି ପଦକ୍ଷେପ ନେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ଅଘୋଷିତ ବିଦ୍ୟୁତ୍...

ସେବାରେ ଅବହେଳାକୁ ନେଇ ଅନେକ ସ୍ଥାନରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ପାରାଦୀପ ଏବଂ ଢେଙ୍କାନାଳ ଭଳି ଅଞ୍ଚଳରେ ଲୋକେ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି। ଅତ୍ୟଧିକ ଗରମ ଯୋଗୁଁ ଏସିର ବ୍ୟବହାର ବୃଦ୍ଧି ପାଇଛି, ଯାହାଫଳରେ ଟ୍ରାନ୍ସଫର୍ମର ଉପରେ ଚାପ ପଡ଼ି ତାହା ପୋଡ଼ିଯିବା ବା ଟ୍ରିପ୍ କରିବା ଭଳି ସମସ୍ୟା ଦେଖାଦେଉଛି। ଭୁବନେଶ୍ୱର ସମେତ ରାଜ୍ୟର ଅଧିକାଂଶ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ଆଦ୍ରତା ବୃଦ୍ଧି ଯୋଗୁଁ ଗୁଳୁଗୁଳି ଅସହ୍ୟ ହେଉଛି। ଆଜି ଭୁବନେଶ୍ୱରରେ ତାପମାତ୍ରା ପ୍ରାୟ ୩୮-୩୯ ଡିଗ୍ରୀ ରହିଥିଲେ ମଧ୍ୟ ଆଦ୍ରତା ଯୋଗୁଁ ଏହା ୪୫ ରୁ ୫୦ ଡିଗ୍ରୀ ଭଳି ଅନୁଭୂତ ହେଉଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଅନେକ ଜିଲ୍ଲା ପାଇଁ ହିଟ୍‌ୱେଭ୍ ଏବଂ ଗୁଳୁଗୁଳି ପାଇଁ ୟେଲୋ ଏବଂ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ପ୍ରବଳ ଖରା ଓ ଗୁଳୁଗୁଳିରୁ ରକ୍ଷା ପାଇବା ପାଇଁ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ବାହାରକୁ ନ ବାହାରିବାକୁ ଏବଂ ପ୍ରଚୁର ପରିମାଣରେ ପାଣି ପିଇବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ସୌମ୍ୟରଞ୍ଜନ ହତ୍ୟା ମାମଲା ବଢ଼ିଲା ପୋଲିସ ଏଡିଜିଙ୍କ ଅଡୁଆ

ଭୁବନେଶ୍ୱର, ୨୩/୦୫ (ଜେଏନ୍‌ଏସ୍) : ରେଳବାଇ ପୋଲିସ କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ଅମାନବିକ ଭାବେ ପିଟିପିଟି ହତ୍ୟା ଓ ବରିଷ୍ଠ ଆଇପିଏସଙ୍କ ବାସଭବନରେ 'ଅର୍ଡରଲି ପ୍ରଥା' ଘଟଣାରେ ଜାତୀୟ ମାନବାଧିକାର ଆୟୋଗ(ଏନଏଚଆରସି) କଡ଼ା ଆଭିମୁଖ୍ୟ ପୋଷଣ କରି ସରଜମିନ୍ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ଉପସ୍ଥିତିରେ ସୌମ୍ୟଙ୍କୁ ସଂଘବଦ୍ଧ ହୋଇ ପିଟିପିଟି ହତ୍ୟା କରାଯିବା ଓ ଅତିରିକ୍ତ ଡିଜି ପାହ୍ୟାର ଜଣେ ବରିଷ୍ଠ ଆଇପିଏସ୍ ଅଫିସର ନିଜ ବାସଭବନରେ ସୌମ୍ୟଙ୍କୁ ଅର୍ଡରଲି ଭାବେ ଖଟାଇବା ଘଟଣା ଏବେ ଓଡ଼ିଶା ପୋଲିସ ପ୍ରଶାସନର ଆଭ୍ୟନ୍ତରୀଣ ବ୍ୟବସ୍ଥାକୁ କାଠଗଡ଼ାରେ ଛିଡ଼ା କରାଯାଇଛି। ଏହି ଘଟଣା ନାକେବଳ ଓଡ଼ିଶା ପୋଲିସର ଭାବମୂର୍ତ୍ତି ପ୍ରଭାବିତ କରିଛି ବରଂ ଓଡ଼ିଶାକୁ ଦେଶବିଦେଶରେ ଲଜ୍ଜିତ କରାଇଛି। ସୂଚନା ଅନୁସାରେ, ଜାତୀୟ ମାନବାଧିକାର ଆୟୋଗ ଏହି ଘଟଣାକୁ ଗୁରୁତ୍ୱର ସହ ବିଚାରକୁ ନେଇ ରାଜ୍ୟ ମୁଖ୍ୟ ସଚିବ ଓ ପୋଲିସ ଡିଜିଙ୍କୁ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ଦୁଇ ସପ୍ତାହ ସୁଦ୍ଧା ଆକ୍ସନଟେକେନ ରିପୋର୍ଟ ଦାଖଲ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ଜାତୀୟ ମାନବାଧିକାର ଆୟୋଗ କେବଳ ସରକାରୀ ରିପୋର୍ଟ ଉପରେ ଭରସା ନକରି ନିଜର ଡିଜିଙ୍କୁ ମଧ୍ୟ ସରଜମିନ୍ ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ନିଜର ସ୍ପଟ୍ ଇନକ୍ୱାରୀ ରିପୋର୍ଟକୁ ଜୁନ୍ ୪ତାରିଖ ସୁଦ୍ଧା ଦାଖଲ ପାଇଁ ମଧ୍ୟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ଉପସ୍ଥିତିରେ ରେଳବାଇ କନେଷ୍ଟବଳ ସୌମ୍ୟଙ୍କୁ ପିଟିପିଟି ସଂଘବଦ୍ଧ ହତ୍ୟା କରାଯିବା ଓ ଏହି ଘଟଣାରେ ଜଣେ ବରିଷ୍ଠ ଆଇପିଏସ ଅଫିସରଙ୍କ ସମ୍ପୃକ୍ତି ଓ କ୍ଷମତାର ଅପବ୍ୟବହାର କରି ତଳିଆ କର୍ମଚାରୀଙ୍କୁ ଅର୍ଡରଲି ବା ଘରୋଇ ଗୋଲାମ ଭଳି ଖଟାଇବା ପ୍ରଥାର ସାଂଘାତିକ ଅଭିଯୋଗକୁ ଆୟୋଗ ଅତ୍ୟନ୍ତ କଠୋର ଆଭିମୁଖ୍ୟ ସହ ଗ୍ରହଣ କରିଛନ୍ତି। ଏହି ସମଗ୍ର ମାନବାଧିକାର ଉଲ୍ଲଙ୍ଘନ ଘଟଣାକୁ ନେଇ ଆୟୋଗ ଗଭୀର କ୍ଷୋଭ ଓ ଦୁଃଖ ବ୍ୟକ୍ତ କରିଛନ୍ତି। ନିଜର ନିର୍ଦ୍ଦେଶରେ ଆୟୋଗ ଦର୍ଶାଇଛନ୍ତି ଯେ, ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ଏଭଳି ଏକ ହୃଦୟବିଦାରକ ହତ୍ୟାକାଣ୍ଡ ଘଟିବା ଓ ମୃତକଙ୍କୁ ବଂଚାଇବା ପ୍ରକ୍ରିୟାରେ ଜଣେ ହେଲେ ବି ପୁଲିସ କର୍ମଚାରୀ ଆହତ ନହେବା ଅତ୍ୟନ୍ତ ସନ୍ଦେହଜନକ ଓ ଦୁଃଖଦାୟକ। ଯେହେତୁ ଅଭିଯୋଗ କେବଳ ଉତ୍ତ୍ୟକ୍ତ ଜନତାଙ୍କ ମବ୍ ଲିଂଚି ବା ଭିଡ଼ହତ୍ୟା ଉପରେ ନୁହେଁ ବରଂ ପୁଲିସ ବିଭାଗର ନିଜସ୍ୱ ଉଚ୍ଚପଦସ୍ଥ ଅଧିକାରୀଙ୍କ ଶୋଷଣ ବିରୋଧରେ ମଧ୍ୟ ରହିଛି,ତେଣୁ ଆୟୋଗ ନିଜର ଡିଜିଙ୍କୁ ଘଟଣାସ୍ଥଳ ଗସ୍ତ କରି ସମସ୍ତ ଅଭିଯୋଗର ସରଜମିନ୍ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାନବାଧିକାର କର୍ମଚାରୀ ଭଜମନ ବିଶ୍ୱାଳଙ୍କ ଅଭିଯୋଗ ଆଧାରରେ ଆୟୋଗ ଏହି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ଚଳିତମାସ ୭ତାରିଖରେ ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଥାନା ଅଂଚଳରେ ରେଳବାଇ ପୋଲିସ କନେଷ୍ଟବଳ ସୌମ୍ୟରଞ୍ଜନଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ପିଟି ହତ୍ୟା କରିଥିଲେ। ଦିନଦ୍ୱିପ୍ରହରରେ ଘଟିଥିବା ଏହି ବର୍ବରକାଣ୍ଡ ସମୟରେ ଘଟଣାସ୍ଥଳରେ ଅନେକ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ମଧ୍ୟ ସେମାନେ ନିରବଦ୍ରଷ୍ଟା ସାଜିଥିଲେ। ଯାହାକି ସ୍ପଷ୍ଟ ଭାବେ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ପ୍ରମାଣିତ କରୁଛି।

# ଅମିତ ଶାହଙ୍କ କଥାକୁ ସତ ପ୍ରମାଣିତ କଲେ, ମମତାଙ୍କୁ ତାଙ୍କରି ୱାର୍ଡରେ ହରାଇଲେ ଶୁଭେନ୍ଦୁ ଅଧିକାରୀ

ନୂଆଦିଲ୍ଲୀ, ୨୩/୦୫ : ଭବାନୀପୁରର ୨୬୭ଟି ବୁଥରୁ ଶୁଭେନ୍ଦୁ ଅଧିକାରୀ ୨୦୭ଟିରେ ଅଧିକ ଭୋଟ ପାଇଛନ୍ତି। ଏହା ମଧ୍ୟରେ ୱାର୍ଡ ନମ୍ବର ୭୩ ବି ରହିଛି। ୱାର୍ଡ ନମ୍ବର ୭୩ ମମତାଙ୍କ କାଳୀଘାଟ ବାସଭବନ ଅଧୀନରେ ରହିଛି। ଏଠାରେ ମମତା ୪,୨୮୪ ଖଣ୍ଡ ଭୋଟ ପାଇଥିବା ବେଳେ ଶୁଭେନ୍ଦୁଙ୍କୁ ମିଳିଛି ୮,୯୩୨ ଖଣ୍ଡ ଭୋଟ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ନିର୍ବାଚନ ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଦେଇଥିବା ଆହ୍ୱାନକୁ ସତ କରି ଦେଖାଇଛନ୍ତି। ମମତାଙ୍କୁ ତାଙ୍କରି ଗଡ଼ରେ ହରାଇବାକୁ ଶ୍ରୀ ଶାହ କହିଥିଲେ। ଶୁଭେନ୍ଦୁ କେବଳ ମମତାଙ୍କ ଗଡ଼ ଭବାନୀପୁରରେ ତାଙ୍କୁ ହରାଇ ନାହାନ୍ତି, ବରଂ ପୂର୍ବତନ ମୁଖ୍ୟମନ୍ତ୍ରୀ ରହୁଥିବା ଅଞ୍ଚଳର ୱାର୍ଡରେ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଛନ୍ତି। ନିର୍ବାଚନ କମିଶନ ଜାରି କରିଥିବା ବୁଥୱାରୀ ତଥ୍ୟରୁ ଏହା ପ୍ରମାଣିତ ହୋଇଛି। ନିର୍ବାଚନ କମିଶନଙ୍କ ବୁଥୱାରୀ ତଥ୍ୟରୁ ପ୍ରମାଣିତ ହୋଇଛି ଯେ ଭବାନୀପୁରର ୨୬୭ଟି ବୁଥରୁ ଶୁଭେନ୍ଦୁ ଅଧିକାରୀ ୨୦୭ଟିରେ ଅଧିକ ଭୋଟ ପାଇଛନ୍ତି। ଏହା ମଧ୍ୟରେ ୱାର୍ଡ ନମ୍ବର ୭୩ ବି ରହିଛି। ୱାର୍ଡ ନମ୍ବର ୭୩ ମମତାଙ୍କ କାଳୀଘାଟ ବାସଭବନ ଅଧୀନରେ ରହିଛି। ଏଠାରେ ମମତା ୪,୨୮୪ ଖଣ୍ଡ ଭୋଟ ପାଇଥିବା ବେଳେ ଶୁଭେନ୍ଦୁଙ୍କୁ ମିଳିଛି ୮,୯୩୨ ଖଣ୍ଡ ଭୋଟ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଅମିତ ଶାହ ବିଜେପି କର୍ମୀମାନଙ୍କୁ କହିଥିଲେ ଯେ "ଶୁଭେନ୍ଦୁ ଅଧିକାରୀଙ୍କୁ ଦିଆଯାଇଥିବା ବାର୍ତ୍ତା ପୂରା ସ୍ପଷ୍ଟ। ମମତାଙ୍କୁ ତାଙ୍କରି ଗଡ଼ରେ ହରାଇବାକୁ ହେବ। ମୁଁ ଶୁଭେନ୍ଦୁ ଅଧିକାରୀଙ୍କୁ କହିଛି ଯେ ମମତାଙ୍କୁ ତାଙ୍କ ଘରକୁ ଯାଇ ହରାଇବାକୁ ପଡ଼ିବ।" ଏବେ ଏହାକୁ ସତ କରି ଦେଖାଇଛନ୍ତି ଶୁଭେନ୍ଦୁ। ଶୁଭେନ୍ଦୁଙ୍କ ଘର ହେଉଛି କାଣ୍ଠି। ଏହା ମମତା ବାନାର୍ଜୀଙ୍କ କାଳୀଘାଟ ବାସଭବନ ଠାରୁ ୧୫୦ କିମି ଦୂର। ଦକ୍ଷିଣ କୋଲକାତା ନିର୍ବାଚନ ମଣ୍ଡଳୀରେ ଶୁଭେନ୍ଦୁ ଅଧିକାରୀଙ୍କ କୌଣସି ରାଜନୀତିକ ବେସ କିମ୍ବା ସାଂଗଠନିକ ସ୍ଥିତି ନଥିଲା। ତଥାପି ସେ ମମତାଙ୍କ ୱାର୍ଡରେ ତାଙ୍କ ଠାରୁ ଦୁଇ ଗୁଣ ଅଧିକ ଭୋଟ ପାଇଛନ୍ତି। ଶୁଭେନ୍ଦୁଙ୍କୁ ୬୩% ଭୋଟ ମିଳିଥିବା ବେଳେ ମମତା କେବଳ ୩୦% ଜନତାଙ୍କୁ ନିଜ ଆଡ଼କୁ ଟାଣି ପାରିଛନ୍ତି। ସବୁଠାରୁ ଚମକାଇବା ଭଳି କଥା ହେଉଛି ଯେ ଭବାନୀପୁରର ଅଧିକାଂଶ ୱାର୍ଡରେ ମମତା ୫୦ ଖଣ୍ଡ ଭୋଟ ବି ପାଇ ନାହାନ୍ତି। ଭବାନୀପୁରର ପ୍ରତିଟି ବୁଥରେ ପ୍ରାୟ ୪୦୦ରୁ ୭୦୦ ଭୋଟର ରହିଛନ୍ତି। ବୁଥ ନମ୍ବର ୧୪ରେ ମମତାଙ୍କୁ ୪୩ ଖଣ୍ଡ, ବୁଥ ନମ୍ବର ୧୬ରେ ୪୨ ଖଣ୍ଡ, ବୁଥ ନମ୍ବର ୨୦ରେ ୪୧ ଖଣ୍ଡ, ବୁଥ ନମ୍ବର ୨୪ରେ ୪୫ ଖଣ୍ଡ, ବୁଥ ନମ୍ବର ୭୭ରେ ୪୦ ଖଣ୍ଡ, ବୁଥ ନମ୍ବର ୮୯ରେ ୪୧ ଖଣ୍ଡ ଓ ବୁଥ ନମ୍ବର ୧୦୫ରେ ମାତ୍ର ୩୧ ଖଣ୍ଡ ଭୋଟ ମିଳିଛି। ଏହାବାଦ ବୁଥ ନମ୍ବର ୧୪୯ରେ ସେ ୪୪ ଖଣ୍ଡ, ବୁଥ ନମ୍ବର ୧୫୮ରେ ୪୬ ଖଣ୍ଡ, ବୁଥ ନମ୍ବର ୧୭୬ରେ ୨୯ ଖଣ୍ଡ, ବୁଥ ନମ୍ବର ୨୪୨ରେ ୪୦ ଖଣ୍ଡ, ବୁଥ ନମ୍ବର ୨୪୯ରେ ୨୮ ଖଣ୍ଡ ଓ ବୁଥ ନମ୍ବର ୨୬୩ରେ ୩୦ ଖଣ୍ଡ ଭୋଟ ମମତା ପାଇଛନ୍ତି। ୨୦୨୧ରେ ଭବାନୀପୁର ଉପ ନିର୍ବାଚନରେ ମମତା ସମସ୍ତ ୭ଟି ଯାକ ୱାର୍ଡରେ ବିଜୟୀ ହୋଇଥିଲେ। କିନ୍ତୁ ଏଥର ଭବାନୀପୁରରେ ମମତା ୫୮,୮୧୨ ଖଣ୍ଡ ଭୋଟ ପାଇଥିବା ବେଳେ ଶୁଭେନ୍ଦୁଙ୍କୁ ମିଳିଛି ୭୩,୯୧୭ ଖଣ୍ଡ ଭୋଟ।

## ମମତା ବାନାର୍ଜୀଙ୍କ ପରାଜୟ ପରେ ଟିଏମ୍‌ସିରେ ବଡ଼ ଧରଣର ଫାଟ

କୋଲକାତା, ୨୩/୦୫ : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସର ପରାଜୟ ପରେ ମମତା ବାନାର୍ଜୀଙ୍କ ଦଳରେ ଏକ ବଡ଼ ଧରଣର ଫାଟ ସୃଷ୍ଟି ହେବାର ଭୟ ଦେଖାଦେଇଛି। ବୁଧବାର ଦଳର ପ୍ରଥମ ଆନ୍ଦୋଳନ କାର୍ଯ୍ୟକ୍ରମରେ ଅନେକ ଟିଏମ୍‌ସି ବିଧାୟକ ଅନୁପସ୍ଥିତ ରହିବା ଘଟଣାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ନିର୍ବାଚନ ପରବର୍ତ୍ତୀ ହିଂସା ଏବଂ ହକରମାନଙ୍କର ଉଚ୍ଛେଦ ଅଭିଯାନକୁ ବିରୋଧ କରି ଆଜି କିଛି ଟିଏମ୍‌ସି ବିଧାୟକ ବିଧାନସଭା ପରିସରରେ ଆମ୍ବେଦକର ପ୍ରତିମୂର୍ତ୍ତି ନିକଟରେ ଧାରଣାରେ ବସିଥିଲେ। କିନ୍ତୁ ଏହି ସମୟରେ ଦଳର ମୋଟ୍ ୮୦ ବିଧାୟକଙ୍କ ମଧ୍ୟରୁ ମାତ୍ର ୩୫ ଜଣ ସେଠାରେ ପହଞ୍ଚିଥିଲେ। ଶୋଭନଦେବ ଚଟ୍ଟୋପାଧ୍ୟାୟ, ନୟନ ବାନାର୍ଜୀ, କୁନାଲ ଘୋଷ ଏବଂ ରତବ୍ରତ ବାନାର୍ଜୀଙ୍କ ପରି ନେତାମାନେ ଆଜିର ଧାରଣାରେ ବସିଥିଲେ। କିନ୍ତୁ ସରକାର ବିରୋଧରେ ଦଳର ପ୍ରଥମ ବିରୋଧ କାର୍ଯ୍ୟକ୍ରମରେ ଏତେ ସଂଖ୍ୟକ ବିଧାୟକ ଅନୁପସ୍ଥିତ ରହିବା ଘଟଣାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଦଳରେ ଏକ ସମ୍ଭାବ୍ୟ ଫାଟ ସୃଷ୍ଟି ହୋଇଛି ବୋଲି କୁହାଯାଉଛି। ନିର୍ବାଚନୀ ଝଟ୍‌କା ପରେ ଦଳ ଏବେ ଏହାର ସମସ୍ତ ସଦସ୍ୟଙ୍କୁ ଏକଜୁଟ୍ କରିବା ପାଇଁ ସଂଘର୍ଷ କରୁଛି। କିନ୍ତୁ ଇତି ମଧ୍ୟରେ ଟିଏମ୍‌ସି ବିଧାୟକ ଶୋଭନଦେବ ଚଟ୍ଟୋପାଧ୍ୟାୟ ଆନ୍ତଃକନ୍ଦଳ ଖବରକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ନିର୍ବାଚନ ପରବର୍ତ୍ତୀ ହିଂସା ଉପୁଜିଥିବା ଅଞ୍ଚଳରେ କିଛି ବିଧାୟକ ବ୍ୟସ୍ତ ଅଛନ୍ତି। ଏହି ସମୟରେ କମ୍ ଦିନରେ ନୋଟିସ୍‌ରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ତେଣୁ ସମସ୍ତ ବିଧାୟକ ଉପସ୍ଥିତ ରହିପାରିଲେନି। ତେବେ ଇତି ମଧ୍ୟରେ ଜାଣିବାକୁ ମିଳିଛି ଯେ କାଳିଘାଟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକର ଦିନକ ପରେ ଏହି ଘଟଣା ଘଟିଥିବାରୁ ଏହାକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ବୈଠକରେ ଅନେକ ବିଧାୟକ ଯୁକ୍ତି ବାଢ଼ିଛନ୍ତି ଯେ ଟିଏମ୍‌ସି କେବଳ ରଣନୀତିକ ସେସନ୍ ଦ୍ୱାରା ଆଗକୁ ବଢ଼ିପାରିବନି। ବରଂ ଏଥିପାଇଁ ତୃଣମୂଳ ସ୍ତରରେ କାର୍ଯ୍ୟ କରିବାକୁ ହେବ। ଉଲ୍ଲେଖଯୋଗ୍ୟ ମଙ୍ଗଳବାର ହୋଇଥିବା ବୈଠକରେ ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀ, ଜାତୀୟ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଏବଂ କିଛି ବିଧାୟକ ଯୋଗ ଦେଇଥିଲେ। ତେବେ ବୈଠକରେ କିଛି ବିଧାୟକ ସ୍ପଷ୍ଟ କରିଥିଲେ ଯେ କେବଳ ରୁଦ୍ଧଦ୍ୱାରରେ ବୈଠକ କଲେ ଦଳକୁ କିଛି ଫାଇଦା ମିଳିବନି। ଏଥିପାଇଁ ତୃଣମୂଳ ସ୍ତରରେ କାର୍ଯ୍ୟ କରିବାକୁ ପଡ଼ିବ।

## ୨୪ - ୩୦ ମଇ'୨୦୨୬ ଶକ୍ତି ଏ ସପ୍ତାହର



ମେଘା
ହରୋସକୋପିଷ୍ଟ ଏବଂ ଫରଚ୍ୟୁନ ଟେଲର
(ବୈଦିକ ଆଷ୍ଟ୍ରୋଲୋଜି)
ମୋ: ୯୦୭୮୧୬୩୩୭୭

**ମେଷ ରାଶି:** ଆପଣ ବୃତ୍ତିଗତ ଭାବରେ ଆପଣଙ୍କ ସମ୍ଭାବନା ଅନୁସାରେ ପ୍ରଦର୍ଶନ କରିବେ। ବ୍ୟକ୍ତିଗତ ଭାବରେ, ଆପଣ ଜିନିଷଗୁଡ଼ିକୁ ପରିଚାଳନା କରିବାର ବ୍ୟକ୍ତି ହେବେ। ଆପଣଙ୍କ ସାଥୀ କିମ୍ବା ସାଥୀଙ୍କ ସହିତ ଆପଣଙ୍କ ସମ୍ପର୍କ ଭଲ ରହିବ। ପ୍ରେମିକମାନେ ପରସ୍ପରଠାରୁ ଶୁଣିବାକୁ ଚାହୁଁନଥିବା କିଛି ଶବ୍ଦ ଆଦାନପ୍ରଦାନ କରିପାରିବେ। ଆପଣ ଏକ ନୂତନ ବୃତ୍ତିଗତ ପାଠ୍ୟକ୍ରମରେ ନାମ ଲେଖାଇ ପାରିବେ। ଏହି ସପ୍ତାହରେ ଯେକୌଣସି ଆର୍ଥିକ ସଂସ୍ଥାରୁ ଋଣ ପାଇବା ସହଜ ହେବ।

**ବୃଷ ରାଶି:** ଏହି ସପ୍ତାହରେ ଏକ ଅସ୍ଥିରତା ଅନୁଭବ ହେବ। ଆପଣଙ୍କର ଉଚ୍ଚ କର୍ତ୍ତୃପକ୍ଷ ଆପଣଙ୍କୁ ସାହାଯ୍ୟ କରିବେ କିନ୍ତୁ ଆପଣଙ୍କର ଅତ୍ୟଧିକ ଚିନ୍ତା ଯୋଗୁଁ ଆପଣ ଅବରୋଧିତ ଅନୁଭବ କରୁଛନ୍ତି। ନୂତନ କାମ ବା ଚାକିରି ମିଳିପାରେ ଯାହା ଆପଣଙ୍କୁ ଯଥେଷ୍ଟ ଭଲ ଦରମା ଦେବ।କିନ୍ତୁ ଆପଣଙ୍କର ଏହା ପାଇଁ ଇଚ୍ଛା ନାହିଁ ପାଚନ ସମସ୍ୟା ଭଳି କିଛି ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ଆପଣଙ୍କ ଜୀବନସାଥୀ କିମ୍ବା ସାଥୀ ଅଭିଯୋଗ କରିବେ କାରଣ ଆପଣ ଆପଣଙ୍କ ପାଇଁ ସମୟ ଦେଇପାରିବେ ନାହିଁ।

**ମିଥୁନ ରାଶି:** ଆପଣ ଖର୍ଚ୍ଚ କରିବାର ମନୋଭାବରେ ରହିବେ। ଏହି ସପ୍ତାହରେ ଆପଣଙ୍କର ମୁହୂର୍ତ୍ତ ପାଇଁ ବଞ୍ଚିବାର ପ୍ରବୃତ୍ତି ରହିବ। ଭ୍ରମଣ ହେବ ଏବଂ ଆପଣ ବହୁତ କିଣାକାଟା କରିବେ। ଆପଣ ଜୀବନର ପ୍ରେମ କିମ୍ବା ଆତ୍ମସାଥୀଙ୍କୁ ଭେଟିପାରିବେ। ଏହି ସପ୍ତାହରେ ଆର୍ଥିକ ସମସ୍ୟା ଆପଣଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଆପଣ ନୂତନ ସମ୍ପତ୍ତି କିଣିପାରିବେ। ଦମ୍ପତି ଆନୁଷ୍ଠାନିକ ଭାବରେ ସମ୍ପର୍କରେ ଆସିପାରିବେ କିମ୍ବା ବିବାହ କରିପାରିବେ।

**କର୍କଟ ରାଶି:** ବୃତ୍ତିଗତ ଭାବରେ ଆପଣ ଏହି ସପ୍ତାହରେ ବ୍ୟସ୍ତ ରହିବେ। ନୂତନ ନିଯୁକ୍ତି ଏବଂ ଦାୟିତ୍ୱ ରହିବ। ଆପଣ ଆପଣଙ୍କ ଚାକିରି ପ୍ରତି ବହୁତ କଠୋର ଏବଂ ସମର୍ପିତ ହେବେ। ଆପଣ କିଛି ନିବେଶ କରିବାକୁ ଯାଉଛନ୍ତି ଯାହା ଆପଣଙ୍କୁ ଦୀର୍ଘକାଳୀନ ଭାବରେ ଭଲ ଲାଭ ଦେବ। ବ୍ୟକ୍ତିଗତ ଜୀବନର ଅସ୍ଥିରତା ଆପଣଙ୍କୁ ଅସ୍ଥିର ଅନୁଭବ କରାଇବ ଏବଂ ଯୁକ୍ତିତର୍କ ହେବ। ଏହି ସପ୍ତାହରେ ଆପଣଙ୍କ ଜୀବନସାଥୀଙ୍କ ସ୍ୱାସ୍ଥ୍ୟ ଆପଣଙ୍କ ପାଇଁ ଚିନ୍ତାର କାରଣ ହୋଇପାରେ।

**ସିଂହ ରାଶି:** ଏହା କିଛି ବିଶ୍ରାମ ନେବା ଏବଂ ଆପଣ ଉପଭୋଗ କରୁଥିବା କିଛି କରିବା ପାଇଁ ସମୟ କାରଣ ଗତ କିଛି ସପ୍ତାହ ଆପଣଙ୍କ ପାଇଁ ବହୁତ ବ୍ୟସ୍ତ ଏବଂ କଷ୍ଟକର ଥିଲା। ଜିନିଷଗୁଡ଼ିକ ଆପଣଙ୍କୁ ପସନ୍ଦ ଆସିପାରେ କିନ୍ତୁ ଆପଣ ଅନ୍ୟ କୌଣସି ଉପାୟରେ ଆପଣଙ୍କର ସ୍ଥିତି ଫେରି ପାଇବେ କିନ୍ତୁ ଏହା ପୂର୍ବରୁ କେବେ ହୋଇନଥିଲା ପରି। ଯିଏ ଭଲ ଭାବରେ ବୃତ୍ତିଗତ ଭାବରେ ଜାଣିଛନ୍ତି ତାଙ୍କ ସାହାଯ୍ୟ ନିଅନ୍ତୁ। ଆର୍ଥିକ ଦୃଷ୍ଟିରୁ ସବୁକିଛି ଠିକ୍ ରହିବ କିନ୍ତୁ ଜୀବନର ଅନ୍ୟ ଦିଗରେ ଅସୁବିଧା ଆପଣଙ୍କୁ ଚିନ୍ତିତ କରିବ।

**କନ୍ୟା ରାଶି:** କର୍ମକ୍ଷେତ୍ରରେ ଘଟୁଥିବା ପ୍ରତିକୂଳ ଘଟଣା ଯୋଗୁଁ ଆପଣ ନିରାଶ ହେବେ। ଆପଣ ସାଧାରଣତଃ ବ୍ୟସ୍ତ ରହିବେ। ଏହି ସପ୍ତାହରେ ଏକ ବ୍ରେକଅପ୍ ହୋଇପାରେ। ନିଦ୍ରାହୀନତା ଏବଂ ଅସ୍ଥିରତା ଆପଣଙ୍କୁ ଅନାବଶ୍ୟକ ଭାବରେ କହିବାକୁ ଚିନ୍ତିତ କରିବ। ଉଚ୍ଚ ରକ୍ତଚାପ ଥିବା ଲୋକଙ୍କୁ ସତର୍କ ରହିବା ଆବଶ୍ୟକ। ଆର୍ଥିକ ଦୃଷ୍ଟିରୁ ଆପଣ ସୁରକ୍ଷିତ ରହିବେ କିନ୍ତୁ ଏହି ସପ୍ତାହରେ ଏହା ଆପଣଙ୍କ ପାଇଁ ଚିନ୍ତିତ ନୁହେଁ। ଆପଣଙ୍କ ଚାରିପାଖରେ ଘଟୁଥିବା ଘଟଣା ପାଇଁ ଆପଣ ନିଶ୍ଚିତ ଭାବରେ ଦୁଃଖିତ ହେବେ।

**ତୁଳା ରାଶି:** ଆପଣ ନିବେଶ କରିବ ଏବଂ ଅନିଚ୍ଛା ସହିତ କରିବେ। ଆର୍ଥିକ ହସ୍ତାନ୍ତର କରିବା ସମୟରେ ସତର୍କ ରହିବାକୁ ଚେଷ୍ଟା କରିବେ। ବୃତ୍ତିଗତ ଜିନିଷଗୁଡ଼ିକ ସ୍ୱାଭାବିକ ହେବ କିନ୍ତୁ ହଠାତ୍ ଦାୟିତ୍ୱରେ କିଛି ପରିବର୍ତ୍ତନ ଆସିବ। ବ୍ୟକ୍ତିଗତ ଭାବରେ, ଆପଣ ଅନେକ ପ୍ରତିକ୍ରିୟାର ସମ୍ମୁଖୀନ ହେବ କାରଣ ଆପଣ ଆପଣଙ୍କର ଦାୟିତ୍ୱ ନିର୍ବାହ କରିବାକୁ ମନା କରିବ। ଶାରୀରିକ ଶକ୍ତି କମ ରହିବ ଏବଂ ଆପଣ ମାନସିକ ଭାବରେ ପ୍ରତ୍ୟାଖ୍ୟାନ ଅନୁଭବ କରିବ। ଛାତ୍ରମାନେ ଅଧିକ ଜ୍ଞାନ ଆହରଣ କରିବାକୁ ଚେଷ୍ଟା କରିବେ।

**ବିଛା ରାଶି:** ଆପଣ ପରିବାର ସହିତ ଏହି ସପ୍ତାହରେ ଏକ ସ୍ଥାନକୁ ଯିବାକୁ ଯୋଜନା କରୁଛନ୍ତି। କେହି ଜଣେ ଆପଣଙ୍କୁ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଭାବରେ ତଳକୁ ଟାଣିବାକୁ ଚେଷ୍ଟା କରିବେ। ଆପଣ ହୁଏତ ନିକଟ ଅତୀତରେ ବିଭାଗ ସଂଗଠନରେ ଯୋଗ ଦେଇଛନ୍ତି ଏବଂ କେହି ଜଣେ ଈର୍ଷାପରାୟଣ ହୋଇ ଆପଣଙ୍କୁ ତଳକୁ ଟାଣିବା ପାଇଁ ଯୋଜନା କରିପାରନ୍ତି। ଆପଣ ଆର୍ଥିକ ସମସ୍ୟାର ସମ୍ମୁଖୀନ ନୁହଁନ୍ତି କିନ୍ତୁ ଖର୍ଚ୍ଚ ନିଶ୍ଚିତ ଭାବରେ ବୃଦ୍ଧି ପାଇବ। ଛାତ୍ରମାନଙ୍କର ଅଧ୍ୟୟନ ଅନୁସାରେ ସପ୍ତାହଟି ଭଲ ରହିବ।

**ଧନୁ ରାଶି:** ଏହି ସପ୍ତାହରେ ଏକ ପ୍ରେମ ସମ୍ପର୍କ ଗଢ଼ି ଉଠିପାରେ ଏବଂ ଆପଣ ଏହି ସପ୍ତାହରେ ଆପଣଙ୍କର ଭାବନା ପ୍ରକାଶ କରିପାରିବେ। ଏହି ସମୟ ସାମାଜିକ ଭାବରେ ଉପଭୋଗ କରିବେ। ବୃତ୍ତିଗତ ସଫଳତା ଆପଣଙ୍କ ପାଇଁ ନାମ ଏବଂ ଖ୍ୟାତି ଆଣିବ। ଆପଣ ଚାକିରି ସମ୍ବନ୍ଧୀୟ ଦାୟିତ୍ୱ ପାଇଁ ଦୂର ଦେଶକୁ ଯାତ୍ରା କରିପାରିବେ। ଏକ ସମ୍ପର୍କ ନିକଟତର ହେବ ଏବଂ ଆପଣ ବିଶେଷ ଭାବରେ ବିବାହିତ ଦମ୍ପତିଙ୍କ ପାଇଁ ଅଲଗା ହୋଇଯିବେ।

**ମକର ରାଶି:** ଆପଣ ଆପଣଙ୍କର ଯୋଗାଯୋଗ ଦକ୍ଷତା ଦ୍ୱାରା ସମସ୍ତଙ୍କୁ ଆକର୍ଷିତ କରିବେ। ଧୀରେ ଧୀରେ ସମସ୍ତଙ୍କ ସହିତ ସମ୍ପର୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ହେବ। ଅଧିକ ଚିନ୍ତା କରିବା ଯୋଗୁଁ ଆପଣଙ୍କୁ ମାନସିକ ଭାବରେ ପ୍ରଭାବିତ କରିବ। ଆପଣ କିଛି ବିଳମ୍ବ ସହିତ ଆର୍ଥିକ ପାଇବେ କିନ୍ତୁ ତାହା ଆପଣଙ୍କ ପାଇଁ ଭଲ ହେବ। ଆପଣଙ୍କର ଋଣ ମଞ୍ଜୁରୀ ମଧ୍ୟ ବିଳମ୍ବ ହୋଇପାରେ। ଛାତ୍ରମାନେ ଶିକ୍ଷାଗତ ଭାବରେ ବହୁତ ଭଲ ପ୍ରଦର୍ଶନ କରିବେ।

**କୁମ୍ଭ ରାଶି:** ବହୁତ ଦିନ ଧରି ଅପେକ୍ଷା କରିଥିବା କିଛି ଭଲ ଖବର ପାଇବେ, ଏହା ଆପଣଙ୍କ ଜୀବନସାଥୀ କିମ୍ବା ଗର୍ଭାବସ୍ଥା ସହିତ ଜଡିତ ହୋଇପାରେ। ଆର୍ଥିକ ଦୃଷ୍ଟିରୁ ଆପଣ ଭଲ ଅବସ୍ଥାରେ ରହିବେ। ବୃତ୍ତିଗତ ଭାବରେ ସଫଳତା ହେତୁଆପଣଙ୍କର ଖ୍ୟାତି ପାଇବେ।ଯଦି ଆପଣ ଫ୍ୟାଶନ୍ ବ୍ୟବସାୟରେ ଅଛନ୍ତି ତେବେ ଆପଣ ଧ୍ୟାନ ଆକର୍ଷଣ କରିବେ। ଛାତ୍ରମାନଙ୍କୁ ପ୍ରଦର୍ଶନପାଇଁ ଏକ ଚାପ ଆବଶ୍ୟକ ହେବ। ଆପଣ ଯାତ୍ରା କରିବାର ମନୋଭାବରେ ରହିବେ କିନ୍ତୁ ଆପଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ହେତୁ କରିପାରିବେ ନାହିଁ।

**ମୀନ ରାଶି:** ବୃତ୍ତିଗତ ଜୀବନ ପ୍ରତିଯୋଗିତାରେ ପରିପୂର୍ଣ୍ଣ ରହିବ ଯାହା ଆପଣଙ୍କୁ ବୃଦ୍ଧି ପାଇଁ ଶିଖିବାକୁ ପଡିବ। ଆପଣ ଜୀବନର ଯେକୌଣସି କ୍ଷେତ୍ର ସହିତ ଜଡିତ ଅନେକ ଦାୟିତ୍ୱ ବିଷୟରେ ଚିନ୍ତା କରୁଛନ୍ତି। ଉଚ୍ଚ ରକ୍ତଚାପ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେବେ ଏବଂ ସମୟ ଅଧିକ ରହିବ। ଆପଣ ଏହି ସପ୍ତାହରେ ବିବାହ କରିପାରିବେ କିମ୍ବା କାହାର ବିବାହ ହାସଲ କରିପାରିବେ। ଛାତ୍ରମାନଙ୍କର ଧ୍ୟାନ ଏବଂ ଆଗ୍ରହର ଅଭାବ ରହିବ। ଆର୍ଥିକ ଦୃଷ୍ଟିରୁ ଜିନିଷଗୁଡ଼ିକ ମଧ୍ୟମ ଭଲ ରହିବ।

## ପ୍ରମୁଖ ଖବର ଏ ସପ୍ତାହର

- ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଚେତାବନୀ ପରେ ଭୁବନେଶ୍ୱର ବିମାନ ବନ୍ଦରରେ ଥର୍ମାଲ ସ୍କ୍ରିନିଂ କଡ଼ାକଡ଼ି କରାଯାଇଛି । ବିଦେଶରୁ ଫେରୁଥିବା ଯାତ୍ରୀଙ୍କ ଉପରେ ନଜର ରଖାଯାଇଛି।
- ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ଆଗାମୀ ଦିନ ପାଇଁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କେତେକ ଜିଲ୍ଲାକୁ ହଟ୍‌ୱେଭ୍ ବା ଗ୍ରୀଷ୍ମ ପ୍ରବାହ ପାଇଁ ସତର୍କ ସୂଚନା ଜାରି ।
- ରାଜ୍ୟରେ ପେଟ୍ରୋଲ ଏବଂ ଡିଜେଲ ଦରରେ ସାମାନ୍ୟ ବୃଦ୍ଧି ଘଟିଛି। ଭୁବନେଶ୍ୱରରେ ପେଟ୍ରୋଲ ଦର ଲିଟର ପିଛା ୧୦୬ ଟଙ୍କା ଅତିକ୍ରମ କରିଛି।
- ପୁରୁଣାଗଡ଼ଠାରେ ଖନନ ସମୟରେ ଏକ ପ୍ରାଚୀନ ସହର ଓ ଲୁହା କାରଖାନାର ଅବଶେଷ ମିଳିଛି, ଯାହା ଓଡ଼ିଶାର ଇତିହାସ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।
- ଓଡ଼ିଶାର ସ୍ପ୍ରିଣ୍ଟର ଅନିମେଶ କୁଜୁର ୧୦୦ ମିଟର ଦୌଡ଼ରେ ଜାତୀୟ ରେକର୍ଡ କରି କମନୱେଲଥ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।
- ଗଞ୍ଜାମ ଜିଲ୍ଲାରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୬ ଜଣଙ୍କ ମୃତ।
- ଭୁବନେଶ୍ୱରରେ ବେଆଇନ ବାଲି ଖନନ ଅଭିଯୋଗରେ ପ୍ରାୟ ୩୦ଟି ଗାଡ଼ି ଜବତ ।
- ନିଟ୍ (ୟୁଜି) ୨୦୨୬ ପରୀକ୍ଷାକୁ ନେଇ ଚାଲିଥିବା ବିବାଦ ମଧ୍ୟରେ, ଏନଟିଏ ପକ୍ଷରୁ ପରୀକ୍ଷା ଫି' ଫେରସ୍ତ ପାଇଁ ଏକ ପୋର୍ଟାଲ ଆରମ୍ଭ
- ରାଉରକେଲାର ରହମତ ନଗର ଅଞ୍ଚଳରେ ନିଶା କାରବାର ବିରୋଧରେ ପୋଲିସ ଏକ ବଡ଼ ଧରଣର ସର୍ଚ୍ଚ ଅପରେସନ କରି କିଛି ସନ୍ଦିଗ୍ଧଙ୍କୁ ଅଟକ ରଖିଛି।
- ଭୁବନେଶ୍ୱରରେ ଅଗ୍ନିଶମ ବାହିନୀ ପକ୍ଷରୁ ଏକ ବିଶାଳ ଅଜଗର ସାପକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।
- ବିଜେଡି ଓ କଂଗ୍ରେସ ମଧ୍ୟରେ କିଛି ଆସନରେ ସମୀକରଣ ବଦଳୁଥିବା ନେଇ ଚର୍ଚ୍ଚା ଜୋର ଧରିଛି।

# ସଠିକ ସମାଚାର ଓ ନିଷ୍ପତ୍ତି ପରିବାର ପକ୍ଷରୁ ଅନ୍ତର୍ଜାତୀୟ ଚା' ଦିବସ ପାଳିତ

ଭୁବନେଶ୍ୱର, ୨୩/୦୫ (ଜେଏନ୍‌ଏସ୍) : 'ସଠିକ ସମାଚାର' ଓ 'ନିଷ୍ପତ୍ତି ପରିବାର' ଏବଂ ସିଲ୍କ ସିଟି ରିଅଲ ଇଷ୍ଟେଟ୍ ପ୍ରଯୋଜନା ସଂସ୍ଥା ପକ୍ଷରୁ ଆଜି ଅନ୍ତର୍ଜାତୀୟ ଚା' ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଜୟଦେବ ଭବନ ସମ୍ମୁଖସ୍ଥ ପଡ଼ିଆଠାରେ ଭୁବନେଶ୍ୱରର ବଛା ବଛା ଚା ଦୋକାନୀମାନଙ୍କୁ ନେଇ ଏକ ଚା'ଆସର ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଚା'ପ୍ରେମୀ ଓ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇ ଚା' ପାନୀୟର ମଜା ନେଇଥିଲେ। ବରିଷ୍ଠ ସାମ୍ବାଦିକ ରବି ଦାସ ପ୍ରଥମେ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ,ସାମ୍ବାଦିକ ପ୍ରଫୁଲ୍ଲ ଚନ୍ଦ୍ର ଦାସ,କଳିଙ୍ଗ ସେନା ମୁଖ୍ୟ ହେମନ୍ତ ରଥ, ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ମନୋରଞ୍ଜନ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଆର୍ତ୍ତବନ୍ଧୁ ସାମନ୍ତରାୟ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ମନୋଜ କୁମାର ଦାସ, ସମାଜସେବୀ ମମତା ମଲ୍ଲିକ, କଂଗ୍ରେସ ନେତ୍ରୀ ଜୟସ୍ମିତା ମହାନ୍ତି, ସୁଶାନ୍ତ ନାହାକ, ସରୋଜ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହା ପରେ ଦ୍ୱିତୀୟ ପର୍ଯ୍ୟାୟରେ ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପ୍ରଫେସର ପୃଥ୍ୱୀରାଜ ହରିଚନ୍ଦନ, ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ, ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ସାମ୍ବାଦିକ ଗିରିଜା ଶଙ୍କର ଦାସ,ସାମ୍ବାଦିକ ରବି ଦାସ,ପ୍ରସନ ମହାନ୍ତି, ହେତୁବାଦୀ ତଥା ଶ୍ରମିକ ନେତା ପ୍ରଫୁଲ୍ଲ ସମାନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।






କାର୍ଯ୍ୟକ୍ରମ ପ୍ରାରମ୍ଭରେ ସାମ୍ବାଦିକ ପ୍ରମୋଦ ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିବା ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହା ପରେ ଆୟୋଜକ ସଠିକ ସମାଚାରର ମୁଖ୍ୟ ସତ୍ୟଜିତ ରାୟ ଚୌଧୁରୀ 'ଅନ୍ତର୍ଜାତୀୟ ଚା ଦିବସ'ରେ ଚା କେବଳ ଏକ ପାନୀୟ ନୁହେଁ, ଏହା ହେଉଛି ଭାଇଚାରା ଓ ସାମାଜିକତାର ପ୍ରତୀକ। ଚା' କପ୍ ?ରେ ଯେମିତି ସମାଜର ଚର୍ଚ୍ଚା ହୁଏ, ଠିକ୍ ସେହିପରି ଏକ ସୁସ୍ଥ ସମାଜ ଗଠନ ପାଇଁ ସଠିକ୍ ଖବରର ମଧ୍ୟ ଆବଶ୍ୟକତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

ଏହି ଶୁଭ ଅବସରରେ 'ବିଶ୍ୱ ଖବର' ପାକ୍ଷିକ ପତ୍ରିକା ଏବଂ ଏହାର ଡିଜିଟାଲ ଚାନେଲ ଲୋକାର୍ପିତ ହୋଇଥିଲା । ଖବର କହିଲେ କେବଳ ସୂଚନା ନୁହେଁ, ଏହା ସତ୍ୟର ଆଇନା ହେବା ଉଚିତ୍। ମୋର ବିଶ୍ୱାସ, 'ବିଶ୍ୱ ଖବର' କେବଳ ଘଟଣାକୁ ପରିବେଷଣ କରିବ ନାହିଁ, ବରଂ ଜନସାଧାରଣଙ୍କ ସ୍ୱର ସାଜିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହା ପରେ ଚା ଦିବସ ଅବସରରେ ଯୋଗ ଦେଇଥିବା ଚା ବିକ୍ରେତା ଓ ଚାରି ଜଣ ଭିନ୍ନକ୍ଷମ ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଶ୍ୱ ଖବରର ସହ ସମ୍ପାଦକ ବିଶ୍ୱଜିତ ରାୟ ଚୌଧୁରୀ,ପ୍ରଦ୍ୟୁମ୍ନ ମହାନ୍ତି, ଜୟକୃଷ୍ଣ ଶତପଥୀ, ପ୍ରିୟବ୍ରତ ଶତପଥୀ, ବିଶ୍ୱଜିତ ସାମଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# 'ମା ବେହନ' ଫିଲ୍ମ ଟ୍ରେଲର ରିଲିଜ

ମୁମ୍ବାଇ, ୨୩/୦୫ : ମାଧୁରୀ ଦୀକ୍ଷିତଙ୍କ ଅଭିନୀତ ଫିଲ୍ମ ମା ବେହେନ ର ଟ୍ରେଲର ରିଲିଜ୍ ହୋଇଛି । ଏହି କ୍ରାଇମ୍, କମେଡି ଓ ଡ୍ରାମାର କାହାଣୀରେ ମାଧୁରୀଙ୍କ ସମେତ ତୃପ୍ତି ଡିମରି ମଧ୍ୟ ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି । ଏହି କାହାଣୀ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ନେଇ ଆଧାରିତ । ଆଦର୍ଶ କଲୋନୀରେ ଅବସ୍ଥିତ, ମା ବେହେନ ର କାହାଣୀ ରେଖା, ଜୟା ଏବଂ ସୁଷମାଙ୍କୁ ନେଇ ରହିଛି । ରେଖା ଭୂମିକାରେ ମାଧୁରୀ, ଜୟା ଭୂମିକାରେ ତୃପ୍ତି ନଜର ଆସିଛନ୍ତି । ଏକ ଅକର୍ମଣ୍ୟ ମା ଏବଂ ତାର ଦୁଇ ଝିଅ, ଯେଉଁମାନେ କୌଣସି ପ୍ରକାରେ ଏକ ମୃତ ଦେହ ସହିତ ଜଡିତ ଏକ ମାମଲାରେ ଫସି ଯାଇଛନ୍ତି ଏବଂ ତାପରେ ପରିସ୍ଥିତି ଆହୁରି ଜଟିଳ ହୋଇପଡିଛି । ଯେଉଁଥି ପାଇଁ ପଡ଼ୋଶୀମାନେ ମଧ୍ୟ ସେମାନଙ୍କୁ ସନ୍ଦେହ କରିବାକୁ ଲାଗନ୍ତି । ଯେପରି ସେମାନେ କିଛି ଲୁଚାଉଛନ୍ତି । ଟ୍ରେଲରରେ ଡ୍ରାମା ଏବଂ କମେଡି ମଧ୍ୟ ଦେଖିବାକୁ ମିଳିଛି । ପରିବାରରେ ଅନେକ ଝଗଡା ସତ୍ତ୍ୱେ




ସେମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଦର୍ଶାଯାଇଛି । ଏହି ଫିଲ୍ମଟି ଓପନିଂ ଇମେଜ୍ ଫିଲ୍ମସ୍ ସହିତ ଅବଣ୍ଡାଣ୍ଟିଆ ଏଣ୍ଟରଟେନମେଣ୍ଟ ଦ୍ୱାରା ନିର୍ମିତ ଏବଂ ସୁରେଶ ତ୍ରିବେଣୀଙ୍କ ଦ୍ୱାରା ନିର୍ଦ୍ଦେଶିତ।

ଫିଲ୍ମ ବିଷୟରେ ନିର୍ଦ୍ଦେଶକ ସୁରେଶ ତ୍ରିବେଣୀ କହିଛନ୍ତି ଯେ, "ମା ବେହେନ ସହିତ, ଆମେ ଏକ ବାସ୍ତବବାଦୀ ଏବଂ ଅତ୍ୟନ୍ତ ମନୋରଞ୍ଜନକାରୀ କାହାଣୀ କରିବାକୁ ଚାହୁଁଥିଲୁ । ଯେଉଁଥିରେ କଳାକାରଙ୍କ ଚମତ୍କାର ଅଭିନୟ ଦେଖିବାକୁ ମିଳିଛି । ଫିଲ୍ମଟି ଏକ ପରିବାରର କାହାଣୀ ଯେଉଁଥିରେ ମା, ରେଖା ଏବଂ ତାଙ୍କର ଦୁଇ ଝିଅ, ଜୟା ଏବଂ ସୁଷମା ଅଛନ୍ତି । ଯେଉଁମାନେ ସବୁବେଳେ ପରସ୍ପର ସହିତ ଝଗଡା କରନ୍ତି । ପ୍ରତ୍ୟେକ ଚରିତ୍ରର ସ୍ୱତନ୍ତ୍ର କାହାଣୀ ରହିଛି ।

ଯଦି ଷ୍ଟାରକାଷ୍ଟ ବିଷୟରେ କୁହାଯାଏ ତେବେ ଏଥିରେ ମାଧୁରୀ, ତୃପ୍ତି, ଧାରଣା, ରବି, ଗୀତାଞ୍ଜଳି, ଅରୁଣୋଦୟ ଏବଂ ଶାର୍ଦ୍ଦୁଳ ଭଳି ପ୍ରତିଭା ବିଶିଷ୍ଟ କଳାକାର ନଜର ଆସିବେ । ଯାହା ଜୁନ୍ ୪ରେ ନେଟଫ୍ଲିକ୍ସରେ ରିଲିଜ ହେବ ।

## ବେଙ୍ଗାଲୁରୁକୁ ୫୫ ରନରେ ହରାଇ ହାଇଦ୍ରାବାଦ ବିଜୟୀ

ମୁମ୍ବାଇ, ୨୩/୦୫ : ଆଇପିଏଲରେ ୫୫ରନରେ ବେଙ୍ଗାଲୁରୁକୁ ହରାଇ ହାଇଦ୍ରାବାଦ ବିଜୟୀ । ପ୍ରଥମେ ବ୍ୟାଟିଂ କରି ସନରାଇଜର୍ସ ହାଇଦ୍ରାବାଦ ୪ ଉ୍ୱିକେଟ ହରାଇ ୨୫୫ ରନ କରିଥିଲା। ଇଶାନ କିସାନ ୪୬ ବଲ ଖେଳି ସର୍ବାଧିକ ୭୯ ରନ କରିଥିଲା । ଅଭିଷେକ ଶର୍ମା ୨୨ ବଲ ଖେଳି ୫୬ ରନ ଯୋଡି ପାରିଥିଲେ। ୨୫୬ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ । ୨୦ ଓଭରରେ ୪ ଉ୍ୱିକେଟ ହରାଇ ୨୦୦ ରନ୍ କରିଥିଲା। ଭେଙ୍କଟେଶ ଆୟର ୪୪ ରନ୍ କରିଥିଲେ। ସେ ୧୯ ବଲ୍ ଖେଳି ୪ ଚୌକା ଓ ୪ ଛକା ମାରିଥିଲେ। ବିରାଟ କୋହଲି ୧୧ ବଲ୍ ଖେଳି ୨ଟି ଚୌକା ସହାୟତାରେ ୧୫ ରନ୍ କରିଥିଲେ। ଦେବଦୂତ୍ତ ପଡ୍ଡିକଲ ୧୪ଟି ବଲ୍‌ରୁ ୨ଟି ଚୌକା ଓ ଗୋଟିଏ ଛକା ବଲରେ ୨୧ ରନ୍ କରିଥିଲେ।

# ଆଇପିଏଲ୍‌ରେ ଗୁଜୁରାଟର ଐତିହାସିକ ବିଜୟ, ପ୍ଲେ-ଅଫ୍‌ରୁ ବିଦା ସିଏସ୍‌କେ

ମୁମ୍ବାଇ, ୨୩/୦୫ : ଟପ୍ ଅର୍ଡର ବ୍ୟାଟରଙ୍କ ବିସ୍ଫୋରକ ଇନିଂସ ପରେ ବୋଲରଙ୍କ ଘାତକ ବୋଲିଂ। ଆଇପିଏଲ୍ ୨୦୨୬ରେ ନିଜର ଶେଷ ଲିଗ ମ୍ୟାଚରେ ଗୁଜରାଟ ଟାଇଟନ୍ସ ୮୯ ରନରେ ଚେନ୍ନାଇ ସୁପର କିଙ୍ଗ୍ସକୁ ହରାଇଛି। ଏହି ପରାଜୟ ସହ ଚେନ୍ନାଇ ପ୍ଲେ ଅଫରୁ ବାଦ୍ ପଡ଼ିଥିବା ବେଳେ ଗୁଜରାଟ ଦ୍ୱିତୀୟ ସ୍ଥାନରେ ନିଜର ସ୍ଥିତି ମଜବୁତ କରି ପାରିଛି। ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ସାଇ ସୁଦର୍ଶନଙ୍କ ୮୪ ରନ, ଶୁଭମନ ଗିଲଙ୍କ ୬୪ ରନ ଓ ଜୋସ ବଟଲରଙ୍କ ୫୭ ରନ ବଲରେ ୪ ଉ୍ୱିକେଟ୍ ହରାଇ ୨୨୯ ରନର ବିଶାଳ ସ୍କୋର କରିଥିଲା।

ଟପ୍ ଅର୍ଡର ବ୍ୟାଟରଙ୍କ ବିସ୍ଫୋରକ ଇନିଂସ ପରେ ବୋଲରଙ୍କ ଘାତକ ବୋଲିଂ। ଆଇପିଏଲ୍ ୨୦୨୬ରେ ନିଜର ଶେଷ ଲିଗ ମ୍ୟାଚରେ ଗୁଜରାଟ ଟାଇଟନ୍ସ ୮୯ ରନରେ ଚେନ୍ନାଇ ସୁପର କିଙ୍ଗ୍ସକୁ ହରାଇଛି। ଏହି ପରାଜୟ ସହ ଚେନ୍ନାଇ ପ୍ଲେ ଅଫରୁ ବାଦ୍ ପଡ଼ିଥିବା ବେଳେ ଗୁଜରାଟ ଦ୍ୱିତୀୟ ସ୍ଥାନରେ ନିଜର ସ୍ଥିତି ମଜବୁତ କରି ପାରିଛି। ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ସାଇ ସୁଦର୍ଶନଙ୍କ ୮୪ ରନ, ଶୁଭମନ ଗିଲଙ୍କ ୬୪ ରନ ଓ ଜୋସ ବଟଲରଙ୍କ ୫୭ ରନ ବଲରେ ୪ ଉ୍ୱିକେଟ୍ ହରାଇ ୨୨୯ ରନର ବିଶାଳ ସ୍କୋର କରିଥିଲା।



ଜବାବରେ ଚେନ୍ନାଇ ଜିଟି ବୋଲରଙ୍କ ଘାତକ ବୋଲିଂର ମୁକାବିଲା କରି ନ ପାରି ୧୩.୪ ଓଭରରେ ୧୪୦ ରନରେ ଅଲଆଉଟ୍ ହୋଇଛି। ଏହି ଶୋଚନୀୟ ପରାଜୟ ସହ ଚେନ୍ନାଇ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛି। ବୋଲିଂରେ ମହମ୍ମଦ ସିରାଜ, ରଶିଦ ଖାନ ଓ କାଗିସୋ ରାବଡ଼ା ପ୍ରତ୍ୟେକ ୩ଟି ଲେଖାଏଁ ଉ୍ୱିକେଟ୍ ନେଇ ଦଳକୁ ସହଜ ବିଜୟ ଦେଇଛନ୍ତି। ଗୁଜୁରାଟ ପକ୍ଷରୁ ମିଳିଥିବା ୨୩୦ ରନ୍‌ର ଏକ ବିଶାଳ ବିଜୟ ଲକ୍ଷ୍ୟକୁ ପିଛା କରି ଚେନ୍ନାଇ ସୁପର କିଙ୍ଗ୍ସ ଆରମ୍ଭରୁ ହିଁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଜିଟି ବୋଲରଙ୍କ ଧାରୁଆ ବୋଲିଂ ଆଗରେ ସିଏସକେ ମାତ୍ର ୧୩.୪ ଓଭରରେ ସମସ୍ତ ଉ୍ୱିକେଟ୍ ହରାଇ ୧୪୦ ରନ୍ କରିବାକୁ ସକ୍ଷମ ହୋଇଥିଲା। ୭ମ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ଶିବମ ଦୁବେ ଦଳ ପାଇଁ ସର୍ବାଧିକ ୪୭ ରନ୍ (୧୭ ବଲ୍) ର ଏକ ବିସ୍ଫୋରକ ପାଳି ଖେଳିଥିଲେ ମଧ୍ୟ ଦଳକୁ ଜିତାଇ ପାରିନଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର୍ ମ୍ୟାଥ୍ୟୁ ସର୍ଟ ୧୪ ବଲ୍‌ରୁ ୨୪ ରନ୍ କରିଥିବା ବେଳେ କାର୍ତ୍ତିକ ଶର୍ମା ଏବଂ ଅଂଶୁଲ କାମ୍ବୋଜ ଯଥାକ୍ରମେ ୧୯ ରନ୍ ଲେଖାଏଁ କରିଥିଲେ। ଦଳର ବାକି ବ୍ୟାଟରମାନେ ଗୁଜୁରାଟର ବୋଲିଂ ଆଗରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିଥିଲେ।

ସିରାଜ, ରାବଡା ଓ ରାଶିଦଙ୍କ ଘାତକ ବୋଲିଂ : ଚେନ୍ନାଇର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିବାରେ ଗୁଜୁରାଟର ତିନି ପ୍ରମୁଖ ବୋଲର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ମହମ୍ମଦ ସିରାଜ, କାଗିସୋ ରାବଡା ଏବଂ ରାଶିଦ ଖାନ୍ ଘାତକ ବୋଲିଂ କରି ସିଏସକେର ୩ଟି ଲେଖାଏଁ ଉ୍ୱିକେଟ୍ ଚଟକାଇଥିଲେ। ବୋଲିଂ ବ୍ୟତୀତ ଗୁଜୁରାଟ କ୍ୟାପଟେନ ଶୁବମନ ଗିଲ୍ ଚମତ୍କାର ଫିଲ୍‌ଡିଂ କରି କାର୍ତ୍ତିକ ଶର୍ମାଙ୍କୁ ରନ୍ ଆଉଟ୍ କରି ପାଭିଲିୟନ ପଠାଇଥିଲେ।

ୟ ଗୁଜରାଟ ଇନିଂସ : ଏହାପୂର୍ବରୁ ଅହମ୍ମଦାବାଦରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଓହ୍ଲାଇଥିବା ଗୁଜୁରାଟ ଟାଇଟନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୪ ଉ୍ୱିକେଟ୍ ହରାଇ ୨୨୯ ରନ୍‌ର ଏକ ବିଶାଳ ସ୍କୋର ଛିଡ଼ା କରିଥିଲା। ଦଳ ପକ୍ଷରୁ ଓପନର୍ ସାଇ ସୁଦର୍ଶନ ଚମତ୍କାର ବ୍ୟାଟିଂ କରି ୫୩ ବଲ୍‌ରୁ ସର୍ବାଧିକ ୮୪ ରନ୍‌ର ଏକ ଦମଦାର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟପଟେ କ୍ୟାପଟେନ ଶୁବମନ ଗିଲ୍ ମଧ୍ୟ ଅଧିନାୟକତ୍ୱ ପାଳି ଖେଳି ୩ ବଲ୍‌ରୁ ୬୪ ରନ୍ ସଂଗ୍ରହ କରିଥିଲେ। ଶେଷ ଆଡ଼କୁ ଜୋସ୍ ବଟଲର୍ ମାତ୍ର ୨୭ ବଲ୍ ?ରୁ ୫୭ ରନ୍‌ର ଏକ ବିସ୍ଫୋରକ ଅପରାଜିତ ପାଳି ଖେଳି ଦଳର ସ୍କୋରକୁ ୨୨୦ ପାର୍ କରାଇଥିଲେ। ଗୁଜୁରାଟର ଏହି ସାମୂହିକ ପ୍ରଦର୍ଶନ ଆଗରେ ଚେନ୍ନାଇ ସମ୍ପୂର୍ଣ୍ଣ ବିବଶ ନଜର ଆସିଥିଲା।

# ୩୦ ଦିନରେ ୩୦ ହଜାର ବିବାହ ପ୍ରସ୍ତାବ

ମୁମ୍ବାଇ, ୨୩/୦୫ : ବଲିଉଡରେ ପ୍ରତିବର୍ଷ ଅନେକ ଷ୍ଟାର୍ ଏଣ୍ଟ୍ରି କରନ୍ତି, କିନ୍ତୁ କେତେଜଣ ତାଙ୍କର ପ୍ରଥମ ଫିଲ୍ମ ସହିତ ଇତିହାସ ରଚିଥାନ୍ତି । ଏମିତି ଏକ ସମୟ ୨୦୦୦ ମସିହାରେ ଆସିଥିଲା, ଯେତେବେଳେ ଜଣେ ନୂଆ ଅଭିନେତା ବଡ଼ ପରଦାରେ ପାଦ ଦେଇଥିଲେ । ତାଙ୍କର ଚମତ୍କାର ହସ, ନୃତ୍ୟ ଏବଂ ଉତ୍କୃଷ୍ଟ ଅଭିନୟ ସହିତ, ସେ ରାତାରାତି ଦେଶର ସବୁଠାରୁ ବଡ଼ ନ୍ୟାସନାଲ୍ କ୍ରଶ ହୋଇଗଲେ । ଆମେ ଏଠି ଯେଉଁ ଷ୍ଟାରଙ୍କ ବିଷୟରେ କହୁଛୁ ତାଙ୍କ ନାଁ ହେଉଛି- ହ୍ରିତିକ ରୋଶନ ।ଯିଏ ୨୦୦୦ ମସିହାରେ କାହୋ ନା ଛ ପ୍ୟାର୍ ହେଁ ! ଫିଲ୍ମ ସହିତ ବଲିଉଡରେ ଡେବ୍ୟୁ କରିଥିଲେ । ଫିଲ୍ମଟି ରିଲିଜ୍ ହେବା ମାତ୍ରେ, ହ୍ରିତିକ୍ ତାଙ୍କର ଚମତ୍କାର ଅଭିନୟ, ଷ୍ଟାଇଲ୍ ଡ୍ୟାନ୍ସ ଏବଂ ଲୁକ୍ ପାଇଁ ବହୁତ ପପୁଲାର ହୋଇଗଲେ । ହ୍ରିତିକ୍ ନିଜେ ଦ କପିଲ ଶର୍ମା ଶୋ ରେ ପ୍ରକାଶ କରିଥିଲେ ଯେ ତାଙ୍କ ଡେବ୍ୟୁ ଫିଲ୍ମର ସଫଳତା ପରେ, ତାଙ୍କୁ ଝିଅଙ୍କଠାରୁ ପ୍ରାୟ ୩୦,୦୦୦ ବିବାହ ପ୍ରସ୍ତାବ ମିଳିଥିଲା ।



ଫିଲ୍ମରେ ହ୍ରିତିକଙ୍କ ଡବଲ୍ ରୋଲ୍, ତାଙ୍କର ଚମତ୍କାର ବ୍ୟକ୍ତିତ୍ୱ ଏବଂ ରୋମାଣ୍ଟିକ୍ ଷ୍ଟାଇଲ୍ ଝିଅମାନଙ୍କୁ ପାଗଳ କରିଥିଲା । ଏହି ବ୍ଲକବଷ୍ଟର ରୋମାଣ୍ଟିକ-ଡ୍ରାମା ଫିଲ୍ମଟି ହ୍ରିତିକଙ୍କ ପିତା ଏବଂ ପ୍ରସିଦ୍ଧ ନିର୍ଦ୍ଦେଶକ ରାକେଶ ରୋଶନଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିଲା । ଏହି ଫିଲ୍ମଟି କେବଳ ହ୍ରିତିକଙ୍କ ନୁହେଁ ବରଂ ଅଭିନେତ୍ରୀ ଅମୀଷା ପଟେଲଙ୍କ ବଲିଉଡ ଡେବ୍ୟୁ କରିଥିଲା ଏବଂ ଏହି ଯୋଡ଼ି ସୁପରହିଟ୍ ମଧ୍ୟ ହୋଇଥିଲା । କହୋ ନାଛ ପ୍ୟାର ହେଁ ବକ୍ସ ଅଫିସରେ ୮୦ କୋଟିରୁ ଅଧିକ ରୋଜଗାର କରିଥିଲା ଏବଂ ସର୍ବାଧିକ ସଂଖ୍ୟକ ପୁରସ୍କାର ଜିତିବା ପରେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସରେ ରେକର୍ଡ ହୋଇଥିଲା । ଲକ୍ଷ ଲକ୍ଷ ଝିଅଙ୍କ ହୃଦୟ ଭାଙ୍ଗି, ହ୍ରିତିକ୍ ତାଙ୍କ ପିଲାଦିନର ବନ୍ଧୁ ସୁସାନ ଖାନଙ୍କୁ ୨୦ ଡିସେମ୍ବର ୨୦୦୦ରେ ବିବାହ କରିଥିଲେ, ଯାହାଙ୍କ ସହିତ ତାଙ୍କର ଦୁଇଟି ପୁଅ- ହ୍ରେହାନ ଏବଂ ହୃଧାନ ଅଛନ୍ତି । ୨୦୧୪ ମସିହାରେ ସୁସାନଙ୍କ ଠାରୁ ଛାଡପତ୍ର ପରେ ମଧ୍ୟ, ଦୁହେଁ ଭଲ ବନ୍ଧୁ ପରି ଏକାଠି ସେମାନଙ୍କ ପିଲାମାନଙ୍କୁ ପାଳନ ପୋଷଣ କରୁଛନ୍ତି । ବର୍ତ୍ତମାନ, ହ୍ରିତିକ୍ ଅଭିନେତ୍ରୀ ସବା ଆଜାଦଙ୍କ ସହ ସମ୍ପର୍କରେ ଅଛନ୍ତି, ତାଙ୍କର ବହୁ ଫେମସ୍ ଫିଲ୍ମ କ୍ରିଶ୍ ୪- ୨୦୨୭ ମସିହାରେ ରିଲିଜ୍ ହେବାକୁ ପ୍ରସ୍ତୁତ ହେଉଛି ।

## କଥା ସ୍ୱାଭିମାନର ବିଚାର ଆପଣଙ୍କର..

# 'ପ୍ରଧାନ ମନ୍ତ୍ରୀ ନେହୁରୁ ଓ ମୋଦି ସରକାର'



ଶାରଦା ପ୍ରସନ୍ନ ସ୍ୱାଇଁ

ଜବାହରଲାଲ ନେହେରୁ ଏବଂ ନରେନ୍ଦ୍ର ମୋଦି ଉଭୟ ନିଜ ନିଜ ସମୟରେ ଭାରତ ପାଇଁ ଦୁଇଜଣ ଅତ୍ୟନ୍ତ ପ୍ରଭାବଶାଳୀ ଏବଂ ଶକ୍ତିଶାଳୀ ପ୍ରଧାନମନ୍ତ୍ରୀ ଅଟନ୍ତି। ଏହି ଦୁଇ ନେତାଙ୍କ ମଧ୍ୟରୁ 'କିଏ ସବୁଠାରୁ ଭଲ' ତାହା ସିଧାସଳଖ କହିବା ସହଜ ନୁହେଁ, କାରଣ ଉଭୟ ସମ୍ପୂର୍ଣ୍ଣ ଭିନ୍ନ ସମୟ ଏବଂ ଭିନ୍ନ ପରିସ୍ଥିତିରେ ଦେଶର ନେତୃତ୍ୱ ନେଇଥିଲେ।

ଏହି ଦୁଇ ନେତାଙ୍କ ଶ୍ରେଷ୍ଠତାକୁ ବୁଝିବା ପାଇଁ ସେମାନଙ୍କ ସମୟର ପରିସ୍ଥିତିକୁ ଦେଖିବାକୁ ହେବ। ୨୦୦ ବର୍ଷର ବ୍ରିଟିଶ ଶାସନ ପରେ ଭାରତ ଭାଙ୍ଗି ଯାଇଥିଲା। ସେହି ସମୟରେ ଗରିବୀ ଏବଂ ଅଶିକ୍ଷା ମଧ୍ୟରେ ଦେଶକୁ ଏକାଠି ରଖିବା ଏବଂ ଗଣତନ୍ତ୍ରକୁ ବଞ୍ଚାଇ ରଖିବା ନେହେରୁଙ୍କ ସବୁଠାରୁ ବଡ଼ ସଫଳତା ଥିଲା।

ସେହି ଗରିବ ସମୟରେ ମଧ୍ୟ ସେ ଇସ୍ପାତ କାରଖାନା, ବଡ଼ ଡ୍ୟାମ୍, ଏବଂ ଆଇଆଇଟି, ଆଇଆଇଏମ ଭଳି ସଂସ୍ଥା ଗଠନ କରି ଭବିଷ୍ୟତ ଭାରତର ମୂଳଦୁଆ ପକାଇଥିଲେ। ମୋଦିଙ୍କ ସମୟରେ ଭାରତ ବିଶ୍ୱର ୫ମ ବୃହତ୍ତମ ଅର୍ଥନୀତି ହୋଇପାରିଛି। ଡିଜିଟାଲ ବିପ୍ଲବ, ଦ୍ରୁତ ଭିତ୍ତିଭୂମି ବିକାଶ ଏବଂ ସିଧାସଳଖ ଗରିବ କଲ୍ୟାଣ ଯୋଜନା ମାଧ୍ୟମରେ ସେ ଦେଶର କାର୍ଯ୍ୟଶୈଳୀକୁ ବଦଳାଇ ଦେଇଛନ୍ତି।

ଆଜିର ସମୟରେ ଭାରତ ବିଶ୍ୱର ଯେକୌଣସି ବଡ଼ ନିଷ୍ପତ୍ତିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଦେଶର ସୁରକ୍ଷା ନୀତି ପୂର୍ବ ଅପେକ୍ଷା ଅଧିକ ଦୃଢ଼ ହୋଇଛି।

ନେହେରୁ ଥିଲେ ଆଧୁନିକ ଭାରତର 'ଭିତ୍ତିଭୂମି ସ୍ଥାପନକାରୀ', ଯିଏ ଦେଶକୁ ଗଢ଼ିଥିଲେ। ମୋଦି ହେଉଛନ୍ତି ଭାରତକୁ ବିଶ୍ୱସ୍ତରରେ ଏକ ମହାଶକ୍ତି ଭାବେ ଉଭା କରିଥିବା 'ଆଧୁନିକୀକରଣକାରୀ' । ଜଣେ ନେତା ଭାବେ ଉଭୟଙ୍କର କିଛି ଦୁର୍ବଳତା ମଧ୍ୟ ଥିଲା। ଯେପରି ନେହେରୁଙ୍କ ସମୟରେ ୧୯୬୨ ଚୀନ୍ ଯୁଦ୍ଧ ଏକ ବଡ଼ ବିଫଳତା ଥିଲା, ସେହିପରି ମୋଦିଙ୍କ ସମୟରେ ବେକାରୀ ସମସ୍ୟା ଏବଂ ଆର୍ଥିକ ଅସମାନତାକୁ ନେଇ ସମାଲୋଚନା କରାଯାଏ। ତେଣୁ, ଆପଣଙ୍କ ନଜରରେ ଦେଶ ପାଇଁ କେଉଁ କାମଟି ଅଧିକ ଗୁରୁତ୍ୱପୂର୍ଣ୍ଣ — ଦେଶର ମୂଳଦୁଆ ଗଠନ ନା ଆଧୁନିକ ବିଶ୍ୱରେ ଦେଶର ବିକାଶ, ତାହା ଉପରେ ହିଁ ନିର୍ଭର କରେ କିଏ ସବୁଠାରୁ ଭଲ ନେତା। ଆପଣ ଏହି ଦୁଇ ନେତାଙ୍କ ମଧ୍ୟରୁ କାହାର କାର୍ଯ୍ୟଶୈଳୀ କିମ୍ବା କୌଣସି ବିଶେଷ ନିଷ୍ପତ୍ତି ବିଷୟରେ ଅଧିକ ଆଲୋଚନା କରିବାକୁ ଚାହାଁନ୍ତି କି ?

ଜବାହରଲାଲ ନେହେରୁ ଏଭଳି ପ୍ରଧାନମନ୍ତ୍ରୀ ଥିଲେ ଯେ ୭୦ ବର୍ଷ ପରେ ମଧ୍ୟ ଭାରତୀୟ ଜନତା ପାର୍ଟି ପ୍ରାୟ ପ୍ରତ୍ୟେକ ଭାଷଣରେ ତାଙ୍କ ନାମ ଉଲ୍ଲେଖ କରିବାକୁ ବାଧ୍ୟ ହେଉଛି । ଆସନ୍ତୁ, ଆଜି ଜାଣନ୍ତୁ ନେହେରୁଙ୍କ ବିଷୟରେ କିଛି କଥା । ନେହେରୁ ସେହି ପ୍ରଧାନମନ୍ତ୍ରୀ ଥିଲେ, ଯିଏ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ନିଜ ସମ୍ପତ୍ତିକୁ ଦେଶର ନାମରେ ସମର୍ପଣ କରିଥିଲେ । ଯିଏ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟେକନେଲୋଜି, ଅଲ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ, ବଡ଼ ବଡ଼ ବିଦ୍ୟାଳୟ-ମହାବିଦ୍ୟାଳୟ ଏବଂ ବୈଜ୍ଞାନିକ ସଂସ୍ଥାନଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । (ଧ୍ୟାନ ରଖନ୍ତୁ ସେ ସଂସ୍ଥାଗୁଡ଼ିକ ଗଢ଼ିଥିଲେ, ବିକ୍ରି କରି ନଥିଲେ) । ନେହେରୁ କେବେ ନିର୍ବାଚନ ହାରିବାର ଭୟରେ ସଂବିଧାନ ପରିବର୍ତ୍ତନ କରିବାକୁ ଚେଷ୍ଟା କରିନଥିଲେ । ନେହେରୁ ବିରୋଧୀମାନଙ୍କୁ ଦେଶଦ୍ରୋହୀ ବୋଲି ଅଭିହିତ କରି ରାଜନୀତି କରିନଥିଲେ। ବରଂ ସେମାନଙ୍କୁ ସମ୍ମାନ ଦେଉଥିଲେ। ନେହେରୁ କେବେ ସେନାର ନାମରେ ଭୋଟ ମାଗି ନଥିଲେ । ନେହେରୁ ପ୍ରେସ ସମ୍ମିଳନୀରୁ ପଳାଇ ଯାଉ ନଥିଲେ । ବରଂ ଘଣ୍ଟା ଘଣ୍ଟା ଧରି ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଉଥିଲେ । ନେହେରୁ ସାଇଣ୍ଟିଫିକ ଟେମ୍ପରର କଥା କହୁଥିଲେ, ଅନ୍ଧଭକ୍ତିର ନୁହେଁ । ନେହେରୁ ବିଶ୍ୱବିଦ୍ୟାଳୟ ଏବଂ ସଂସ୍ଥାଗୁଡ଼ିକୁ ମଜବୁତ କରିଥିଲେ। ପ୍ରତ୍ୟେକ କାମକୁ କେବଳ ପ୍ରଚାର ଉତ୍ସବରେ ପରିଣତ କରିନଥିଲେ । ନେହେରୁ ସଂସ୍ଥାଗୁଡ଼ିକୁ ଶକ୍ତିଶାଳୀ କରିଥିଲେ, ବ୍ୟକ୍ତିପୂଜାର ସଂସ୍କୃତି ଗଢ଼ିନଥିଲେ । ନେହେରୁ ଭାରତୀୟ ଗଣତନ୍ତ୍ରକୁ ଏତେ ମଜବୁତ କରିଥିଲେ ଯେ, ତାଙ୍କ ପରେ ମଧ୍ୟ ଦେଶ ଗଣତାନ୍ତ୍ରିକ ଭାବେ ଚାଲିଆସିଛି। ନେହେରୁ ନିଜ ନାମରେ ଷ୍ଟାଡିୟମ ନିର୍ମାଣ କରି କିମ୍ବା ନିଜସ୍ୱ ବ୍ରାଣ୍ଡିଙ୍ଗ କରାଇନଥିଲେ ।

ନେହେରୁ କେବେ ନିଜକୁ "ବିଶ୍ୱଗୁରୁ" ବୋଲି ପ୍ରଚାର କରିନଥିଲେ । କାମ କରି ଭାରତର ପରିଚୟ ଗଢ଼ିଥିଲେ । ନେହେରୁଙ୍କ ଖୋଲାମେଲା ଆଲୋଚନା ହେଉଥିଲେ, କିନ୍ତୁ ସେ ନିଜ ସମାଲୋଚକମାନଙ୍କ ଉପରେ ଏନଫୋର୍ସମେଣ୍ଟ ଡକ୍ଟରେଟ କିମ୍ବା ସେଣ୍ଟ୍ରାଲ ବ୍ୟୁରୋ ଅଫ ଇନଭେଷ୍ଟିଗେସନକୁ ଲାଗୁ କରିନଥିଲେ। ନେହେରୁ ନିର୍ବାଚନ ଜିତିବା ପାଇଁ ଧର୍ମୀୟ ଧ୍ରୁବୀକରଣରେ ନିର୍ଭର କରୁନଥିଲେ ।

ନେହେରୁ ନିଜ ଛବିକୁ ଚମକାଇବାଠାରୁ ଅଧିକ ଦେଶର ସଂସ୍ଥାଗୁଡ଼ିକୁ ମଜବୁତ କରିବାରେ ଗୁରୁତ୍ୱ ଦେଉଥିଲେ । ଆଉ ମୋଦି ସରକାର କେବଳ ୪ ଟି ଲୋକଙ୍କ ବିକାଶ ରେ ଭାରତ ର ବିକାଶ ହେଉଛି ବୋଲି କହୁଛି ସେ ଚାରିଜଣ ହେଉଛନ୍ତି ଜୟ ଶାହା, ରାମଦେବ ବାବା, ଆଦାନୀ ଓ ଅମ୍ବାନୀ। ଦୁଇଜଣ ଗୁଜରାଟୀ ମୋଦୀ ଓ ଶାହା ଆମ ଦେଶକୁ ବିକୁଛନ୍ତି ଓ ଅନ୍ୟ ଦୁଇ ଜଣ ଗୁଜରାଟୀ ଆଦାନୀ ଓ ଅମ୍ବାନୀ ଆମ ଦେଶକୁ କିଣୁଛନ୍ତି । ଦେଖନ୍ତୁ ଏୟାରପୋର୍ଟ, ରେଲୱେ, ପୋର୍ଟ, ତେଲ, ଖଣି ଖାଦାନ, ଜଳ, ଜମି, ଜଙ୍ଗଲ ଏପରିକି ଆମ ନେଟୱାର୍କ ମଧ୍ୟ ସେଇ ଦୁଇ ଜଣଙ୍କ ହାତରେ । ନେହୁରଙ୍କ ସ୍ୱାଧୀନ ଭାରତ ଆଜି ପରାଧୀନ ଭାରତରେ ପରିଣତ ହେଲା ଭଳି ମନେ ହେଉଛି । ଆସନ୍ତୁ ଆମେ ଏକାଠି ହେବା ଏକ ବୈପ୍ଲବିକ ପରିବର୍ତ୍ତନ ଆହ୍ୱାନ ଦେବା । ବିପ୍ଲବ ଆଣିବା - ବିକଳ୍ପ ବାଛିବା - ବିକାଶ କରିବା ।

ଶାରଦା ପ୍ରସନ୍ନ ସ୍ୱାଇଁ
ସାଧାରଣ ସଂପାଦକ
ଜନ ଜାଗରଣ

Published by Sarada Prasanna Swain, at Aitalanga, Athantar, Near Narayani Temple, Bbsr, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj ,Mayur Printers, Plot No-D1/1, section-A, Zone-D,Mancheswar Industrial Estate, Khordha, Odhisha, 752102, Mobile Number-0674-3573358, Email-janabartadigital@gmail.com

ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra